- Vol.- 44, Issue No. 340
- Thursday,13 March 2025
- ଗୁରୁବାର, ୧୩ ମାର୍ଚ୍ଚ ୨୦୨୫
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI




ଶୁଭମନଙ୍କୁ ଫେବୃଆରିର ଶ୍ରେଷ୍ଠ ଖେଳାଳି ଘୋଷଣା କଲା ଆଇସିସି


Web: www.dinalipi.com, E-mail: dinalipinews@gmail.com


### ଜାଫର ଏକ୍ସପ୍ରେସ ଅପହରଣ ଘଟଣାର ଅବସାନ

## ମୁକୁଳିଲେ ୩୪୬ ପଣବନ୍ଦୀ

- ୩୩ ବିଦ୍ରୋହୀ ନିହତ
- ପଣବନ୍ଦୀଙ୍କୁ ହତ୍ୟା କରାଯିବ ବୋଲି ଧମକ ଦେଇଥିଲା ବିଏଲଏ



ନୂଆଦିଲ୍ଲୀ, ୧୨।୩: ପାକିସ୍ତାନୀ ସେନା ଓ ବେଲୁଚିସ୍ତାନ ବିଦ୍ରୋହୀଙ୍କ ମଧ୍ୟରେ ହୋଇଥିବା ରକ୍ତାକ୍ତ ସଂଘର୍ଷର ଅବସାନ ଘଟିଥିବା ପାକ୍ ସମ୍ବାଦପତ୍ରରେ କୁହାଯାଇଛି। ବିଦ୍ରୋହୀଙ୍କ ଠାରୁ ୩୪୬ ପଣବନ୍ଦୀଙ୍କୁ ଉଦ୍ଧାର କରାଯାଇଥିବା ବେଳେ ୩୩ ବିଦ୍ରୋହୀ ଏହି ଘଟଣାରେ ନିହତ ହୋଇଛନ୍ତି । ମଙ୍ଗଳବାର ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶରେ ବେଲୁଚିସ୍ତାନ ଲିବରେସନ ଆର୍ମି (ବିଏଲଏ) ଜାଫର ଏକ୍ସପ୍ରେସ ଅପହରଣ କରିଥିଲା । ପରେ ଏହା ବିବୃତି ଜାରିକରି କହିଥିଲା, ପାକିସ୍ତାନ ସରକାର ବନ୍ଦୀ ଥିବା ବେଲୁଚର ସୈନିକଙ୍କ ପ୍ରତି ଅଧିକ ଗୁରୁତ୍ୱ ଦେଖାଉନାହିଁ । ଏହାର ପରିଣାମ ଅଧିକ ଭୟଙ୍କର ହେବ । ତାର କବଜାରେ ୨୦୦ରୁ ଅଧିକ ପାକିସ୍ତାନୀ ସୈନିକ ଅଛନ୍ତି । ୨୪ ଘଣ୍ଟା ବିତିସାରିଛି, କିନ୍ତୁ ପାକିସ୍ତାନ ସରକାର ଆମ ଦାବିକୁ ଗୁରୁତ୍ୱର ସହ ବିଚାର କରୁନାହିଁ । ଓଲଟା ପାକିସ୍ତାନ ସରକାର ମିଛ ଖବର ପ୍ରଚାର କରିବାରେ ଲାଗିଛି। ଆମେ ଶେଷ ଥର ପାଇଁ ଚେତାବନୀ ଦେଉଛୁ । ଯଦି ଦାବି ପୂରଣ ନ ହୁଏ ତେବେ ପ୍ରତି ଘଣ୍ଟାରେ ୫ ପାକିସ୍ତାନୀ ସୈନିକଙ୍କୁ ହତ୍ୟା କରାଯିବ । ଟ୍ରେନର ସବୁ ପାକିସ୍ତାନ ସୈନିକ ଆମ କବ୍‌ଜାରେ ଅଛନ୍ତି । ପାକିସ୍ତାନ ସେନା ସହ ଜଡ଼ିତ ପ୍ରାୟ ୨୦୦ ଲୋକଙ୍କୁ ଆମେ ଆମ ପାଖରେ ରଖିଛୁ । ଆମ ସୈନିକଙ୍କୁ ପାକିସ୍ତାନ ସେନା ତୁରନ୍ତ ଛାଡ଼ିବା ପରେ ଆମେ ସେମାନଙ୍କ ସୈନିକଙ୍କୁ ଛାଡ଼ିବୁ । ଏହା ଆମ ଦୁଇ ପକ୍ଷ ମଧ୍ୟରେ ଯୁଦ୍ଧର ଏକ ବୁଝାମଣା ହେବ । ଅନ୍ୟପକ୍ଷେ ପାକିସ୍ତାନରେ ଏହି ପ୍ରସଙ୍ଗରେ କୌଣସି ବଡ଼ ଆଲୋଚନା ହେଉନାହିଁ। ଅପରାହ୍ଣ ପରଠୁ ବିଏଲ୍‌ଏ ବିରୋଧରେ ଚାଲିଥିବା ଅପରେସନ୍‌ର ଉପରେ କୌଣସି ବଡ଼ ସୂଚନା ଦିଆଯାଇନାହିଁ । ବିଏଲଏ ପକ୍ଷରୁ କୁହାଯାଇଛି ଯେ ଏହି ସଂଗଠନ ପକ୍ଷରୁ ୨୦ଘଣ୍ଟାର ମହଲତ ଦିଆଯାଉଛି, ପାକିସ୍ତାନକୁ ଦିଆଯାଇଥିବା ସର୍ତ୍ତ ପୂରଣ କରାଯାଉ। ନୋହିଲେ ସମସ୍ତ ପଣବନ୍ଦୀଙ୍କୁ ହତ୍ୟା କରାଯିବ । ଇତିମଧ୍ୟରେ ୧୦୦ରୁ ଅଧିକ ପାକ୍ ସୈନିକଙ୍କୁ ହତ୍ୟା କରାଯାଇଛି। ୯୦ରୁ ଅଧିକ ମହିଳା, ବୟସ୍କ ପଣବନ୍ଦୀଙ୍କୁ ମୁକ୍ତ କରାଯାଇଛି। ଅପରପକ୍ଷେ ପାକିସ୍ତାନ ଗଣମାଧ୍ୟମରେ କୁହାଯାଇଛି ପଣବନ୍ଦୀ ରଖିଥିବା ସମସ୍ତ ବିଦ୍ରୋହୀଙ୍କୁ ହତ୍ୟା କରାଯାଇଛି। କେତେକ ପଣବନ୍ଦୀଙ୍କ ମୃତ୍ୟୁ ଘଟିଛି।

## ସର୍ବନିମ୍ନ ସ୍ତରରେ ଖୁଚୁରା ମୁଦ୍ରାସ୍ଫୀତି



■ ୭ ମାସରେ ସବୁଠୁ କମ୍

ନୂଆଦିଲ୍ଲୀ, ୧୨।୩: ସାଧାରଣ ଲୋକଙ୍କ ପାଇଁ ଆଶ୍ୱସ୍ତିକର ଖବର ମିଳିଛି। ପନିପରିବା ଓ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମଗ୍ରୀ ମୂଲ୍ୟ କମିଛି । ଏଥି ଯୋଗୁଁ ଫେବୃଆରୀରେ ଖୁଚୁରା ମୁଦ୍ରାସ୍ଫୀତି ସାତ ମାସରେ ସର୍ବନିମ୍ନ ସ୍ତରରେ ପହଞ୍ଚିଛି । ଏହାସହ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଦ୍ୱାରା ସ୍ଥିର ସୀମାଠାରୁ ବି ମଧ୍ୟ କମ୍ ରହିଛି । ୨୦୨୫ ଫେବୃଆରୀରେ ଖୁଚୁରା ମୁଦ୍ରାସ୍ଫୀତି ହାର ୩.୬୧ ପ୍ରତିଶତ ରହିଛି । ଜାନୁଆରୀରେ ଖୁଚୁରା ମୁଦ୍ରାସ୍ଫୀତି ୪.୨୬ ପ୍ରତିଶତ ରହିଥିଲା ।ରୟଟର୍ସର ଏକ ସର୍ବେକ୍ଷଣରେ ଅନୁମାନ କରାଯାଇଥିଲା ଯେ ଫେବୃଆରୀରେ ମୁଦ୍ରାସ୍ଫୀତି ୩.୯୮ ପ୍ରତିଶତ ରହିବ । ତେବେ ଖାଦ୍ୟ-ପାନୀୟ ସାମଗ୍ରୀ ମୂଲ୍ୟ କମିବା ଯୋଗୁଁ ମୁଦ୍ରାସ୍ଫୀତି ହ୍ରାସ ଘଟିଛି । କଞ୍ଜ୍ୟୁମର୍ ପ୍ରାଇସ୍ ଇଣ୍ଡେକ୍ସ (ସିପିଆଇ) ରେ ଖାଦ୍ୟ-ପାନୀୟ ସାମଗ୍ରୀର ଭାଗ ପ୍ରାୟ ଅଧା ରହିଥାଏ । ଫେବୃଆରୀରେ ଖାଦ୍ୟ ମୁଦ୍ରାସ୍ଫୀତି କମି ୩.୭୫ ପ୍ରତିଶତ ହୋଇଛି, ଯାହା ଜାନୁଆରୀରେ ୫.୯୭ ପ୍ରତିଶତ ଥିଲା । ସରକାରୀ ତଥ୍ୟ ମୁତାବକ ଫେବୃଆରୀରେ ମୁଦ୍ରାସ୍ଫୀତି ୨୦୨୩ ମେ' ପରେ ସବୁଠୁ କମ୍। ପନିପରିବା ମୂଲ୍ୟରେ ମଧ୍ୟ ହ୍ରାସ ଘଟିଛି। ଜାନୁଆରୀ ପନିପରିବାର ଦାମ ୧୧.୩୫ ପ୍ରତିଶତ ବଢ଼ିଥିଲା, ଅନ୍ୟପକ୍ଷେ ଫେବୃଆରୀରେ କେବଳ ୧.୦୭ ପ୍ରତିଶତ ବଢ଼ିଛି । ଖାଦ୍ୟାନ୍ନ ମୂଲ୍ୟରେ ୬.୧୦ ପ୍ରତିଶତ ବୃଦ୍ଧି ଘଟିଛି, ଜାନୁଆରୀରେ ଏହା ୬.୨୪ ପ୍ରତିଶତ ଥିଲା । ସେହିପରି ଡାଲି ମୂଲ୍ୟରେ ୦.୩୫ ପ୍ରତିଶତ ହ୍ରାସ ଘଟିଛି, ଗତ ମାସରେ ଏଥିରେ ୨.୫୯ ପ୍ରତିଶତ ବୃଦ୍ଧି ଘଟିଥିଲା। ଗାଁରେ ମୁଦ୍ରାସ୍ଫୀତି କମ୍ ହୋଇ ୩.୭୯ ପ୍ରତିଶତ ହୋଇଛି, ଯାହା ଜାନୁଆରୀରେ ୪.୫୯ ପ୍ରତିଶତ ଥିଲା । ସହରରେ ଏହି ହାର ୩.୩୨ ପ୍ରତିଶତ ରହିଥିବା ବେଳେ ପୂର୍ବ ମାସରେ ଏହା ୩.୮୭ ପ୍ରତିଶତ ଥିଲା । ମୁଦ୍ରାସ୍ଫୀତିରେ ଏହି ହ୍ରାସ ଯୋଗୁଁ ଆଗାମୀ ମାସରେ ରିଜର୍ଭ ବ୍ୟାଙ୍କ ସୁଧହାର ହ୍ରାସ କରିପାରେ ।

## ବିଧାନସଭାକୁ ହଟିଲା ସାମ୍ବାଦିକଙ୍କ ମୋବାଇଲ କଟକଣା

ଭୁବନେଶ୍ୱର, ୧୨।୩: ବିଧାନସଭାକୁ ସାମ୍ବାଦିକଙ୍କ ମୋବାଇଲ କଟକଣା ହଟିଛି। ଫଳରେ ସାମ୍ବାଦିକ ଧାରଣାରୁ ହଟିଛନ୍ତି । ଏଥିନେଇ ସାମ୍ବାଦିକଙ୍କ ସହ ଆଲୋଚନା କରିବା ପରେ ବାଚସ୍ପତି ଏହି ନିଷ୍ପତ୍ତି ନେଇଛନ୍ତି। ପରେ ସାମ୍ବାଦିକମାନେ ଧାରଣାରୁ ପ୍ରତ୍ୟାହୃତ ହୋଇଛନ୍ତି । ସାମ୍ବାଦିକମାନେ ପ୍ରେସ୍ ଗ୍ୟାଲେରିକୁ ମୋବାଇଲ୍ ନେଇପାରିବେ, ହେଲେ କୌଣସି ଫଟୋ କିମ୍ବା ଭିଡ଼ିଓ ଉତ୍ତୋଳନ କରିପାରିବେନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି ବାଚସ୍ପତି । ସୂଚନା ମୁତାବକ, ବୁଧବାର ସାମ୍ବାଦିକଙ୍କ ପାଇଁ ଜାରି ହୋଇଥିଲା କଟକଣା । ସାମ୍ବାଦିକମାନେ ବିଧାନସଭାକୁ ଆଉ ମୋବାଇଲ୍ ନେଇ ପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଥିଲା । କାରଣ ମଙ୍ଗଳବାର ରଣକ୍ଷେତ୍ର ପାଲଟିଥିଲା ବିଧାନସଭା।

## ୨୨ରେ ଓଡ଼ିଶା ଆସିବେ ଅମିତ ଶାହ



ଭୁବନେଶ୍ୱର, ୧୨।୩ : ଆଗାମୀ ୨୨ ତାରିଖରେ ଓଡିଶା ଗସ୍ତରେ ଆସିବେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ । ସୂଚନା ଅନୁସାରେ ବିଭିନ୍ନ ପ୍ରକଳ୍ପର ସେ ଶିଳାନ୍ୟାସ କରିବେ। ରାଜ୍ୟ ବିଜେପି ସଭାପତି ଚୟନ ଏଯାଏଁ ହୋଇନାହିଁ । ଏନେଇ ଘନଘନ ବୈଠକ ବସୁଛି । ଏଦୃଷ୍ଟିରୁ ଅମିତ ଶାହ ଓଡ଼ିଶା ଗସ୍ତ ଗୁରୁତ୍ୱ ବହନ କରୁଛି।

## ରାସନ କାର୍ଡ: ଇ-କେୱାଇସି ପରେ ୮୪, ୭୫୭ ବାଦ୍




ଭୁବନେଶ୍ୱର, ୧୨।୩: ରାସନ କାର୍ଡ କ୍ଷେତ୍ରରେ ଇ-କେୱାଇସି ପରେ ୮୪, ୭୫୭ ଅଯୋଗ୍ୟ ହିତାଧିକାରୀ ବାଦ୍‌ପଡ଼ିଛନ୍ତି। ଏ ପର୍ଯ୍ୟନ୍ତ ମୋଟ ୨୨ହଜାର ୨୯୩ ଅଯୋଗ୍ୟ ରାସନ କାର୍ଡ ଚିହ୍ନଟ ହୋଇଛି। କଟକରୁ ସର୍ବାଧିକ ୨୫୫୪ କାର୍ଡ କଟିଛି। ବାଲେଶ୍ୱରରେ ୧୪୩୬, ନୟାଗଡ଼ ୧୬୧୮, ଖୋର୍ଦ୍ଧାରୁ ୧୩୪୫ କାର୍ଡ କଟିଛି । ବିଧାୟକ ଅଶ୍ୱିନୀ ପାତ୍ରଙ୍କ ପ୍ରଶ୍ନରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବୁଧବାର ବିଧାନସଭାରେ ଉତ୍ତର ରଖିଛନ୍ତି।

### ତାରା ନିଲମ୍ବନ ଓ ନାରୀ ନିର୍ଯାତନାର ପ୍ରତିବାଦ

## ୨୭ରେ ବିଧାନସଭା ଘେରିବ କଂଗ୍ରେସ

ଭୁବନେଶ୍ୱର, ୧୨।୩(ନିପ୍ର): ତାରା ବାହିନୀପତିଙ୍କୁ ନିଲମ୍ବନର ପ୍ରତିବାଦରେ ଆସନ୍ତା ୨୭ରେ ବିଧାନସଭା ଘେରିବ କଂଗ୍ରେସ। ପିସିସି ସଭାପତି ଭକ୍ତ ଚରଣ ଦାସ ଏହି ସୂଚନା ଦେଇଛନ୍ତି। ବୁଧବାର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ଠାରେ ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ଅଧ୍ୟକ୍ଷତାରେ ବରିଷ୍ଠ କଂଗ୍ରେସ ନେତୃବୃନ୍ଦଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ କଂଗ୍ରେସ ଭବନରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଓ ଅଖିଳ ଭାରତ କଂଗ୍ରେସ ସମ୍ପାଦୀକା ରୋଜାଲୀନା ତିର୍କୀ ଯୋଗ ଦେଇଥିଲେ। ପ୍ରଭାରୀ ଶ୍ରୀ ଲଲ୍ଲୁ ଓଡ଼ିଶାରେ ଗତ କିଛିଦିନ ଭିତରେ କଂଗ୍ରେସ ଦଳ ବିଭିନ୍ନ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଶାବାସୀଙ୍କର ପ୍ରିୟଭାଜନ ହେବାରେ ସନ୍ତୋଷ ପ୍ରକାଶ କରିବା ସହିତ ବିଜେପି ଶାସନ ସମୟରେ ନାରୀ ଓ କୋମଳମତି ବାଳିକାଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ଦୁଷ୍କର୍ମ ବିରୋଧରେ ଦଳ ଆହୁରି ପ୍ରଭାବୀ ଢ଼ଙ୍ଗରେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ବୈଠକ ସଂପର୍କରେ ସୂଚନା ଦେଇ ପିସିସି ସଭାପତି ଶ୍ରୀ ଦାସ କହିଲେ ଯେ, ଓଡ଼ିଶାରେ ନାରୀମାନଙ୍କ ପ୍ରତି ଅତ୍ୟାଚାର ଓ ଶିଶୁମାନଙ୍କ ଉପରେ ଯୌନ ଶୋଷଣ ସୀମା ଲଙ୍ଘିଛି। କଂଗ୍ରେସ ଦଳ ଏହାକୁ ଗୁରୁତ୍ୱର ସହିତ ନେଇ ରାଜ୍ୟବ୍ୟାପୀ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ କରିବା ସହିତ ରାଜରାସ୍ତାକୁ ଓହ୍ଲାଇଛି। ବିଧାନସଭା ଭିତରେ କଂଗ୍ରେସ ଦଳର ବିଧାୟକମାନେ ଏହାର ପ୍ରତିବାଦ କରିବାକୁ ଗଲାବେଳେ ସେମାନଙ୍କ ଉପରେ ଆକ୍ରମଣ କରାଯିବା ଓ ବରିଷ୍ଠ ବିଧାୟକ ତାରାବାହିନୀ ପତିଙ୍କୁ ୭ ଦିନ ପାଇଁ ନିଲମ୍ବନ କରିବା ଘଟଣାକୁ ସେ ନିନ୍ଦା କରିଥିଲେ।

## ଗିରଫ ହୋଇପାରନ୍ତି ରାଜା ଚକ୍ର



ଭୁବନେଶ୍ୱର, ୧୨।୩: ଗନ୍ଧମାର୍ଦ୍ଦନ ଖଣି ଲୋଡିଂ ଏଜେନ୍ସି ଦୁର୍ନୀତି ମାମଲାରେ ବିଜେଡି ନେତା ସୌମ୍ୟଶଙ୍କର ଚକ୍ର ଓରଫ ରାଜା ଚକ୍ର ଗିରଫ ହୋଇପାରନ୍ତି । ରାଜା ଓ ତାଙ୍କର ଅନ୍ୟ ଚାରି ସହଯୋଗୀଙ୍କ ଆଗୁଆ ଜାମିନ ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି। ଗନ୍ଧମାର୍ଦ୍ଦନ ଖଣି ଲୋଡିଂ ଏଜେନ୍ସି ଦୁର୍ନୀତି ମାମଲାରେ ରାଜା ଚକ୍ର ଓ ଅନ୍ୟ ସହଯୋଗୀଙ୍କ ବିଭିନ୍ନ ସ୍ଥାନରେ ଇଓଡବ୍ଲୁ ଚଢ଼ଉ ଜାରି ରଖିଛି ।ଓଡ଼ିଶା ଖଣି ନିଗମ ସହ ସହବନ୍ଧିତ ଥିବା କେନ୍ଦୁଝର ଶୁଆକାଟିସ୍ଥିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ ପ୍ରାୟ ୫୦କୋଟି ଟଙ୍କା ଅନିୟମିତା ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ବିଜେଡି ନେତା ରାଜା ଚକ୍ର କ୍ରାଇମବ୍ରାଞ୍ଚ ଜାଲରେ ପଡିଛନ୍ତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ରାଜା ଚକ୍ରଙ୍କ ୩ଟି ଠିକଣାରେ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା ଏବଂ ଏସ୍‌ଟିଏଫ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇଥିଲା।ଏହି ଚଢାଉ ବଣାଇ, ଗୋପାଳପୁର ବନ୍ଦର ଏବଂ କେନ୍ଦୁଝର ଟାଉନରେ ହୋଇଥିଲା। ଅନ୍ୟପକ୍ଷେ ରାଜାଙ୍କ ଉପରୁ ଅନ୍ତରୀଣ ସୁରକ୍ଷା ହଟିଛି।

## ରାସନ କାର୍ଡରେ ପୂର୍ବଭଳି ମିଳିବ ଗହମ: ମନ୍ତ୍ରୀ



ଭୁବନେଶ୍ୱର, ୧୨।୩: ଆଗାମୀ ଦିନରେ ରାଜ୍ୟର ଲୋକଙ୍କୁ ରାସନ କାର୍ଡ ମାଧ୍ୟମରେ ପୂର୍ବ ଭଳି ଗହମ ଯୋଗାଇ ଦିଆଯିବ। ଏ ସଂକ୍ରାନ୍ତ ଏକ ପ୍ରଶ୍ନ ନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଧାନସଭାରେ ଲିଖିତ ଉତ୍ତର ପ୍ରଦାନ କରିଛନ୍ତି। ମନ୍ତ୍ରୀ ସୂଚନା ପ୍ରଦାନ କରିଥିଲେ, କେନ୍ଦ୍ର ସରକାର ୨୦୨୪ ଅକ୍ଟୋବର ମାସରୁ ଖାଉଟିମାନଙ୍କୁ ଉଭୟ ଚାଉଳ ଓ ଗହମ ଯୋଗାଇ ଦେବାପାଇଁ ଆବଣ୍ଟନ ପତ୍ର ଜାରି କରିଥିଲେ। ଭାରତୀୟ ଖାଦ୍ୟ ନିଗମରୁ ଗହମ ଉଠାଣ କରିବା ପାଇଁ ଆବଶ୍ୟକୀୟ ପରିବହନ ବ୍ୟବସ୍ଥା ସ୍ଥିରୀକୃତ ହୋଇ ନ ଥିବାରୁ କେନ୍ଦ୍ର ସରକାରଙ୍କୁ ଅବଗତ କରାଇ ଗହମର ବଣ୍ଟନ ପ୍ରକ୍ରିୟାକୁ ସ୍ଥଗିତ ରଖି ହିତାଧିକାରୀଙ୍କୁ ୧୦୦ ପ୍ରତିଶତ ଚାଉଳ ବଣ୍ଟନ କରାଯାଉଛି। ଇତିମଧ୍ୟରେ କେନ୍ଦ୍ର ସରକାର ୨୦୨୫ ମାର୍ଚ୍ଚ ମାସଠାରୁ ଖାଉଟିମାନଙ୍କୁ ସମ୍ପୂର୍ଣ୍ଣ ଚାଉଳ ଯୋଗାଇ ଦେବା ପାଇଁ ଆବଣ୍ଟନ ପତ୍ର ଜାରି କରିଛନ୍ତି। ରାଜ୍ୟ ସରକାର ଗହମ ଉଠାଣ ପାଇଁ ସମସ୍ତ ଜିଲ୍ଲାରେ ପରିବହନ ବ୍ୟବସ୍ଥା ସ୍ଥିରୀକୃତ ହେବା ପରେ ଏନେଇ କେନ୍ଦ୍ର ସରକାରଙ୍କୁ ଅବଗତ କରାଇବେ। କେନ୍ଦ୍ର ସରକାରଙ୍କଠାରୁ ପ୍ରାପ୍ତ ପରିବର୍ତ୍ତିତ ଆବଣ୍ଟନ ପତ୍ର ଆଧାରରେ ହିତାଧିକାରୀଙ୍କୁ ଖାଦ୍ୟଶସ୍ୟ ବଣ୍ଟନ କରାଯିବ ବୋଲି ମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି।

## ବୌଦ୍ଧରେ ୪୦ ଡେଇଁଲା ପାରଦ

### ୧୨ ସହରରେ ତାପମାତ୍ରା ୩୮ ଡିଗ୍ରୀ ଟପିଲା

ଭୁବନେଶ୍ୱର, ୧୨।୩: ଚଳିତ ବର୍ଷ ପ୍ରଥମ ଥର ପାଇଁ ଓଡ଼ିଶାରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଅତିକ୍ରମ କରିଛି। ବୌଦ୍ଧ ରେ ବୁଧବାର ପାରଦ ଛୁଇଁଛି ୪୦.୫ ଡିଗ୍ରୀ ସେଲସିୟସ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ମିଳିଛି। ସେହିପରି ବଲାଙ୍ଗିରରେ ଦ୍ୱିତୀୟ ସର୍ବାଧିକ ତାପମାତ୍ରା ୩୯.୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ସେହିପରି ଟିଟିଲାଗଡ଼ରେ ୩୯.୫, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ରେ ୩୯.୪, ସମ୍ବଲପୁରରେ ୩୯.୩, ବାରିପଦାରେ ୩୯, ସୋନପୁରରେ ୩୮.୯, ଭଦ୍ରକ ୩୮.୮, ହୀରାକୁଦ ୩୮.୭, ରାଉରକେଲାରେ ୩୮.୪ ଓ ଭବାନୀପାଟଣାରେ ୩୮.୪ ଡିଗ୍ରୀ ସେଲସିୟସ ରେକର୍ଡ ହୋଇଛି। ଭୁବନେଶ୍ୱରରେ ୩୬.୬ ଓ କଟକରେ ୩୭ ଡିଗ୍ରୀ ତାପମାତ୍ରା ଥିବା ଜଣାପଡ଼ିଛି। ମୋଟ ଉପରେ ୧୨ ସହରରେ ତାପମାତ୍ରା ୩୮ ଡିଗ୍ରୀ ସେଲସିୟସ ଉପରେ ଥିବା ଜଣାପଡ଼ିଛି। ଆଗାମୀ ଚାରି ଦିନ ପାଇଁ ଓଡିଶା ପାଇଁ ଏକ ଗ୍ରୀଷ୍ମପ୍ରବାହ (ହିଟ୍‌ୱେଭ୍) ସତର୍କତା ଜାରି ହୋଇଛି। ପାଣିପାଗ ବିଶେଷଜ୍ଞ ମଧ୍ୟ ପୂର୍ବାନୁମାନ କରିଛନ୍ତି ଯେ ଓଡିଶାର ବହୁ ଜିଲାରେ ଆସନ୍ତା ପାଞ୍ଚ ଦିନ ମଧ୍ୟରେ ସର୍ବାଧିକ ତାପମାତ୍ରା (ଦିନର ତାପମାତ୍ରା) ଧୀରେ ଧୀରେ ୨-୩ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇବା ସମ୍ଭାବନା ରହିଛି ।ହୋଲି (ମାର୍ଚ୍ଚ ୧୫) ଦିନ ଓଡ଼ିଶାର ଅନେକ ଜିଲାରେ ହିଟ୍ ୱେଭ୍ ଅନୁଭବ ହେବାର ସମ୍ଭାବନା ଅଛି। ଝାରସୁଗୁଡା, ସମ୍ବଲପୁର, ବଲାଙ୍ଗୀର ଏବଂ ବୌଦ୍ଧ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହିଟ୍ ୱେଭ୍ ପରିସ୍ଥିତି ସୃଷ୍ଟି ହୋଇପାରେ।

## ୩୦ ଦିନିଆ ଅସ୍ତ୍ରବିରତି ପାଇଁ ୟୁକ୍ରେନ୍ ରାଜି

ନୂଆଦିଲ୍ଲୀ, ୧୨।୦୩ : ଋଷ୍ ସହ ଅସ୍ତ୍ରବିରତି ପାଇଁ ୟୁକ୍ରେନ୍ ସହମତି ପ୍ରକାଶ କରିଛି। ଏନେଇ ସାଉଦି ଆରବରେ ଆମେରିକା-ୟୁକ୍ରେନ୍ ମଧ୍ୟରେ ହୋଇଥିବା ଶାନ୍ତି କଥାବାର୍ତ୍ତା ସଫଳ ହୋଇଛି। ଆମେରିକାର ୩୦ ଦିନିଆ ଅସ୍ତ୍ରବିରତି ପ୍ରସ୍ତାବରେ ୟୁକ୍ରେନ୍ ରାଜି ହୋଇଛି। ୟୁକ୍ରେନ୍‌ର ଏହି ପଦକ୍ଷେପକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସ୍ୱାଗତ କରିଛନ୍ତି। ସେ କହିଛନ୍ତି ଯେ, ଏବେ ଅସ୍ତ୍ରବିରତି ପାଇଁ ପୁଟିନ ମାନିବେ ବୋଲି ଆଶା କରୁଛୁ। ଆଗାମୀ ଦିନରେ ୩ ବର୍ଷ ହେଲାଣି ଲାଗିରହିଥିବା ଋଷ-ୟୁକ୍ରେନ୍ ଯୁଦ୍ଧ ଉପରେ ବିରାମ ଲାଗିପାରେ। ଏଥିପାଇଁ ମୁଁ ଖୁବଶୀଘ୍ର ପୁଟିନଙ୍କ ସହ ଆଲୋଚନା କରିବି। ସାଉଦି ଆରବର ରିୟାଦରେ ଆମେରିକା-ୟୁକ୍ରେନ୍ ମଧ୍ୟରେ ହୋଇଥିବା ୯ ଘଣ୍ଟିଆ ଶାନ୍ତି କଥାବାର୍ତ୍ତା ସଫଳ ହୋଇଛି। ଏହି ଆଲୋଚନାରେ ଆମେରିକା ଦ୍ୱାରା ପ୍ରସ୍ତାବିତ ୩୦ ଦିନିଆ ଅସ୍ତ୍ରବିରତି ପାଇଁ ୟୁକ୍ରେନ୍ ରାଜି ହୋଇଛି। ୟୁକ୍ରେନ୍‌ର ଏହି ନିଷ୍ପତ୍ତି ପରେ ସାମରିକ ସହାୟତା ଉପରେ ଲାଗିଥିବା କଟକଣାକୁ ଆମେରିକା ପ୍ରତିବନ୍ଧକ ହଟାଇଛି। ୨୦୨୨ରେ ୟୁକ୍ରେନ ଉପରେ ଋଷର ଆକ୍ରମଣ ପରଠାରୁ ଆମେରିକା ଲଢ଼ିବା ଲାଗି ୟୁକ୍ରେନକୁ ସବୁ ପ୍ରକାର ସହାୟତା ଯୋଗାଇ ଦେଇଆସୁଥିଲା । କିନ୍ତୁ ଆମେରିକାରେ କ୍ଷମତା ପରିବର୍ତ୍ତନ ଘଟିବା ପରେ ତାର ଆଭିମୁଖ୍ୟ ମଧ୍ୟ ବଦଳି ଯାଇଛି ।

## ମଦ ପିଇ ହୋଲି ଖେଳିଲେ ହେବେ ଗିରଫ

ଭୁବନେଶ୍ୱର, ୧୨।୩(ନିପ୍ର): ହୋଲି ପର୍ବକୁ ଶୃଙ୍ଖଳିତ କରିବା ପାଇଁ ଗାଇଡଲାଇନ୍ ଜାରି କରିଛି କମିଶନରେଟ୍ ପୋଲିସ। ମଦ ପିଇ ହୋଲି ଖେଳିଲେ ଗିରଫ କରାଯିବ ବୋଲି କହିଛନ୍ତି ଭୁବନେଶ୍ୱର ଡିସିପି ଜଗମୋହନ ମୀନା। ସେ କହିଛନ୍ତି ହୋଲି ପରେ ମଦ୍ୟପାନ କରି କୌଣସି ନଦୀ ଓ ପୋଖରୀରେ ଗାଧୋଇବା ଉପରେ କଟକଣା ଜାରି କରାଯାଇଛି। ହୋଲି ଦିନ ସହରରେ ୨୦ ପ୍ଲାଟୁନ୍ ଫୋର୍ସ ମୁତୟନ ହେବେ। ସମସ୍ତ ଗାଧୁଆ ଘାଟରେ ପୋଲିସ ସହ ଅଗ୍ନିଶମ କର୍ମଚାରୀ ରହିବେ। ରାସ୍ତା ଉପରେ ହୋଲି ଖେଳି ଗହଳି କଲେ ପିସିଆରଭ୍ୟାନ୍ ଉଠାଇ ନେବ। ଯିଏ ରାସ୍ତାରେ ପାଟି ତୁଣ୍ଡ କରିବେ, ଗଣ୍ଡଗୋଳ କରିବେ, ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବ ପୋଲିସ । କେବଳ ହର୍ବାଲ୍ ରଙ୍ଗକୁ ଅନୁମତି ଦିଆଯିବ। କେମିକାଲ୍ ରଙ୍ଗ ଉପରେ କଟକଣା ରହିବ। ଏହା ସହିତ ହୋଲିରେ ମଦ ପିଇ ଗାଡି ନ ଚଲାଇବାକୁ ଡିସିପି ପରାମର୍ଶ ଦେଇଛନ୍ତି। ହୋଲି ଦିନ ଚେକିଂ, ବ୍ଲକିଂ ମଧ୍ୟ କରାଯିବ। ସବୁ ଥାନା ଅଧିକାରୀମାନେ ରାସ୍ତାରେ ଜଗିବେ । ହୋଲି ପୂର୍ବରୁ ରାଜଧାନୀର ସମସ୍ତ ହୋଟେଲ, ଲଜ ରେ ଯାଞ୍ଚ କରାଯିବ। ମଦ ବିକ୍ରି ଏବଂ କେମିକାଲ ରଙ୍ଗ ବିକ୍ରି ଉପରେ ପୋଲିସର ନଜର ରହିବ। ଶାନ୍ତି ଶୃଙ୍ଖଳାର ସହ ହୋଲି ସେଲିବ୍ରେସନ କରିବାକୁ ଅନୁରୋଧ କରିଛନ୍ତି ଭୁବନେଶ୍ୱର ଡିସିପି ।

## ରାଜ୍ୟରେ ପାଳନ ହେବ ଶୂନ୍ୟ ସଡ଼କ ଦୁର୍ଘଟଣା ଦିବସ

### ମହିଳାଙ୍କ ନେତୃତ୍ୱ ହେବ ସଡ଼କ ସୁରକ୍ଷାର ପ୍ରମୁଖ ବାହକ, ମାସେ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ




ଭୁବନେଶ୍ୱର, ୧୨।୩(ନିପ୍ର): ସଡ଼କ ସୁରକ୍ଷା ଓ ଆଚରଣରେ ପରିବର୍ତ୍ତନ ପାଇଁ ଓଡ଼ିଶା ସରକାର ଏକ ପରିବର୍ତ୍ତନକାରୀ ପଦକ୍ଷେପ ଆଣିବାକୁ ଯାଉଛନ୍ତି। ଖୁବ୍ ଶୀଘ୍ର ରାଜ୍ୟରେ ଆରମ୍ଭ ହେବ ୩୦ ଦିନିଆ ଶୂନ୍ୟ ଦୁର୍ଘଟଣା ଦିବସ(ଜାଡ୍)। ମହିଳାଙ୍କ ଦ୍ୱାରା ପରିଚାଳିତ ହେବାକୁ ଥିବା ଏହି ପଦକ୍ଷେପ ଏକ ମଲ୍ଟି ଷ୍ଟେକହୋଲଡର୍ସ କାର୍ଯ୍ୟକ୍ରମ ହେବ ଯାହା ସଡ଼କର ଉପଯୁକ୍ତ ବ୍ୟବହାର ଦିଗରେ ଏକ ବାତାବରଣ ସୃଷ୍ଟି କରିବାରେ ଲକ୍ଷ୍ୟ ରଖୁଛି। ବୁଧବାର ଭୁବନେଶ୍ୱରସ୍ଥିତ ଖାରବେଳ ଭବନଠାରେ ବାଣିଜ୍ୟ ଓ ପରିବହନ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଆଇଆଇଟି ମାଡ୍ରାସର ବିଶେଷଜ୍ଞ ଏହି ଅଭିଯାନକୁ ସୁପରିଚାଳନା କରିବା ଦିଗରେ ରଣନୀତି ଉପସ୍ଥାପନା କରିଥିଲେ। ବରିଷ୍ଠ ଅଧିକାରୀ, ଆଇନ ପ୍ରବର୍ତ୍ତନ ସଂସ୍ଥା, ନଗର ଯୋଜନାକାରୀ ଏବଂ ପୌର ସଂସ୍ଥା ଏକତ୍ର ହୋଇ ସଡ଼କ ସୁରକ୍ଷା ମାନଦଣ୍ଡକୁ ପୁନଃ ସୁଦୃଢ଼ କରିବାକୁ ଆଲୋଚନା କରାଯାଇଥିଲା। ପ୍ରମୁଖ ଶାସନ ସଚିବ ଶ୍ରୀମତୀ ପାଢୀ ଏହି ପଦକ୍ଷେପକୁ ସଫଳ କରିବା ପାଇଁ ସାମୂହିକ ଦାୟିତ୍ୱ ଏବଂ ଆନ୍ତଃବିଭାଗୀୟ ସମନ୍ୱୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। 'ସଡ଼କ ସୁରକ୍ଷା କେବଳ ଏକ ନୀତି ନୁହେଁ - ଏହା ଏକ ମିଶନ ଯାହା ପ୍ରତ୍ୟେକ ନାଗରିକଙ୍କ ସହଯୋଗ ଆବଶ୍ୟକ କରେ। ଶୂନ୍ୟ ଦୁର୍ଘଟଣା ଦିବସ ମାଧ୍ୟମରେ ଆମର ସଡ଼କ କିଭଳି ସୁରକ୍ଷିତ, ସଶକ୍ତ ଓ ସ୍ମାର୍ଟ ହେବ ସେ ନେଇ ଆମେ ବିଭିନ୍ନ ସମ୍ପ୍ରଦାୟ ବିଶେଷକରି ମହିଳାଙ୍କ ନେତୃତ୍ୱକୁ ଗୁରୁତ୍ୱ ଦେଉଛୁ। ଏହି ଅଭିଯାନ ଦୁର୍ଘଟଣା ହ୍ରାସ କରିବା, ଦାୟିତ୍ୱପୂର୍ଣ୍ଣ ଡ୍ରାଇଭିଂ ବ୍ୟବହରକୁ ପ୍ରୋତ୍ସାହିତ କରିବା ଏବଂ ଯାତ୍ରୀମାନଙ୍କ ମଧ୍ୟରେ ସୁରକ୍ଷା-ପ୍ରଥମେ ମାନସିକତା ସୃଷ୍ଟି କରିବା ପାଇଁ ଅଭିନବ ତଥା ପ୍ରମାଣ-ଭିତ୍ତିକ ଉପାୟ ପ୍ରୟୋଗ ହେବ। ମହିଳାମାନେ ପରିବର୍ତ୍ତନର ଦୂତ ଭାବରେ, ସଚେତନତା ଅଭିଯାନର ନେତୃତ୍ୱ ନେବା, ସମ୍ପ୍ରଦାୟ ସହିତ ଜଡିତ ହେବା ଏବଂ ସମାଧାନରେ ନେତୃତ୍ୱ ପ୍ରଦର୍ଶନ କରିବା ଭାବରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଏସଆରଟିସିର ସିଏମଡି ଦୀପ୍ତେଶ କୁମାର ପଟ୍ଟନାୟକ, ପରିବହନ କମିଶନର ଅମିତାଭ ଠାକୁର, ଟ୍ୱିନସିଟି ପୋଲିସ କମିଶନର ଡକ୍ଟର ଏସ. ଦେବଦତ ସିଂହ, କ୍ରୁଟ ଏମଡି ଡକ୍ଟର ଏନ ଥିରୁମାଲା ନାୟକ, ଆଇଆଇଟି ମାଡ୍ରାସର ପ୍ରଫେସର ଭେଙ୍କଟେଶ ବାଲସୁବ୍ରମଣିଆନ୍‌ଙ୍କ ସମେତ ବିଭିନ୍ନ ବିଭାଗର ପ୍ରତିନିଧି, ବରିଷ୍ଠ ଅଧିକାରୀ ଏବଂ ପ୍ରମୁଖ ଅଂଶୀଦାରମାନେ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# କିଏ ଖେଳିଥିଲେ ପ୍ରଥମେ

ପୃଥିବୀରେ ପୂର୍ବରୁ ଦେବଲୋକରେ ରଙ୍ଗର ପର୍ବ ହୋଲି ଖେଳାଯାଉଥିଲା। ହୋଲି ସହିତ ଜଡିତ ଅନେକ ପୌରାଣିକ କାହାଣୀ ମଧ୍ୟରୁ ଅନ୍ୟତମ କାହାଣୀ ଭଗବାନ ଶିବ ଏବଂ ବିଷ୍ଣୁ ଉଭୟଙ୍କ ସହ ଜଡିତ।








ଆଗକୁ ଆସୁଛି ହୋଲି । ସାରା ଦେଶରେ ହୋଲି ପାଇଁ ଉତ୍ସବର ମାହୋଲ ରହିଛି । ଅନେକ ସ୍ଥାନରେ ବର୍ତ୍ତମାନ ଠାରୁ ହୋଲିର ପ୍ରସ୍ତୁତି ଆରମ୍ଭ ହୋଇସାରିଛି । ବିଭିନ୍ନ ସ୍ଥାନରେ ଏହାକୁ ଭିନ୍ନ ଭିନ୍ନ ଢଙ୍ଗରେ ମନାଯାଇଥାଏ । ଏହି ଦିନ ଲୋକମାନେ ପରସ୍ପର ସହ ରଙ୍ଗ ଲଗାନ୍ତି । ପାଣି ବେଲୁନ ଏବଂ ପାଣି ବନ୍ଧୁକ ସହିତ ହୋଲି ଖେଳିବାର ମଧ୍ୟ ଏକ ପରମ୍ପରା ଅଛି। ଏହି ବର୍ଷ ହୋଲି ୧୪ ମାର୍ଚ୍ଚ ୨୦୨୫ରେ ପାଳନ କରାଯିବ । ହୋଲି ଭାରତର ପୁରାତନ ପର୍ବ ମଧ୍ୟରୁ ଅନ୍ୟତମ। ଯଦି ଆମେ ହୋଲିର ଉତ୍ପତ୍ତି କିମ୍ବା ହୋଲିର ଇତିହାସ ବିଷୟରେ ଆଲୋଚନା କରିବା, ତେବେ ହୋଲିର ବର୍ଣ୍ଣନା ଅନେକ ପୌରାଣିକ କାହାଣୀରେ ମିଳିଥାଏ। ପୃଥିବୀରେ ପୂର୍ବରୁ ଦେବଲୋକରେ ରଙ୍ଗର ପର୍ବ ହୋଲି ଖେଳାଯାଉଥିଲା।

ହୋଲି ସହିତ ଜଡିତ ଅନେକ ପୌରାଣିକ କାହାଣୀ ମଧ୍ୟରୁ ଅନ୍ୟତମ କାହାଣୀ ଭଗବାନ ଶିବ ଏବଂ ବିଷ୍ଣୁ ଉଭୟଙ୍କ ସହ ଜଡିତ। ପୌରାଣିକ କାହାଣୀ ଅନୁସାରେ, ବିଶ୍ୱର ପ୍ରଥମ ହୋଲି ପ୍ରଭୁ ମହାଦେବ ଖେଳିଥିଲେ। ଏହି କାହାଣୀଟି ପ୍ରେମର ଦେବତା କାମଦେବ ଏବଂ ତାଙ୍କ ପତ୍ନୀ ରତିଙ୍କ ସହ ଜଡିତ। ଏହି କାହାଣୀ ଅନୁସାରେ, ଯେତେବେଳେ ଭଗବାନ ଶିବ କୈଳାସ ଉପରେ ତାଙ୍କର ଧ୍ୟାନରେ ମଗ୍ନ ଥିଲେ। ତା'ପରେ ତାରକାସୁରକୁ ବଧ କରିବା ପାଇଁ, କାମଦେବ ଏବଂ ରତି ଶିବଙ୍କୁ ଧ୍ୟାନରୁ ଉଠାଇବା ପାଇଁ ନୃତ୍ୟ ଆରମ୍ଭ କଲେ। ରତି ଏବଂ କାମଦେବଙ୍କ ନୃତ୍ୟ ଦ୍ୱାରା ଭଗବାନ ଶିବଙ୍କ ଧ୍ୟାନ ବିଚଳିତ ହୋଇଗଲା, ଯାହା ଫଳରେ ଶିବ କ୍ରୋଧିତ ହୋଇ ସେ ଅଗ୍ନିରେ କାମଦେବଙ୍କୁ ଜାଳି ଦେଲେ। ଯେତେବେଳେ ରତି ଅନୁତାପରେ କାନ୍ଦିଲେ, ଭଗବାନ ଶିବ ତାଙ୍କ ପ୍ରତି ଦୟା କଲେ ଏବଂ କାମଦେବଙ୍କୁ ପୁନର୍ବାର ଜୀବିତ କଲେ। ଏହି ଖୁସିରେ ରତି ଏବଂ କାମଦେବ ବ୍ରଜ ମଣ୍ଡଳରେ ବ୍ରହ୍ମଭୋଜନର ଆୟୋଜନ କରିଥିଲେ, ଯେଉଁଥିରେ ଦେବୀ ଏବଂ ଦେବତାମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ। ଚନ୍ଦନ ତିଳକ ଲଗାଇ ରତି ଏହି ଆୟୋଜନ ପାଳନ କରିଥିଲେ। କୁହାଯାଏ ଯେ ଏହି ଦିନଟି ଫାଲଗୁନ ପୂର୍ଣ୍ଣିମା ଥିଲା। ହୋଲି ସହିତ ଜଡିତ ଆଉ ଏକ ପୌରାଣିକ କାହାଣୀ ପୁରାଣ ସହିତ ଜଡିତ। ଏହି ଅନୁସାରେ, ବ୍ରହ୍ମଭୋଜନର ଆନନ୍ଦରେ, ଭଗବାନ ଶିବ ଡମ୍ବରୁ ବଜାଇଥିଲେ ଏବଂ ଭଗବାନ ବିଷ୍ଣୁ ବଂଶୀ ବଜାଇଥିଲେ। ଦେବୀ ପାର୍ବତୀ ବୀଣାର ସ୍ୱର ବଜାଇଥିବା ବେଳେ, ଦେବୀ ସରସ୍ୱତୀ ବସନ୍ତର ରାଗରେ ଗୀତ ଗାଇଥିଲେ ବୋଲି ବିଶ୍ୱାସ କରାଯାଏ ।

# ହୋଲିକା ଅଗ୍ନିରେ କି କି ସାମଗ୍ରୀ ଅର୍ପଣ ମନା

ହୋଲିକାରେ ପାଣି ଥିବା ନଡିଆ ଅର୍ପଣ ଅନୁଚିତ। ସବୁବେଳେ ଶୁଖିଲା ନଡ଼ିଆ ଅର୍ପଣ କରିବା ଉଚିତ । କାରଣ ପାଣି ନଡିଆ ଅର୍ପଣ ଦ୍ୱାରା ଜନ୍ମ କୁଣ୍ଡଳୀରେ ଚନ୍ଦ୍ରଙ୍କ ସ୍ଥିତି ଖରାପ ହୋଇଥାଏ । ଯାହା ଦ୍ୱାରା ଜୀବନରେ ଅନେକ ସମସ୍ୟା ଦେଖାଦେଇଥାଏ । ହୋଲିକା ଅଗ୍ନି ପବିତ୍ର ହୋଇଥିବାରୁ ସେଥିରେ ଭଙ୍ଗା ଜିନିଷ ଯେପରି ଖଟ, ସୋଫା ଆଦି ଜାଳିବା ଅଶୁଭ ହୋଇଥାଏ । ଏହାଦ୍ୱାରା ଶନି, ରାହୁ ଓ କେତୁଙ୍କର କୁଦୃଷ୍ଟି ପଡିଥାଏ । ହୋଲିକା ଅଗ୍ନିରେ ଶୁଖିଲା ଗହମ ଏବଂ ଶୁଖିଲା ଫୁଲ ଅର୍ପଣ କରିବା ଅନୁଚିତ।

- ଶୁଖିଲା ନଡିଆ ଅର୍ପଣ ଅତ୍ୟନ୍ତ ଶୁଭ ହୋଇଥାଏ ।
- ଅଗ୍ନିରେ ଅକ୍ଷତ ସହିତ ସତେଜ ଫୁଲ ଅର୍ପଣ କରିବା ଉଚିତ୍ ।
- ଅଗ୍ନିରେ ନିମ୍ବ ପତ୍ର ସହିତ କର୍ପୂର ମଧ୍ୟ ଅର୍ପଣ କରିବା ଉଚିତ।
- ଏଥିରେ ଘିଅରେ ଭିଜା ପାନପତ୍ର ଏବଂ ମିଠା ଅର୍ପଣ କରିବା ଉଚିତ।
- ଚାନ୍ଦି କିମ୍ବା ତମ୍ବା କଳସରେ ଜଳ ଏବଂ ରଙ୍ଗ ଅର୍ପଣ କରିବା ଉଚିତ।
- ହୋଲିକା ଦହନରେ ହଳଦୀ ଓ ଘଷି ଅର୍ପଣ କରିବା ଉଚିତ।



# ଇନ୍ଦ୍ର ବଦଳନ୍ତି ଶଚି ବଦଳନ୍ତି ନାହିଁ

ସ୍ୱର୍ଗର ସିଂହାସନ ଇନ୍ଦ୍ରଙ୍କର ଆସନ ବସି ପ୍ରଶାସନ ଚଳାଇବା ଜାଗା ପୁଣ୍ୟ ବଳରେ ଇନ୍ଦ୍ର ହେବା କୁହାଯାଏ। ଇନ୍ଦ୍ର ଭୋଗ ସ୍ୱର୍ଗ ରାଜ୍ୟ ଓ ସ୍ୱର୍ଗର ସୁନ୍ଦରୀ ନର୍ତ୍ତକୀ ରଙ୍ଗସଭା ଇନ୍ଦ୍ରଙ୍କ ଭୋଗ୍ୟା। ନାରୀ ଶ୍ରେଷ୍ଠା ସ୍ୱର୍ଗର ରାଣୀ ସେ ନ ବଦଳି କେବଳ ଇନ୍ଦ୍ର ବଦଳନ୍ତି, ଇନ୍ଦ୍ର ମଘବା ମେଘ ତାଙ୍କର ହାତରେ ଆୟୁଧ ବଜ୍ର । ତାଙ୍କର ମେଘମାଳା ସୃଷ୍ଟି ରକ୍ଷାର ଏକ ବିଶେଷ ଉତ୍ସ। ସ୍ୱର୍ଗରାଜ୍ୟ ପରିଚାଳନା ହେଉଛି ଇନ୍ଦ୍ରଙ୍କର ପାରିଷଦ ଗଣ ଓ ସମସ୍ତ ପ୍ରଜାଗଣ ଦ୍ୱାରା ସ୍ୱର୍ଗ ପାରିଷଦ ଓ ପ୍ରଜାଗଣ ଇନ୍ଦ୍ରାଣି ସୁଧର୍ମା କେବେ ବଦଳିନଥାଏ। ଏପରି ପରମ୍ପରା ସ୍ୱର୍ଗରେ ସର୍ବଦା ରହିଛି। ଯେ ଇନ୍ଦ୍ର ହୋଇଥାନ୍ତୁ ସେହି ଏକ ଆୟୁଧ ଏକ ରାଜ୍ୟ ନାମ ଓ ବଂଶାନୁକ୍ରମିକ ପ୍ରଜା ସହିତ ସୁଧର୍ମାସଭା ସ୍ୱର୍ଗର ଶ୍ରୀସୁନ୍ଦରୀ ପାରିଷଦ ସେପରି ଏକ ରହେ। ଯାନ ସ୍ଥାନ ଅକ୍ଷୁଣ୍ଣକୁ ସମସ୍ତ ବୟସ ବଢ଼େଇ ଛିଡ଼େନାହିଁ। ସର୍ବଦା ଏ ଋତୁ ବସନ୍ତ ପରି ଭୋଗ ରହେ। ମର୍ତ୍ତ୍ୟର ପ୍ରଜା କେବେ ବା ବଦଳନ୍ତି ନାହିଁ। ଭୂମି ପଡ଼ି ରହିଛି, ହେଲେ ସମୟକୁ ପ୍ରଜା ଓ ଭୂମି ବଢ଼ିଥାଏ ବା କମିଥାଏ। ପ୍ରଜା ବିଭିନ୍ନ ଉପାସକ ଆକାରରେ ରହିଥାନ୍ତି।



## ସମାବର୍ତ୍ତନ ସଂସ୍କାର

ଗୁରୁକୁଳର ସମସ୍ତ ବିଦ୍ୟା ଶିକ୍ଷାର ସମାପନ ପରେ ସମାଜକୁ ବା ସ୍ୱଗୃହକୁ ଫେରାଇ ଆଣିବାକୁ ସମାବର୍ତ୍ତନ ସଂସ୍କାର କୁହାଯାଏ । ଜୀବନ ପଥର ସଂଗ୍ରାମକୁ ପ୍ରସ୍ତୁତ କରିବାକୁ ମଧ୍ୟ ଏହି ସଂସ୍କାର କୁହାଯାଏ ।

# ଶୁଭ ସମୟର ପୂର୍ବ ସୂଚନା

ମନୁଷ୍ୟ ସର୍ବଦା ସୁଖପ୍ରାପ୍ତି ପାଇଁ ବ୍ୟଗ୍ର ହୋଇଥାଏ। କିନ୍ତୁ ଏହା ତାକୁ ମିଳି ନ ଥାଏ। କେତେବେଳେ ସୁଖ ତ କେତେବେଳେ ଦୁଃଖ ଭୋଗିବାକୁ ପଡ଼ିଥାଏ। ଯଦି ଆପଣ ଦୀର୍ଘଦିନ ଦିନ ଦୁଃଖ ବା ଖରାପ ସମୟ ଦେଇ କରୁଛନ୍ତି ଏହାପରେ ଏକ ଭଲ ସମୟ ମଧ୍ୟ ଆପଣଙ୍କୁ ଅପେକ୍ଷା କରିଥାଏ । ତେବେ ଆସନ୍ତୁ ଜାଣିବା ଆପଣଙ୍କର ଭଲ ସମୟ ଆସିବା ପୂର୍ବରୁ ଭଗବାନ କେମିତି ଦେଇଥାନ୍ତି ସୂଚନା । ଯଦି ଆପଣ କୌଣସି ବିଶେଷ କାର୍ଯ୍ୟ ବା ଚାକିରି ପାଇଁ ଇଣ୍ଟରଭ୍ୟୁ ଦେବାକୁ ଯାଉଛନ୍ତି ଏବଂ ହଠାତ୍ ଆପଣଙ୍କ ସାମ୍ନାରେ କୌଣସି ଗାଈ କିମ୍ବା ନଡ଼ିଆ ଦେଖିବାକୁ ମିଳେ ତେବେ ଏହା ଆପଣଙ୍କ ପାଇଁ ଶୁଭ ସଙ୍କେତ ହୋଇଥାଏ। ସକାଳୁ କୌଣସି କାର୍ଯ୍ୟରେ ବାହାରିବା ସମୟରେ ବୁଢ଼ିଆଣୀ ଜାଲ ବୁଣୁଥିବା ଦେଖିଲେ, ଏହା ଭଲ ସମୟ। ଆଗମନର ସୂଚନା ପ୍ରଦାନ କରିଥାଏ। ସେହିପରି ମନ୍ଦିରରେ ପୂଜା କରୁଥିବା ସମୟରେ ଠାକୁରଙ୍କୁ ଅର୍ପଣ କରାଯାଇଥିବା ଫୁଲ ହଠାତ୍ ଆପଣଙ୍କ ଉପରେ କିମ୍ବା ସାମ୍ନାରେ ପଡ଼ିଯାଏ ତେବେ ଶୁଭ ସମୟ ଆଗତ ବୋଲି ବୁଝିବାକୁ ହେବ । ଏହାଦ୍ୱାରା ଭଗବାନ ଆପଣଙ୍କ ଉପରେ ପ୍ରସନ୍ନ ହୋଇଥାନ୍ତି।



# -ସମ୍ମାନର ଅଧିକାରୀ-

ରାଜା ଶତ୍ରୁଦମନଙ୍କ ପୁତ୍ର ଅରିଦମନ ଅତ୍ୟନ୍ତ ଅହଂକାରୀ ଥିଲେ । ତାଙ୍କ ଠାରେ କରୁଣା, ଉଦାରତା, ଦୟା, ସେବା, ସହାନୁଭୂତି ଭଳି ଗୁଣର ଅଭାବ ଥିଲା । ରାଜା ମଧ୍ୟ ପୁତ୍ରର ସ୍ୱଭାବକୁ ନେଇ ଚିନ୍ତିତ ଥିଲେ । ତେଣୁ ସେ ଜଣେ ସିଦ୍ଧ ମହାତ୍ମାଙ୍କ ନିକଟକୁ ପୁତ୍ରକୁ ପଠାଇ ଦେଲେ । ମହାତ୍ମାଙ୍କ ନିକଟରେ ରହିଲେ ପୁତ୍ରର ସ୍ୱଭାବ ପରିବର୍ତ୍ତନ ହେବ ବୋଲି ରାଜାଙ୍କର ବିଶ୍ୱାସ ରହିଥିଲା । ଦିନେ ମହାତ୍ମା ରାଜପୁତ୍ର ଅରିଦମନଙ୍କୁ ଏକ ଗଛରୁ ପତ୍ର ତୋଳି ଆଣିବାକୁ କହିଲେ । ଏଥିସହିତ ଆଦେଶ ଦେଲେ ଯେ, ଯେଉଁ ପତ୍ରରେ ପୋକ ଲାଗିନଥିବ କିମ୍ବା ଫିମ୍ପି ନହୋଇଥିବ ତୁମେ ସେଭଳି ପତ୍ର ଆଣିବ । ଅରିଦମନ ଜଙ୍ଗଲକୁ ଗଲେ । ସେ ବହୁ ଗଛରେ ଖୋଜାଖୋଜି କଲେ ବି ଗୋଟିଏ ହେଲେ ଭଲ ପତ୍ର ପାଇଲେ ନାହିଁ । ତେଣୁ ସେ ଫେରିଆସିଲେ । ମହାତ୍ମାଙ୍କୁ ସେ କହିଲେ, ଗୁରୁଦେବ ! ମୁଁ ଅନେକ ଖୋଜିଲି, କିନ୍ତୁ ଗୋଟିଏ ହେଲେ ଭଲ ପତ୍ର ପାଇଲି ନାହିଁ । ସବୁ ପତ୍ର ପୋକ ଲାଗିଯାଇଥିଲା । ମହାତ୍ମା କହିଲେ, ପୁତ୍ର ! ଜୀବନ ମଧ୍ୟ ଏହି ବୃକ୍ଷ ଭଳି । ଜୀବନରୁ ଦୁର୍ଗୁଣ ରୂପୀ ଦୋଷଦୁର୍ବଳତା ତ୍ୟାଗ ନକଲେ ପୋକ ଲାଗିଥିବା ପତ୍ର ବୃକ୍ଷକୁ ନଷ୍ଟ କରିଦେବା ଭଳି ଦୁର୍ଗୁଣ ଜୀବନକୁ ନଷ୍ଟ କରିଦେଇଥାଏ । ଦୋଷ ଦୁର୍ଗୁଣ ତ୍ୟାଗ କଲେ ମନୁଷ୍ୟର ଜୀବନରେ ମଧୁରତା ଫେରିଆସିଥାଏ । ଘୃଣା, ଅହଂକାର, କ୍ରୋଧ, ଲୋଭ, ମୋହ ଆଦି ତ୍ୟାଗ କଲେ ମନୁଷ୍ୟ ଉତ୍ତମଗୁଣର ଅଧିକାରୀ ହୋଇଥାଏ । ଉତ୍ତମ ସ୍ୱଭାବ ସମ୍ପନ୍ନ ମନୁଷ୍ୟ ସମାଜରେ ସର୍ବଦା ସମ୍ମାନ ପ୍ରାପ୍ତ କରିଥାଏ ।



# ତରଳିବ ହିମଖଣ୍ଡ, ମାକାରୋନି ପେଙ୍ଗୁଇନ୍‌କୁ କରିପାରେ ପ୍ରଭାବିତ

ତରଳିବ ବିଶ୍ୱର ସର୍ବବୃହତ୍ ହିମଖଣ୍ଡ ଏ୨୩ଏ । ଦକ୍ଷିଣ ଜର୍ଜିଆର ସୁଦୂର ବ୍ରିଟିଶ୍ ଦ୍ୱୀପର ଅଗଭୀର ପାଣିରେ ଏହା ଅଟକି ଯାଇଛି । ସେଠାରେ ଲକ୍ଷ ଲକ୍ଷ ସଂଖ୍ୟାରେ ପେଙ୍ଗୁଇନ୍ ଓ ସିଲ୍ ରହନ୍ତି । ଗ୍ରେଟର ଲଣ୍ଡନର ଆକାରଠାରୁ ପ୍ରାୟ ଦୁଇଗୁଣ ବଡ଼ ଏହି ହିମଖଣ୍ଡ ଫସି ଯାଇଥିବା ଭଳି ମନେ ହେଉଛି । ଦ୍ୱୀପର ଦକ୍ଷିଣ ପଶ୍ଚିମ ତଟରେ ଏହା ତରଳିବା ଆରମ୍ଭ କରିପାରେ । ମତ୍ସଜୀବୀମାନେ ଭୟ କରୁଛନ୍ତି ଯେ ଏହାଯୋଗୁ ସେମାନଙ୍କୁ ବରଫର ବିଶାଳ ଖଣ୍ଡ ସହ ସଂଘର୍ଷ କରିବାକୁ ପଡିପାରେ । ଏହା ସେହି ଅଞ୍ଚଳରେ ରହୁଥିବା କିଛି ମାକାରୋନି ପେଙ୍ଗୁଇନ୍‌ମାନଙ୍କୁ ମଧ୍ୟ ପ୍ରଭାବିତ କରିପାରେ । କିନ୍ତୁ ଆଣ୍ଟାର୍କଟିକାର ବୈଜ୍ଞାନିକମାନଙ୍କ କହିବା ଅନୁସାରେ, ବରଫଖଣ୍ଡ ମଧ୍ୟରେ ପ୍ରଚୁର ପରିମାଣରେ ପୋଷକ ତତ୍ତ୍ୱ ରହିଛି । ସେଥିଯୋଗୁ ତାହା ତରଳିବା ସହିତ ସମୁଦ୍ରରେ ଜୀବନର ବିସ୍ଫୋରଣ ସୃଷ୍ଟି ହେବ । ବ୍ରିଟିଶ୍ ଆଣ୍ଟାର୍କଟିକ୍ ସର୍ଭେର ପ୍ରଫେସର ନାଦିନ୍ ଜନଷ୍ଟନ୍ କହିଛନ୍ତି, ଏହା ଖାଲି ମରୁଭୂମି ମଧ୍ୟରେ ପୋଷକତତ୍ତ୍ୱରେ ପୂର୍ଣ୍ଣ ବୋମା ବିସ୍ଫୋରଣ କରିବା ଭଳି । ଦକ୍ଷିଣ ଜର୍ଜିଆ ସରକାରଙ୍କ ପରାମର୍ଶଦାତା ପରିବେଶବିତ୍ ମାର୍କ ୱେଲଚିୟର କହିଛନ୍ତି, ଯଦି ଏହି ବରଫଖଣ୍ଡ ତରଳିଯାଏ ତେବେ ପରିଣାମସ୍ୱରୁପ ସୃଷ୍ଟି ହେବାକୁ ଥିବା ହିମଖଣ୍ଡ ସ୍ଥାନୀୟ ସ୍ରୋତରେ ଆଗକୁ ବଢ଼ି ଜାହାଜଗୁଡିକ ଲାଗି ବିପଦ ସୃଷ୍ଟି କରିପାରନ୍ତି ।







## ବିରଞ୍ଚିନାରାୟଣ ମନ୍ଦିରରେ ଦୋଳ ମେଲଣ ଉତ୍ସବ

ବୁଗୁଡ଼ା (ନିପ୍ର): ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପବିତ୍ର ଫଗୁଦଶମୀ ଠାରୁ ବୁଗୁଡ଼ାସ୍ଥିତ ବିରଞ୍ଚିନାରାୟଣ ମନ୍ଦିରରେ ଦୋଳ ମେଲଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଫଗୁଦଶମୀରେ ମନ୍ଦିରରେ ରାଧାକୃଷ୍ଣଙ୍କ ଫଗୁଖେଳ ଏବଂ ଏକାଦଶୀରେ ବେଢା ପରିକ୍ରମା କାର୍ଯ୍ୟକ୍ରମ ଯଥା ରୀତିନୀତି ପ୍ରକାରେ ଅନୁଷ୍ଠିତ ହୋଇଥିଲା ବେଳେ ଦ୍ୱାଦଶୀ ଠାରୁ ପ୍ରତ୍ୟେକ ସନ୍ଧ୍ୟାରେ ବିରଞ୍ଚିନାରାୟଣ ମନ୍ଦିରରୁ ରାଧାକୃଷ୍ଣଙ୍କୁ ଦୋଳବିମାନରେ ଅଧିଷ୍ଠାନ କରାଇ ବାଦ୍ୟ ବାଜଣା ସହ ନଗର ଭ୍ରମଣ କରାଯାଉଥିବା ବେଳେ ଠାକୁର ଦର୍ଶନ ସହ କୃପା ଭିକ୍ଷା ପାଇଁ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ସମାବେଶ ଦେଖିବାକୁ ମିଳୁଛି । ଉକ୍ତ ଉତ୍ସବ ଅବସରରେ ପବିତ୍ର ଫାଲଗୁନ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ହୋଲିକା ଦହନ ବା ରାଜାଗ୍ନି କାର୍ଯ୍ୟକ୍ରମ ଏବଂ ପୂର୍ଣ୍ଣମୀ ତିଥିରେ ବୁଗୁଡ଼ା ବଡଦାଣ୍ଡ ଠାରେ ଦୋଳ ମିଳଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଶ୍ରୀ ବିରଞ୍ଚିନାରାୟଣ ମନ୍ଦିର ମଠ ମହନ୍ତ ଭକ୍ତରାମ ଦାଶଙ୍କ ତତ୍ତ୍ୱାବଧାନରେ ଉକ୍ତ ଉତ୍ସବ ଅବସରରେ ଠାକୁରଙ୍କ ପୂଜାପାଠ ରୀତିନୀତି ପ୍ରକାରେ ପୂଜାରୀ ଉମାକାନ୍ତ ଦାଶଙ୍କ ଦ୍ୱାରା ସମ୍ପାଦନ ହେଉଛି । ସେହିପରି ବଳଦେବଜୀଉ ମନ୍ଦିରରେ ପୂଜାପାଉଥିବା ଦୋଳ ଗୋବିନ୍ଦଙ୍କ ଯାତ୍ରା ସହ ଠାକୁରଙ୍କ ନଗର ପରିକ୍ରମା କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି ।

## ପରିବେଶବିତ ସନ୍ତୋଷ ମହାନ୍ତିଙ୍କ ସ୍ମୃତିସଭା

ବଡ଼ସାହ(ନିପ୍ର): ମୟୂରଭଞ୍ଜ ଜିଲ୍ଲାର ପରିବେଶବିତ୍ ସ୍ୱର୍ଗତ ସନ୍ତୋଷ ମହାନ୍ତିଙ୍କ ଦେଉଳସାହିସ୍ଥ ନିଜ ବାସଭବନରେ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ସ୍ମୃତି ସଭା ଆୟଜନ କରାଯାଇଥିଲା ଡକ୍ଟର ବିଜୟ କୁମାର ଅଗ୍ରୱାଲଙ୍କ ପୌରହିତ୍ୟରେ ଆୟୋଜିତ ସ୍ମୃତି ସଭାରେ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷ ତାଙ୍କର ସ୍ମୃତି ଚାରଣ କରିଥିଲେ । ସେ ଆଜି ଆମ ଗହଣରେ ନାହାନ୍ତି ସତ ମାତ୍ର ତାଙ୍କର ସ୍ମୃତି ଗୁଡ଼ିକ ସମସ୍ତଙ୍କ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ମତ ପ୍ରକାଶ ପାଇଥିଲା । ସେ ଏକା ଧାରରେ ସେ ଜଣେ ପରିବେଶବିତ୍, ସମାଜସେବୀ, ସାହିତ୍ୟକ ଓ ଦରଦୀ ମଣିଷ ରୂପେ ସମସ୍ତଙ୍କ ନିକଟରେ ପ୍ରିୟପାତ୍ର ଥିଲେ । ମୟୂରଭଞ୍ଜ ଜିଲ୍ଲା ପରିବେଶ ସମିତିର ଉପାଧ୍ୟକ୍ଷ ଓ ଓଡ଼ିଶା ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ୍ ସଦସ୍ୟ ରୂପେ ଅନେକ କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ପରିବେଶ ସୁରକ୍ଷା ଓ ସଚେତନତା ସୃଷ୍ଟି ପାଇଁ ବିଦ୍ୟାଳୟ , ମହାବିଦ୍ୟାଳୟ , ସ୍ୱେଚ୍ଛାସେବୀ ସଂଗଠନ ତଥା ଗ୍ରାମ୍ୟ ଜଙ୍ଗଲ କମିଟି ସହ ସମ୍ପର୍କରଖି ଉପଯୁକ୍ତ ପରାମର୍ଶ ଦେଇଛନ୍ତି ।

## ଜିଲ୍ଲାସ୍ତରୀୟ ୯୦ତମ ଓଡ଼ିଶା ଦିବସ ପାଳନ ପ୍ରସ୍ତୁତି

ଭଦ୍ରକ,(ନିପ୍ର): ଆଗାମୀ ୯୦ତମ ଓଡ଼ିଶା ଦିବସ ୨୦୨୫କୁ ଭଦ୍ରକ ଜିଲ୍ଲା ସ୍ତରରେ ପାଳନ କରାଯିବା ନେଇ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଂସ୍କୃତି ଭବନରେ ଆୟୋଜିତ ଏହି ବୈଠକରେ ଓଡ଼ିଶା ଦିବସ ପାଳନ ନେଇ ପୂର୍ବ ବର୍ଷର ବିବରଣୀ ଉପସ୍ଥାପନ ଆଧାରରେ ଆଲୋଚନା କରାଯାଇ ବିଭିନ୍ନ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ପୂର୍ବ ବର୍ଷମାନଙ୍କ ପରି ଓଡ଼ିଶା ଦିବସ ପାଳନ ଦିନ ପ୍ରତ୍ୟୁଷରୁ ଓଡ଼ିଆ ଦେଶାତ୍ମବୋଧକ ସଙ୍ଗୀତ ଭଦ୍ରକ ପୌର ପାଳିକା ଅଞ୍ଚଳରେ ଡାକବାଜି ଯନ୍ତ୍ର ଦ୍ୱାରା ପରିକ୍ରମା କରାଯିବ ।

## ଧନୁଆଁ ଉଚ୍ଚ ବିଦ୍ୟାଳୟରେ ସାଂସ୍କୃତିକ କାର୍ଯ୍ୟକ୍ରମ

ନିମାପଡ଼ା,(ନି.ପ୍ର.): ଏହି ବ୍ଲକ୍ ଅଧୀନସ୍ଥ କୋଠକୁସାଙ୍ଗ ଗ୍ରା.ପ.ର ଧନୁଆଁ ଉଚ୍ଚ ବିଦ୍ୟାଳୟରେ ଆନନ୍ଦ ଉତ୍ସବ ପାଳନ କରାଯିବା ସହିତ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପ୍ରଧାନଶିକ୍ଷକ ପ୍ରଦୀପ କୁମାର ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ନିମାପଡ଼ା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟର ମାଷ୍ଟର ଟ୍ରେନ୍ର ରଂଜିତ କେଶରୀ ନାୟକ ମୁଖ୍ୟ ଅତିଥି, ଡ଼େଙ୍ଗୁଆଁ ଉଚ୍ଚ ବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲକ୍ଷ୍ମୀକାନ୍ତ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନେ ନିଜର ଦକ୍ଷତା ବୃଦ୍ଧି ନିମନ୍ତେ ସଦାସର୍ବଦା ଉଦ୍ୟମ ଜାରି ରଖିବାକୁ ପରାମର୍ଶ ଦେଇଥିଲେ ।

## ଡିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ନିରାକାରପୁର (ନିପ୍ର): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗି ବ୍ଲକ ଅନ୍ତର୍ଗତ ଡିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ବିଦ୍ୟାଳୟ ଶିକ୍ଷା କମିଟି ସଭାପତି ବିଜୟ କୁମାର ଦାଶଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ନାଏବ ସରପଞ୍ଚ ପୁଷ୍ପଲତା ଦାଶ, ମୁଖ୍ୟବକ୍ତା ଟାଙ୍ଗି ପ୍ରାଥମିକ ଶିକ୍ଷକ ସଂଘ ସଭାପତି ତଥା ବ୍ୟଙ୍ଗକବି ଅମ୍ଳାନ ପ୍ରହରାଜ, ସମ୍ମାନିତ ଅତିଥି ଭାବରେ ଆଲୁମିନି ସମ୍ପାଦକ ଶରତ ଚନ୍ଦ୍ର ସାହୁ, ଧନେଶ୍ୱର ସାହୁ, ଲେଣ୍ଡୋ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୋମନାଥ ବେହେରା ଯୋଗଦାନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରେଣୁବାଳା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ପ୍ରସନ୍ନ କୁମାର ପଣ୍ଡିତ,କବିଲତା ଦେବୀ ଓ ଅନୁସୂୟା ଦେଇ ପରିଚାଳନା କରିଥିଲେ । ଅତିଥିମାନେ ଛାତ୍ରଛାତ୍ରୀମାନଙ୍କୁ କିପରି ଭବିଷ୍ୟତରେ ନିଜକୁ ସୁନାଗରିକ ଭାବରେ ଗଢି ତୋଳିବେ ସେ ସମ୍ପର୍କରେ ଉପଦେଶମାନ ପ୍ରଦାନ କରିଥିଲେ । ପୂର୍ବରୁ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା ।

## ଆଗକୁ ଆସୁଛି ହୋଲି

# ବଜାରରେ ଜମୁଛି ହୋଲି ସାମଗ୍ରୀ ବେପାର



କଟକ, (ନିପ୍ର): ଭାରତୀୟ ପର୍ବପର୍ବାଣୀ ମଧ୍ୟରୁ ରଂଗର ପର୍ବ ହୋଲିର ନିଆରା ସ୍ୱତନ୍ତ୍ରତା ରହିଛି । ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣ ହୋଲିକା ନାମକ ରାକ୍ଷସୀକୁ ବଧ କରି ବୃନ୍ଦାବନରେ ଶାନ୍ତି ପ୍ରତିଷ୍ଠା କରିଥିଲେ । ଏହି ଦିନକୁ ମନେ ରଖିବା ପାଇଁ ହୋଲି ଉତ୍ସବ ପାଳନ କରାଯାଇଥାଏ । ସେହିପରି ଗୌଡ଼ୀୟ ବୈଷ୍ଣବଙ୍କ ମତ ଅନୁସାରେ ରାଇ ଦାମୋଦର ମିଳନ ବସନ୍ତ ଋତୁରେ ଅନ୍ୟ ଏକ ଆକର୍ଷଣ ହୋଇଥାଏ । ସେହି ସ୍ମୃତିକୁ ରସୋତ୍ତୀର୍ଣ୍ଣ କରିବା ଉଦ୍ଦେଶ୍ୟରେ ଏ ଯୁଗରେ ମଧ୍ୟ ଆଜିର ସମାଜ ହୋଲି ଉତ୍ସବ ପାଳନ କରି ଚାଲିଛି । ଦୋଳ ପୂର୍ଣ୍ଣିମା ପରଦିନ ଆସିଥାଏ ବହୁ ପ୍ରତିକ୍ଷିତ ହୋଲି ଉତ୍ସବ । ପ୍ରେମ, ପ୍ରୀତି ଓ ପ୍ରଣୟର ବାର୍ତ୍ତା ପ୍ରଦାନ କରିବା ଉଦ୍ଦେଶ୍ୟ ନେଇ ଆସିଥାଏ ହୋଲି ପର୍ବ । ଓଡ଼ିଶାର ସାଂସ୍କୃତିକ ପ୍ରାଣକେନ୍ଦ୍ର କଟକ ସହରବାସୀଙ୍କ ପାଇଁ ହୋଲି ଏକ ନିଆରା ପର୍ବ । ରଂଗ ବେରଂଗର ପୋଷାକ ପରିଧାନ କରି ହାତରେ ରଂଗ ପିଚକାରୀ ଧରି ପରସ୍ପରକୁ ରଂଗେଇବାରେ କଟକିଆମାନେ ପାଇଥାନ୍ତି ଅସାମାନ୍ୟ ଆନନ୍ଦ । ଆବାଳ ବୃଦ୍ଧ ବନିତା- ଜାତି, ଧର୍ମ,ବର୍ଣ୍ଣ, ବୟସ, ସ୍ଥାନ, କାଳ, ପାତ୍ର ଭୁଲି ରଂଗ ଖେଳି ବିମୋହିତ ହୁଅନ୍ତି । ପରସ୍ପରକୁ ରଂଗେଇବାରେ ଦେଖାଦିଏ ପ୍ରୀତି ଓ ମମତାର ସୁଦୃଢ଼ ଆକର୍ଷଣ । ଚଳିତ ବର୍ଷ ମାର୍ଚ୍ଚ ୧୫ ତାରିଖରେ ହୋଲି ଉତ୍ସବ ପାଳିତ ହେବ । ମଝିରେ ରହିଲା ଆଉ ମାତ୍ର ଦୁଇଦିନ । ସହରରେ ଫଗୁ ଖେଳ ପାଇଁ ପ୍ରାକ୍ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । କଟକରେ ହୋଲସେଲ ରଂଗ ଦୋକାନ ଗୁଡ଼ିକ ଖୋଲି ଯାଇ ସାରିଛି । ସହରର ଚୌଧୁରୀ ବଜାର, ନନ୍ଦିସାହି, ମାଲଗୋଦାମ, ଝୋଲା ସାହି, ବାଙ୍କା ବଜାର, ବାଲୁ ବଜାର ଓ ପୀଠାପୁର ଆଦି ଅଞ୍ଚଳରେ ହୋଲସେଲ ଦୋକାନଗୁଡ଼ିକ ୧ ସପ୍ତାହ ପୂର୍ବରୁ ଖୋଲି ସାରିଲାଣି । କଲିକତା, ବମ୍ବେ, ଦିଲ୍ଲୀ, ବିହାର ଓ ରାୟପୁର ପ୍ରଭୃତି ସ୍ଥାନରୁ କଟକର ହୋଲସେଲ ଦୋକାନୀମାନେ ମୁଖ୍ୟତଃ ବିଭିନ୍ନ ରଂଗ ଖେଳ ସାମଗ୍ରୀ, ଟୋପି, ମୁଖା, କଲରହେୟାର ଓ ପଗଡ଼ି ଇତ୍ୟାଦି କ୍ରୟ କରି ଆଣି ସେମାନଙ୍କ ପସରା ମେଲାଇ ସାରିଛନ୍ତି । ସହରର ବିଭିନ୍ନ ଛକରେ ହୋଲିର ଖୁଚୁରା ଦୋକାନଗୁଡ଼ିକ ଆଜିଠାରୁ ଖୋଲିବା ଆରମ୍ଭ ହୋଇଯାଇଛି । ସବୁବର୍ଷ ଭଳି ଚଳିତ ବର୍ଷ ଖୁଚୁରା ଦୋକାନରେ ବିଭିନ୍ନ ରଙ୍ଗର ଅବିର, ପିଚକାରୀ, ମୁଖା, ପଗଡ଼ି, ହେୟାରକଲର ଓ ଟିସାର୍ଟ ଉପଲବ୍ଧ ହେଉଛି। ଶରୀରକୁ କ୍ଷତି ପହଁଞ୍ଚାଉ ନଥିବା ଦାବିରେ ପାଖାପାଖି ୭ ପ୍ରକାର ସୁବାସିତ ହର୍ବାଲ ଅଭିର ବଜାରରେ ମିଳୁଛି । ଏହାର ୧୦୦ଗ୍ରାମର ମୂଲ୍ୟ ୨୦ଟଙ୍କାରୁ ଆରମ୍ଭ କରି ୧୦୦ଟଙ୍କା ମଧ୍ୟରେ ରହିଛି । ମହମହ ବାସୁଥିବା ଭେଲବେଟ ଅଭିରର ମଧ୍ୟ ଗ୍ରାହକମାନଙ୍କ ମଧ୍ୟରେ ବେଶ ଚାହିଦା ରହିଛି । ୧୦୦ଗ୍ରାମ ପ୍ୟାକେଟର ମୂଲ୍ୟ ୪୦ ଟଙ୍କାରୁ ୮୦ଟଙ୍କା ମଧ୍ୟରେ ରହିଛି । ମୁହଁରେ ବୋଳିବା ପାଇଁ ବ୍ୟବହୃତ ହେଉଥିବା ହର୍ବାଲ ରଂଗର ମୂଲ୍ୟ ୧୦୦ ଗ୍ରାମ ପ୍ରତି ୫୦ଟଙ୍କା ରହିଛି । ସେହିପରି ମୁଣ୍ଡଫଟା ରଂଗ ଭରି ପିଛା ମୂଲ୍ୟ ୧୪୦ ଟଙ୍କା ରହିଛି । ପାଲିସ ଅବିର (ନାଲି, ହଳଦୀ, ସବୁଜ, କମଳା) ଆଦି ରଂଗର ମୂଲ୍ୟ ୧୦୦ଗ୍ରାମକୁ ୩୦ ଟଙ୍କାରେ ବିକ୍ରି ହେଉଛି । ଏହାଛଡ଼ା ପିଲାଙ୍କ ପାଇଁ ବଜାରରେ ସୌଖୀନ ପିଚକାରୀ ଉପଲବ୍ଧ ହେଉଛି । ସର୍ବାଧିକ ବିକ୍ରି ହେଉଥିବା ପିଚକାରୀଗୁଡ଼ିକ ହେଲା - ଅମର ପିଚକାରୀ, ବ୍ୟାକ ପିଚକାରୀ, ଟ୍ୟାଙ୍କ ପିଚକାରୀ, ଘୋଡ଼ା, ସ୍ପାଇଡ଼ର ମ୍ୟାନ ଓ ଛୋଟା ଭୀମ ପିଚକାରୀ ପ୍ରଭୃତି । ପିଚକାରୀ ଗୁଡ଼ିକର ମୂଲ୍ୟ ୫୦ ଟଙ୍କାରୁ ୧୦୦୦ ଟଙ୍କା ମଧ୍ୟରେ ରହିଛି । ସେହିପରି ବିଭିନ୍ନ କିସମର ମୁଖା- ବାଘ, ଭୂତ, ବିଲେଇ, ମାଙ୍କଡ଼, ଗରିଲା ପ୍ରଭୃତି ବଜାରେ ଉପଲବ୍ଧ ହେଉଛି । ମୁଖା ଗୁଡ଼ିକର ମୂଲ୍ୟ ୫୦ ଟଙ୍କାରୁ ୨୦୦ଟଙ୍କା ମଧ୍ୟରେ ରହିଛି । ଏହାଛଡ଼ା ବିଭିନ୍ନ ଷ୍ଟାଇଲର ଟୋପି ମଧ୍ୟ ଉପଲବ୍ଧ ହେଉଛି । ଯାହାର ମୂଲ୍ୟ ୫୦ ଟଙ୍କାରୁ ୨୦୦ ଟଙ୍କା ମଧ୍ୟରେ ରହିଛି । ସେହିପରି ବିଭିନ୍ନ ପ୍ରକାର ହେୟାର କଲର ମଧ୍ୟ ବଜାରରେ ବିକ୍ରି ହେଉଛି । ଯାହାର ମୂଲ୍ୟ ୧୫୦ଟଙ୍କାରୁ ୫୦୦ଟଙ୍କା ମଧ୍ୟରେ ରହିଛି । ଏହାଛଡ଼ା ବିଭିନ୍ନ ପ୍ରକାର ରଂଗବେରଂଗର ପଗଡ଼ି ମଧ୍ୟ ବଜାରରେ ବିକ୍ରି ହେଉଛି । ଯାହାର ମୂଲ୍ୟ ୧୦୦ଟଙ୍କାରୁ ୩୦୦ଟଙ୍କା ମଧ୍ୟରେ ରହିଛି । ସଂପ୍ରତି ହୋଲିରେ ସ୍ୱତନ୍ତ୍ର ପୋଷାକ ପିନ୍ଧିବା ଏକ ଟ୍ରେଣ୍ଡ ପାଲଟିଛି । ତେବେ ହୋଲି ପାଳନ ବେଳେ "ହାପିହୋଲି" ଓ "ହୋଲି ଶୁଭେଚ୍ଛା" ଭଳି ବାର୍ତ୍ତା ଦେଉଥିବା ଆକର୍ଷଣୀୟ ଟିସାର୍ଟ ବିକ୍ରି ହେଉଛି । ଯାହାର ମୂଲ୍ୟ ୧୦୦ରୁ ୩୦୦ଟଙ୍କା ମଧ୍ୟରେ ରହିଛି । ଏହାଛଡ଼ା ଧଳା ରଂଗର କୁର୍ତ୍ତା ଓ ପାଇଜାମା ୨୦୦ଟଙ୍କାରୁ ୫୦୦ଟଙ୍କା ମଧ୍ୟରେ ବଜାରରେ ଉପଲବ୍ଧ ହେଉଛି । ଚଳିତ ବର୍ଷ ଦର ସ୍ଥିର ଥିବାରୁ ବେପାର ଭଲ ହେବ ବୋଲି ଖୁଚୁରା ବ୍ୟବସାୟୀମାନେ ଆଶା ବାନ୍ଧିଛନ୍ତି ।

## ଜେଏସ୍‌ଡବ୍ଲୁ ଓଡିଶାରେ ଯୋଡି ହେଲା ଆଉ ଏକ ଗୌରବମୟ ଅଧ୍ୟାୟ




ପାରାଦ୍ୱୀପ(ନିପ୍ର): ଜେ ଏସ ଡ ବ୍ଲୁ ଗ୍ରୁପ ନିଜର କାର୍ଯ୍ୟ ଦକ୍ଷତା,ବୃହତ ପୁଞ୍ଜି ନିବେଶ,ଓ ବୈଷୟିକ ଜ୍ଞାନ କୌଶଳ ସହାୟତା ପାଇଁ ଦେଶର ଶିଳ୍ପ ଜଗତରେ ଉତ୍କର୍ଷତାର ଆଗଧାଡିରେ ରହିଛି । ଏହି କମ୍ପାନୀ ଓଡ଼ିଶାରେ ଇସ୍ପାତ, ସିମେଣ୍ଟ, ଶକ୍ତି, ଖଣି, ଓ ଭିତିଭୂମି କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ରାଜ୍ୟ ଅର୍ଥନୀତି ଅଭିବୃଦ୍ଧି ରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି । ଏଥି ସହିତ କର୍ପୋରେଟ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମରେ ରାଜ୍ୟରେ ମହିଳା ମାନଙ୍କୁ ସଶକ୍ତ ଓ ସ୍ଥାନୀୟ ଗୋଷ୍ଠୀ ସ୍ୱାବଲମ୍ବୀ କରିବାରେ ପ୍ରୟାସ ଜାରି ରଖିଛି । । ଓଡିଶା ପ୍ରତି ଜେ ଏସ ଡ ବ୍ଲୁ ର ଏହି ପ୍ରତିବଦ୍ଧତାକୁ ସ୍ୱୀକୃତି ପ୍ରଦାନ କରି ଜେଏସଡବ୍ଲୁ ବିଏସଏଲ ଓ ଜେଏସଡବ୍ଲୁ ଉତ୍କଳ ଷ୍ଟିଲ ର ପୂର୍ଣ୍ଣ କାଳୀନ ନିର୍ଦ୍ଦେଶକ ତଥା ସଭାପତି ଅନିଲ ସିଂଙ୍କୁ ସମ୍ମାନଜନକ ଶ୍ରେଷ୍ଠ ସି ଇ ଓ ଭାବେ ସମ୍ବର୍ଦ୍ଧିତ କରାଯାଇଛି । ଭୁବନେଶ୍ୱର ଠାରେ ଆୟୋଜିତ ୩ୟ ଓଡିଶା ଖଣି ଓ ଭିତିଭୂମି ଅନ୍ତର୍ଜାତୀୟ ସମ୍ମିଳନୀରେ ମହାମହିମ ରାଜ୍ୟପାଳ ହରିବାବୁ କମ୍ଭମପତି ଯୋଗଦେଇ ଅନିଲ ସିଂ ଙ୍କୁ ଏହି ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । । ସୁପ୍ରିମକୋର୍ଟର ଅବସର ପ୍ରାପ୍ତ ବିଚାରପତି ଅର୍ଜିତ ପଶାୟତ ଙ୍କ ଅଧକ୍ଷତରେ ଗଠିତ ଏକ କମିଟି ରେ ନାଲକୋର ପୂର୍ବତନ ସି ଏମ ଡି ଟି କେ ଚାନ୍ଦ, ଓ ଜଣେ ଶିଳ୍ପ ବିଶେଷଜ୍ଞ ଏହି ସମ୍ମାନଜନକ ପୁରସ୍କାରକୁ ଚୟନ କରିଥିଲେ । ଜେ ଏସ ଡ ବ୍ଲୁ ଗ୍ରୁପ ବଜ଼ାରରେ ୨୪ ବିଲିୟନ ଆମେରିକୀୟ ଡଲାର ପୁଞ୍ଜି ବିନିଯୋଗ କରିଥିବା ବେଳେ ଇସ୍ପାତ, ସିମେଣ୍ଟ, ପେଣ୍ଟ, ବି ଟୁ ବି, ଇ କମର୍ଶ, ପ୍ରତିରକ୍ଷା, ଗ୍ରୀନ ମୋବିଲିଟି, ଏବଂ କ୍ରୀଡା କ୍ଷେତ୍ରରେ ଅବଦାନ ଭାରତୀୟ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ରହିଛି । ଏଥି ସହିତ ଭାରତ ବାହାରେ ଆମେରିକା, ୟୁରୋପ, ଆଫ୍ରିକା ଭଳି ଦେଶରେ ବ୍ୟାପକ କର୍ମନିଯୁକ୍ତି ସୃଷ୍ଟି କରିବା ସହିତ ସାରା ବିଶ୍ୱରେ ୪୦ ହଜାର ଲୋକଙ୍କୁ ସିଧାସଳଖ ନିଯୁକ୍ତି ପ୍ରଦାନ କରି ପାରିଛି । ଏହି ସମ୍ମାନଜନକ ପୁରସ୍କାର ପାଇଁ ଅନିଲ ସିଂଙ୍କୁ ପାରାଦୀପ ସ୍ଥିତ ଜେ ଏସ ଡ ବ୍ଲୁ ଉତ୍କଳ ଷ୍ଟିଲ କାର୍ଯ୍ୟଳୟ ପକ୍ଷରୁ ଅଭିନନ୍ଦନ ଜଣାଯାଇଛି ।

## ସୁଶାସନ ପାଇଁ ସୂଚନା ଅଧିକାର ଆଇନର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭଦ୍ରକ, (ନିପ୍ର): ସୂଚନା ଅଧିକାର ଆଇନ୍ - ୨୦୦୫ ଅଧିନିୟମ ୪ (୧)(ବି) ର ପୂର୍ଣ୍ଣାଙ୍ଗ କାର୍ଯ୍ୟାନ୍ୱୟନ ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ତରଫରୁ ଏକ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶ ଓ ମାର୍ଗ ଦର୍ଶିକା ଅନୁଯାୟୀ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅନୁଭାଗ ଜରିଆରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ, ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦଣ୍ଡ, ଡେପୁଟୀ କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଡି.ଏସ୍.ପି. ବିଶ୍ୱପତି ପଣ୍ଡା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ସ୍ୱଚ୍ଛ, ଦୁର୍ନୀତି ମୁକ୍ତ ସୁଶାସନ ବ୍ୟବସ୍ଥାରେ ସୂଚନା ଅଧିକାର ଆଇନ୍‌ର ଉପଯୋଗ କିଭଳି ମହତ୍ୱପୂର୍ଣ୍ଣ ତାହା ଆଲୋକପାତ କରିଥିଲେ । ଭୁବନେଶ୍ୱରରୁ ଆସିଥିବା ବିଷୟ ବିଶାରଦ ଭାବେ ଲୁମିନସ୍‌ର ସୁନିଲ କୁମାର ସେଠୀ ବିଶେଷ କରି ପ୍ରୋଆକ୍ଟିଭ୍ ଡିସ୍‌କ୍ଲୋଜର ର ଅପଡେସନ୍ ଉପରେ ପ୍ରଶିକ୍ଷଣ ପ୍ରଦାନ କରିବା ସହିତ ସୂଚନା ଅଧିକାର ଆଇନ୍‌ରେ ଦରଖାସ୍ତ ଗ୍ରହଣ, ଉତ୍ତର ପ୍ରଦାନ, ଅନ୍‌ଲାଇନ୍‌ରେ ସମସ୍ତ ପ୍ରକ୍ରିୟା ସମ୍ପାଦନ କୌଶଳ, ସ୍ୱତନ୍ତ୍ର ବ୍ୟାଙ୍କ ଆକାଉଣ୍ଟ ଖୋଲାଯିବା ଆଦି ସମସ୍ତ ବିଷୟ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ ।

## କାରାକୋଲ୍‌ହା ପ୍ଲାଣ୍ଟ ପକ୍ଷରୁ ୫୪ତମ ଜାତୀୟ ସୁରକ୍ଷା ସପ୍ତାହ



ଯୋଡ଼ା,(ନିପ୍ର): ରୁଙ୍ଗଟା ମାଇନସ କାରାକୋଲ୍‌ହା ପ୍ଲାଣ୍ଟ ପକ୍ଷରୁ ୫୪ତମ ଜାତୀୟ ସୁରକ୍ଷା ସପ୍ତାହ ପାଳନ ଅବସରରେ ରାଷ୍ଟ୍ରୀୟ ସୁରକ୍ଷା ସପ୍ତାହ ଉଦଯାପିତ ହୋଯାଇଛି । କାର୍ଯ୍ୟସ୍ଥଳରେ ସୁରକ୍ଷା ଉପରେ ଜନସାଧାରଣ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏବଂ ବିପଦ ମୁକ୍ତ ପରିବେଶ ଗଢ଼ି ତୋଳିବା ଉକ୍ତ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ରହିଛି । 'ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ଏକ ବିକଶିତ ଭାରତ ପାଇଁ ଅତ୍ୟନ୍ତ ଜରୁରୀ' । ଚଳିତ ବର୍ଷର ଥିମ୍ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଫ୍ୟାକ୍ଟରୀ ଅକୁପାୟର ପ୍ରଣୟ କୁମାର ଦେଓଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜିତ ହେବା ସହ ଫ୍ୟାକ୍ଟ୍ରି ମ୍ୟାନେଜର ସୁରେଶ ମହାପାତ୍ର ଏବଂ ମାନବ ସମ୍ବଳ ଅଧିକାରୀ ଆନନ୍ଦ ସାହୁ, ପ୍ରୋଜେକ୍ଟ ହେଡ ଶୈଳେନ୍ଦ୍ର ବାରିକ ବିଶିଷ୍ଟ ଅତିଥି ଭାବେ ଉପସ୍ଥିତ ରହିଥିଲେ । ଚଳିତ ମାସ ମାର୍ଚ୍ଚ ୪ ତାରିଖ ଠାରୁ ମାର୍ଚ୍ଚ ୧୦ ତାରିଖ ପର୍ଯ୍ୟନ୍ତ ଏହି ସୁରକ୍ଷା ସପ୍ତାହ ଅବସରରେ ସେଫଟି ଫ୍ଲାଗ୍ ହୋଷ୍ଟିଙ୍ଗ ସହ ଏକ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଲା । ସୁରକ୍ଷା ଅଧିକାରୀ ଦେବରାଜ ଭଞ୍ଜଙ୍କ ଦ୍ୱାରା ସୁରକ୍ଷା ଶପଥ ପାଠ କରାଯାଇଥିଲା ଏବଂ ସମସ୍ତ କର୍ମଚାରୀ ଏହି ଶପଥ ଗ୍ରହଣ କରିଥିଲେ ।

## ଜିଲ୍ଲା ସ୍ତରୀୟ ସୂଚନା ଅଧିକାର ଆଇନ କର୍ମଶାଳା

କଟକ, (ନିପ୍ର): ଜିଲ୍ଲା ପ୍ରଶାସନ ତରଫରୁ ସୂଚନା ଅଧିକାର ଆଇନ-୨୦୦୫ ଅନ୍ତର୍ଗତ ଏକ ସଚେତନତା କର୍ମଶାଳା ଆଜି ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଏହି କର୍ମଶାଳାରେ ଯୋଗ ଦେଇ ଜନ ସୂଚନା ଅଧିକାରୀମାନେ ସୂଚନା ଅଧିକାର ଆଇନ -୨୦୦୫ ର ଧାରା ୪ (୧)(ଖ) ଅନୁଯାୟୀ ନିଜ ବିଭାଗର ସମସ୍ତ ତଥ୍ୟ ସୂଚନା ଅଧିକାର ୱେବସାଇଟରେ ଉଭୟ ଓଡ଼ିଆ ଓ ଇଂରାଜୀରେ ଅପଲୋଡ଼ କରିବା ପାଇଁ ପରାମର୍ଶ ଦେଇଥିଲେ । ଏଥିସହ ବିଭିନ୍ନ ବିଭାଗ ଅଧିକ ଓ କ୍ରିୟାଶୀଳ ସଚେତନତା ହୋଇ ସୂଚନା ଅଧିକାର ସଂପର୍କିତ ଆସୁଥିବା ସମସ୍ତ ଆବେଦନଗୁଡ଼ିକର ଉତ୍ତର ନିର୍ଦ୍ଧାରିତ ସମୟ ମଧ୍ୟରେ ଦେବାକୁ ଆହ୍ୱାନ ଦେଇଥିଲେ । ଜିଲ୍ଲାର ସମସ୍ତ ବ୍ଲକ, ତହସିଲ ତଥା ଅନ୍ୟାନ୍ୟ ବିଭାଗର ଜନ ସୂଚନା ଅଧିକାରୀମାନେ ଏହି କର୍ମଶାଳାରେ ଯୋଗ ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ମାଷ୍ଟର ଟ୍ରେନର ସଂଗ୍ରାମ ପୃଷ୍ଟି ଯୋଗ ଦେଇଥିଲେ ।

## ଜିଲ୍ଲାସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା

ପୁରୀ(ନିପ୍ର): ଗ୍ରାମୀଣ ମହିଳାମାନଙ୍କୁ ଅର୍ଥନୈତିକ ସ୍ୱାଧୀନତା ଏବଂ ଉଦ୍ୟୋଗ ମାଧ୍ୟମରେ ସଶକ୍ତ କରିବା ,ବିଭିନ୍ନ ଜୀବିକା ସମ୍ପର୍କରେ କୌଶଳ ବୃଦ୍ଧି ସହ ମହିଳା ସଶକ୍ତିକରଣ କରି 'ଲକ୍ଷପତି ଦିଦି ' ସୃଷ୍ଟି କରିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏକ ମହତ ଯୋଜନା ଓ ଅଭିଯାନ ।ଏହି ପରିପେକ୍ଷୀରେ ଆଜି ସ୍ଥାନୀୟ ତାଳବଣିଆ ଜିଲ୍ଲା ପଡିଆ ଠାରେ ଓଡିଶା ଜୀବିକା ମିଶନ ସୌଜନ୍ୟରୁ ଜିଲ୍ଲା ସ୍ତରୀୟ କର୍ମଶାଳା ଲକ୍ଷପତି ଦିଦି ଅନୁଷ୍ଠିତ ହୋଇଥିଲା ।ଜିଲ୍ଲା ପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି କର୍ମଶାଳାରେ ଅଧକ୍ଷତା କରି ସମସ୍ତଙ୍କୁ ସ୍ୱାଗତ କରିଥିଲେ । ନିଜ ପରିବାରର ଆର୍ଥିକ ଅଭିବୃଦ୍ଧି ପାଇଁ ପରିଶ୍ରମ କରିଥିବା ଏବଂ ସମାଜ ରେ ନିଜେ ଜଣେ ମହିଳା ଉଦ୍ୟୋଗୀ ଭାବେ ପରିଚୟ ସୃଷ୍ଟି କରି ଲକ୍ଷ ପତି ଦିଦି ହୋଇଥିବା ମା ମାନଙ୍କୁ ଶ୍ରୀ ପୃଷ୍ଟି ଶୁଭେଚ୍ଛା ଜଣାଇଥିଲେ ।

## ଗ୍ରୀଷ୍ମ ପ୍ରବାହ ମୁକାବିଲା ପାଇଁ ପ୍ରସ୍ତୁତି




ପୁରୀ (ନିପ୍ର): ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରୀଷ୍ମପ୍ରବାହ ମୁକାବିଲା ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ଅପରାହ୍ନରେ ଓସ୍ୱାନ ସଭାଗୃହ ଠାରେ ଅନୁଷ୍ଠିତ ହୋଇଥିଲା ।ଆଭାସୀ ମାଧ୍ୟମରେ ଅନୁଷ୍ଠିତ ଏହି ବୈଠକରେ ଆବାସିକ କାର୍ଯ୍ୟାଳୟରୁ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଅଧ୍ୟକ୍ଷତା କରି ଗ୍ରୀଷ୍ମପ୍ରବାହର ମୁକାବିଲା ପାଇଁ ସମସ୍ତ ବିଭାଗ ବିଗତ ବର୍ଷ ମାନଙ୍କ ପରି ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ । ବିଶେଷ କରି ଜନସାଧାରଣଙ୍କୁ ସତର୍କ ଓ ସଚେତନ କରିବା ସହ ସ୍ୱାସ୍ଥ୍ୟ, ପାନୀୟ ଜଳ, ବିଦ୍ୟୁତ, ଶ୍ରମ ,ପରିବହନ, ପଶୁ ସମ୍ପଦ, କୃଷି ଇତ୍ୟାଦି ବିଭାଗ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।ସରକାର ଓ ଏସ ଆର ସି ଧାର୍ଯ୍ୟ କରିଥିବା ମାର୍ଗଦର୍ଶିକାକୁ ସଠିକ ଭାବେ ଅନୁପାଳନ କରିବା,ପ୍ରତ୍ୟେକ ଚିକିତ୍ସାଳୟରେ ଅଂଶୁଘାତ ଚିକିତ୍ସା ବ୍ୟବସ୍ଥା ରଖିବା,ସମସ୍ତ ନଳକୂପ ମରାମତି,ଜଳଛତ୍ର ବ୍ୟବସ୍ଥା କରିବା, ପଶୁ ପକ୍ଷୀ ମାନଙ୍କ ପାଇଁ ପାନୀୟ ଜଳ ପାତ୍ର ବ୍ୟବସ୍ଥା, ଶିକ୍ଷାନୁଷ୍ଠାନ, ଅଙ୍ଗନବାଡ଼ି କେନ୍ଦ୍ର,ଯାତ୍ରୀ ପରିବହନ ଗାଡ଼ି ଓ ଶ୍ରମିକ ମାନଙ୍କ ପାଇଁ ଧାର୍ଯ୍ୟ ସମୟ ନିର୍ଘଣ୍ଟ କୁ ଅନୁପାଳନ କରିବାକୁ ଶ୍ରୀ ସ୍ୱାଇଁ ପରାମର୍ଶ ଦେଇଥିଲେ ।ପଶୁ ପକ୍ଷୀ ମାନଙ୍କ ପାଇଁ ପ୍ରତ୍ୟେକ ବ୍ୟକ୍ତି ନିଜ ଘର ନିକଟରେ, ଛାତରେ ପାଣି ରଖିବା ବ୍ୟବସ୍ଥା କରିବା, ଖରାରେ ବାହାରକୁ ନ ବାହାରିବା, ଅତ୍ୟାବଶ୍ୟକ କ୍ଷେତ୍ରରେ ବାହାରକୁ ଯାଉଥିଲେ ପ୍ରଚୁର ପାଣି,ଦହି, ଲେମ୍ବୁ ପାଣି ଇତ୍ୟାଦି ପିଇବା ଓ ସାଥିରେ ନେବା, କଳା ଚଷମା ,ଟୋପି ଇତ୍ୟାଦି ବ୍ୟବହାର କରିବା,ଅଂଶୁଘାତ ର ଲକ୍ଷଣ ଦେଖା ଦେଲେ ତୁରନ୍ତ ଚିକିତ୍ସିତ ହେବାକୁ ଜିଲ୍ଲାପାଳ ଅନୁରୋଧ କରିଥିଲେ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ପ୍ରୋଟୋକଲ ନୀଳମାଧବ ଭୋଇ,ଜିଲ୍ଲା ପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି,ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା,ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ଶୁଭମଙ୍କ ସଚେତନତା ସାଇକେଲ ଯାତ୍ରା ଶେଷ



କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଡିମିରିମୁଣ୍ଡା ଗ୍ରାମର ଶୁଭମ ବାରିକ ବାୟୁ ପ୍ରଦୂଷଣ ସଚେତନତା ବାର୍ତ୍ତା ନେଇ ସାଇକେଲ ଯୋଗେ ଓଡିଶା ପରିଭ୍ରମଣ କରି ମଙ୍ଗଳବାର ପ୍ରତ୍ୟାବର୍ତ୍ତନ କରିଛନ୍ତି । ୭୦ ଦିନ ପୂର୍ବରୁ ସେ କୁଚିଣ୍ଡା ବସଷ୍ଟାଣ୍ଡରୁ ସାଇକେଲ ଯାତ୍ରା ଆରମ୍ଭ କରିଥିଲେ । ସଂପ୍ରତି ପେଟ୍ରୋଲ ଓ ଡିଜେଲ ଚାଳିତ ଯାନବାହାନ ଦ୍ୱାରା ବାୟୁ ମଣ୍ଡଳ ପ୍ରଦୂଷଣ ହେବାସହ ତାପମାତ୍ରା ବୃଦ୍ଧି ଯୋଗୁଁ ପରିବେଶ ଉପରେ ଏହାର କୁପ୍ରଭାବ ପଡୁଛି । ୨୩ ବର୍ଷିୟ ଯୁବକ ଶୁଭମ ବାରିକ ତାଙ୍କର ଦୀର୍ଘ ଦିନର ଭ୍ରମଣ ସମୟରେ ପ୍ରତ୍ୟେକ ଜିଲ୍ଲାର ଜିଲ୍ଲାପାଳଙ୍କୁ ସାକ୍ଷାତ କରି ନିଜ ଭ୍ରମଣର ଉଦ୍ଦେଶ୍ୟ ଓ ପ୍ରଦୂଷଣ ସଚେତନତା ସମ୍ପର୍କରେ ଅବଗତ କରାଇଛନ୍ତି । ସେ ଭୁବନେଶ୍ୱରରେ କୁଚିଣ୍ଡା ବିଧାୟକ ତଥା ଗ୍ରାମ୍ୟ ଉନ୍ନୟନ,ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ, ଉଚ୍ଚଶିକ୍ଷା ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀଙ୍କୁ ସାକ୍ଷାତ କରିଥିଲେ । ତାଙ୍କ ଏଭଳି ସଚେତନତା ସାଇକେଲ ଯାତ୍ରା ପାଇଁ ଉଭୟ ମନ୍ତ୍ରୀ ତାଙ୍କୁ ସ୍ୱାଗତ କରି ସମ୍ବର୍ଦ୍ଧନା ଜଣାଇଥିଲେ । ଆଗାମୀ ଦିନରେ ଏଭଳି ସଚେତନତା ସାଇକେଲ ଯାତ୍ରା ପାଇଁ ଯୁବଗୋଷ୍ଠି ନିଶ୍ଚିତ ଅନୁପ୍ରାଣିତ ହେବେ ବୋଲି ଶୁଭମ କହିଛନ୍ତି । ସେ ଯାତ୍ରାସାରି କୁଚିଣ୍ଡା ବସଷ୍ଟାଣ୍ଡରେ ପହଞ୍ଚିବା ପରେ କୁଚିଣ୍ଡାର ବିଭିନ୍ନ ଅନୁଷ୍ଠାନ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କୁ ଶୁଭେଚ୍ଛା ସହ ସମ୍ବର୍ଦ୍ଧନା ଜଣାଇଥିଲେ ।

# ଜଳଶକ୍ତି ଅଭିଯାନ ଉପରେ କେନ୍ଦ୍ରୀୟ ଟିମ୍‌ର ରାୟଗଡ଼ା ଜିଲ୍ଲା ଗସ୍ତ



ରାୟଗଡ(ନିପ୍ର): କେନ୍ଦ୍ରୀୟ ଜଳଶକ୍ତି ବିଭାଗର ଯୁଗ୍ମ କମିଶନର ତଥା ନୋଡାଲ ଅଧିକାରୀ ସମୀର କୁମାର ପାଣ୍ଡେଙ୍କ ନେତୃତ୍ୱରେ କେନ୍ଦ୍ରୀୟ ଟିମ ଦୁଇଦିନିଆ ରାୟଗଡ଼ ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ଅଞ୍ଚଳ ଗସ୍ତ କରି ଉନ୍ନୟନ କାର୍ଯ୍ୟ ଅନୁଧ୍ୟାନ କରିଥିଲେ । ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ରାୟଗଡ ଅକ୍ଷୟ କୁମାର ଖେମୁଣ୍ଡୁଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର କାଳନରା, ରାମନାଗୁଡ଼ା, ପଦ୍ମପୁର ଓ ଗୁଣୁପୁର ଓ ରାୟଗଡ ବ୍ଲକ ଗସ୍ତ କରିଥିଲେ । ଏହି ପରିଦର୍ଶନ ସମୟରେ ପଞ୍ଚାୟତ ରାଜ ଓ ପାନୀୟ ଜଳ ବିଭାଗ, କ୍ଷୁଦ୍ର ଜଳସେଚନ ବିଭାଗ, ଜଳଛାୟା ମିଶନ, ଉଦ୍ୟାନ ବିଭାଗ, ଗ୍ରମୀୟ ଯୋଗାଣ ସଂସ୍ଥା ଓ ବନ ବିଭାଗ ତରଫରୁ ନିଆଯାଇଥିବା ବିଭିନ୍ନ ପ୍ରକଳ୍ପ ଯଥା କ୍ଷେତ ପୋଖରୀ, ଚେକଡ୍ୟାମ, ଗୋଲାପ ବଗିଚା,ପୁନରୁଦ୍ଧାର ହୋଇଥିବା ପୋଖରୀ, ଅମୃତ ସରବୋର, କ୍ଷୁଦ୍ର ଜଳ ସେଚନ ବିଭାଗର ପୋଖରୀ, ଗ୍ରାମୀୟ ଜଳଯୋଗାଣ ବିଭାଗର ଜଳବିଶୋଧନ ପ୍ରକଳ୍ପ, ନଳ ଯୋଗେ ଜଳ ଯୋଗାଣ ପ୍ରକଳ୍ପ ଆଦି ବୁଲିଦେଖିଥିଲେ । ଆଜି ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ କେନ୍ଦ୍ରୀୟ ଯୁଗ୍ମ କମିଶନର ଶ୍ରୀ ପାଣ୍ଡେ, ସଦସ୍ୟ ବିଭୂତି ଭୂଷଣ ସାହୁ, ସିଡିଓ ତଥା ଇଓ ଜିଲ୍ଲାପରିଷଦ ଶ୍ରୀ ଖେମୁଣ୍ଡୁ, ବନ ଖଣ୍ଡ ଅଧିକାରୀ ସଚିନ ଅନ୍‌ହା ସାହେବ ଓହଲେ, କ୍ଷୁଦ୍ର ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ, ଉଦ୍ୟାନ ବିଭାଗର ଉଦ୍ୟାନବିତ, ଜଳଛାୟା ମିଶନର ପ୍ରକଳ୍ପ ନିର୍ଦ୍ଦେଶକ,ଗ୍ରାମୀଣ ଜଳ ଯୋଗାଣ ସଂସ୍ଥାର ସହକାରୀ ଯନ୍ତ୍ରୀ ଓ ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ରହି ନିଜ ନିଜ ବିଭାଗର କାର୍ଯ୍ୟକ୍ରମ ଉପରେ ଉପସ୍ଥାପନା କରିଥିଲେ ।

ତିଥି : (ଚତୁର୍ଦ୍ଦଶୀ): (ପୂର୍ବାଫା ସିଂହ )
ଅମୃତ ବେଳା : ଦି ବା.୮।୨୧ ମଧ୍ୟେ ଦିବା ଘ.୧୦।୪୪ ଗତେ

## ଆଜିର ଅନୁଚିନ୍ତନ

ତେଣୁ ଶାସ୍ତ୍ରମତେ ସଦା କରିଯାଅ କର୍ମ
ଯେଣୁ କର୍ମଯୋଗୀ କର୍ମ ତ୍ୟାଗୀଠୁ ମହାନ ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ନିଜ ଜାଲରେ ପାକିସ୍ତାନ

ବେଲୁଚର ଏକ ଉଗ୍ରପନ୍ଥୀ ସଂଗଠନ ବେଲୁଚ ଲିବରେସନ ଆର୍ମି(ବିଏଲଏ) ଦକ୍ଷିଣପଶ୍ଚିମ ପାକିସ୍ତାନ ସିବି ଜିଲ୍ଲା ଯାହା କି ଆଫଗାନିସ୍ତାନ ଓ ଇରାନର ସୀମାନ୍ତବର୍ତ୍ତୀ ଦୁର୍ଗମ ପାର୍ବତ୍ୟାଞ୍ଚଳ, ଏପରି ସ୍ଥାନରେ କ୍ୱେଟାରୁ ପେଶୱାର ଯାଉଥିବା ପ୍ରାୟ ୪ଶହ ଯାତ୍ରୀ ଥିବା ଜାଫର ଏକ୍ସପ୍ରେସର ୨୧୪ ଯାତ୍ରୀଙ୍କୁ ପଣବନ୍ଦୀ ରଖି ପାକ୍ ଜେଲରେ ଥିବା ବେଲୁଚମାନଙ୍କୁ ମୁକ୍ତ କରିବାକୁ ସର୍ତ୍ତ ରଖିଛନ୍ତି। ଅବଶ୍ୟ ଏହି ଟ୍ରେନ ଅପହରଣର ଦ୍ୱିତୀୟ ଦିନରେ ଶତାଧିକ ଯାତ୍ରୀଙ୍କୁ ବନ୍ଧକରୁ ଏହି ସଂଗଠନ ମୁକ୍ତ କରିଛି। ପାକ୍‌ସେନାର ଓ ସୁରକ୍ଷା ବିଭାଗର କିଛି ସଦସ୍ୟ ଛୁଟିରେ ଯାଉଥିଲେ,ଫଳରେ ବିଏଲ୍‌ଏକୁ ନିଶାଣ କରିବାକୁ ସୁବିଧା ହେଲା। ମାତ୍ର ଆଶ୍ଚର୍ଯ୍ୟର ବିଷୟ ଯେ ସଂପୃକ୍ତ ଦେଶର ଗୁପ୍ତଚର ସଂସ୍ଥା ସମ୍ଭବତଃ ସୁପ୍ତ ଥିବା କାରଣରୁ ବିଏଲର ସଂଗଠନ ପକ୍ଷରୁ ହୋଇଥିବା ଷଡଯନ୍ତ୍ରର ସାମାନ୍ୟତମ ସୁରାକ ପାଇଲା ନାହିଁ। କୁହାଯାଏ ଯେ ପାକିସ୍ତାନ ହେଉଛି ଆତଙ୍କବାଦୀଙ୍କ ଏନ୍ତୁଡିଶାଳ। ଆତଙ୍କବାଦୀମାନେ ଏହି ମାଟିରେ ପରିପାଳିତ ହୁଅନ୍ତି,ବିଶ୍ୱସାରା ଏଥିଲାଗି କୁଖ୍ୟାତି ରହିଛି। ଆଲୋଚ୍ୟ ଅପହରଣ ଘଟଣାରେ ପାକ୍ ସେନା ପକ୍ଷରୁ ଦମନ ବେଳେ ଉପୁଜିଥିବା ସଂଘର୍ଷରେ ୧୬ ବିଦ୍ରୋହୀ ଓ ପାକ୍‌ର ୨୦ ଯବାନଙ୍କ ପ୍ରାଣହାନି ଘଟିଛି।

ପ୍ରାୟ ୨୦୦୦ମସିହା ପ୍ରଥମ ଭାଗରେ ଗଠିତ ବିଏଲଏ ପଛର ଉଦ୍ଦେଶ୍ୟ ସ୍ୱାଧୀନ ବେଲୁଚିସ୍ତାନ ଗଠନ ବୋଲି କୁହାଯାଉଛି। ସ୍ୱାଧୀନ ରାଷ୍ଟ୍ରଗଠନ କାହିଁକି ସେମାନେ ଚାହୁଁଛନ୍ତି,କାରଣ ପାକିସ୍ତାନ ସରକାର ଅର୍ଥନୈତିକ ହେଉ କି ରାଜନୈତିକ ଦୃଷ୍ଟିରୁ ବେଲୁଚସ୍ତାନରେ ଲୋକଙ୍କ ସ୍ୱାର୍ଥରକ୍ଷା ପ୍ରତି ଧ୍ୟାନ ଦେଉ ନଥିବା ଏହି ସଂଗଠନ ଅଭିଯୋଗ କରିଆସୁଛି। ଏହି ସଂଗଠନ ପୂର୍ବରୁ କିଛି ପ୍ରମୁଖ ଆତଙ୍କବାଦୀ କାର୍ଯ୍ୟକଳାପ ଘଟାଇଥିବାର ଦୃଷ୍ଟାନ୍ତ ରହିଛି। ପାକିସ୍ତାନ ସୁରକ୍ଷା ଅଧିକାରୀଙ୍କ ସରକାରୀ ଦପ୍ତର,ଚୀନ ପାଣ୍ଠିରେ ପରିପୋଷିତ ଚୀନ-ପାକିସ୍ତାନ ଅର୍ଥନୈତିକ କରିଡର(ସିପିଇସି)ର ବିଭିନ୍ନ ନିର୍ମାଣ କାର୍ଯ୍ୟ ଉପରେ ଅତୀତରେ ଏହା ଆକ୍ରମଣ କରିଛି। ଗ୍ୱାଦର ପୋର୍ଟ ଲାଗି ପାକ୍ ଚୀନକୁ ଲିଜ୍ ଦେଇଥିବା ହେତୁ ଏହି ସଂଗଠନର କୋପାନଳ ଜଳୁଛି। ଯାହା ଜଣାପଡୁଛି ଉକ୍ତ ସଂଗଠନ ସମ୍ଭବତଃ ଆକଳନ କରିଛି ଯେ ଦେଶରେ ଆର୍ଥିକ ବିଷମତାର ଭୟଙ୍କର ସ୍ଥିତି ସାମ୍ନା କରୁଥିଲେ ହେଁ ଉପାୟଶୂନ୍ୟ ହୋଇ ରହିଛି। ଏହି ପଙ୍ଗୁତା ଦେଶକୁ ଅବକ୍ଷୟମୁଖୀ କଲାଣି। ପ୍ରାୟ ୩୮ ପ୍ରତିଶତ ମୁଦ୍ରାସ୍ଫୀତି ମଧ୍ୟରେ ବୈଦେଶିକ ମୁଦ୍ରା ଭଣ୍ଡାର ଏକପ୍ରକାର ଖାଲି ହେଲାଣି। ଦେଶରେ ଶିକ୍ଷା ବ୍ୟବସ୍ଥା ପ୍ରତି ହେୟ ଭାବ ପ୍ରଦର୍ଶନ କରାଯାଉଛି ବୋଲି ମୋଟ ଘରୋଇ ଉତ୍ପାଦ(ଜିଡିପି)ର ୨ ପ୍ରତିଶତ ଶିକ୍ଷା କ୍ଷେତ୍ରରେ ଖର୍ଚ୍ଚ କରାଯାଉଛି। ସେହିଭଳି ସ୍ୱାସ୍ଥ୍ୟକ୍ଷେତ୍ରରେ ମାତ୍ର ୧.୩ ପ୍ରତିଶତ ଖର୍ଚ୍ଚ କରାଯାଉଛି । ଅଥଚ ସାମରିକ କ୍ଷେତ୍ରରେ ୨୦୨୪-୨୫ ଆର୍ଥିକ ବର୍ଷରେ ୨.୧୩ ଟ୍ରିଲିୟନ ଅର୍ଥ ବ୍ୟୟ ଅଟକଳ କରାଯାଇଛି,ଯାହା ଚଳିତ ବର୍ଷ ୧୧ ପ୍ରତିଶତ ବୃଦ୍ଧି କରାଯାଇଛି। ସାମରିକ କ୍ଷେତ୍ରରେ ଏକ ବର୍ଗ ବିଳାସବ୍ୟସନ ପୂର୍ଣ୍ଣ ଜୀବନଯାପନ କରୁଥିବା ବେଳେ ଜନସଂଖ୍ୟାର ଏକ ବଡଭାଗ ଦୁର୍ଦ୍ଦଶାପୂର୍ଣ୍ଣ ଜୀବନ ଜୀଉଁଛନ୍ତି। ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦରବୃଦ୍ଧି,ଶକ୍ତି ସଂକଟ, ବେରୋଜଗାରି ,ଦାରିଦ୍ର୍ୟ ପ୍ରଭୃତି ଦେଶକୁ ବରବାଦ କରିସାରିଲାଣି।ବେଲୁଚିସ୍ତାନର ଖଣିଜ ପଦାର୍ଥରେ ପାକିସ୍ତାନର ଅର୍ଥନୀତି ସମୃଦ୍ଧି ହେଉଛି ମାତ୍ର ବେଲୁଚିବାସୀ ନାନା ସମସ୍ୟାରେ ନିପୀଡ଼ିତ। ବିଏଲଏର ସ୍ୱପ୍ନ ଏଣେ ଅପହଞ୍ଚ। ମନେ ହେଉଛି ଏନେଇ ପାକ୍ ପ୍ରଶାସନ ବାସ୍ତବତା ଉପଲବ୍ଧି ଏପର୍ଯ୍ୟନ୍ତ କରିନାହିଁ। ତେଣୁ ଟ୍ରେନ ଅପହରଣ ଭଳି ଘଟଣା ଏହା ସାମ୍ନା କରୁଛି। ତେଣୁ ନିଜ ଜାଲରେ ପାକିସ୍ତାନ ନିଜେ ହିଁ ପଡୁଛି।

# ବାଣିଜ୍ୟ ଲଢେଇ

### ସୌଭାଗ୍ୟ ରଂଜନ ମହାନ୍ତି

ଏଥିରେ ସନ୍ଦେହ ନାହିଁ ଯେ, ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ଟାରିଫ ନୀତି ବିଶ୍ୱରେ କେବଳ ବାଣିଜ୍ୟ ଲଢେଇକୁ ଆମନ୍ତ୍ରଣ କରିବନାହିଁ, ବିଭିନ୍ନ ସାମଗ୍ରୀର ଅହେତୁକ ମୂଲ୍ୟ ବୃଦ୍ଧିର କାରଣ ହେବ। ଉଲ୍ଲେଖଯୋଗ୍ୟ ଯେ, ଟ୍ରମ୍ପ ଭାରତ ସମେତ ଚାରୋଟି ରାଷ୍ଟ୍ର ଚୀନ, କାନାଡା, ମେକ୍ସିକୋ ଉପରେ ଆମଦାନୀ ଉପରେ ୧୦୦ପ୍ରତିଶତ ଟାରିଫ ଲାଗୁ କରିଥିବାବେଳେ ଚୀନ କାନାଡା, ମେକ୍ସିକୋ ସହ ଚାରୋଟି ରାଷ୍ଟ୍ର ଉପରେ ଅତିରିକ୍ତ ୨୫ପ୍ରତିଶତ ଟାରିଫ ଲାଗୁ କରିଛନ୍ତି। ଏହାର ଯବାବରେ ଚୀନ ଗହମ, ମକା, ତୁଳା, ଚିକେନ ଉପରେ ୧୫ପ୍ରତିଶତ ଏବଂ ସୋୟାବିନ, ଘୁଷୁରି ମାଂସ, କୁକୁଡା ମାଂସ, ଗୋ ମାଂସ, ଫଳ, ପନିପରିବା ଏବଂ ଦୁଗ୍ଧଜାତ ଉତ୍ପାଦନ ଉପରେ ଆମେରିକା ଠାରୁ ୧୦ପ୍ରତିଶତ ଶୁଳ୍କ ଲାଗୁ କରିଛି ଏପରିକି ମଧ୍ୟ ଚୀନ ସାମଗ୍ରୀ ଉପରେ ଟ୍ରମ୍ପ ପ୍ରଶାସନ ଅତିରିକ୍ତ ୧୦ପ୍ରତିଶତ ଲେଭି ଲାଗୁ କରିଛି, ଯାହାକି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଲେ ଅତ୍ୟୁକ୍ତି ହୋଇନପାରେ। ଉଲ୍ଲେଖଯୋଗ୍ୟ ଯେ, ଆମେରିକୀୟ ସୋୟାବିନ ଏବଂ କଟନ ପାଇଁ ଚୀନ ହେଉଛି ସର୍ବବୃହତ୍ ବଜାର। ଆହୁରି ଚୀନ ହେଉଛି ଏହାର ଗୋମାଂସ, ଗୋଦୁଗ୍ଧ ଜାତ ସାମଗ୍ରୀ, ଘୁଷୁରି ମାଂସ ଏବଂ କୁକୁଡା ଅଣ୍ଡା, ମାଂସର ସବୁଠୁ ବଡ କ୍ରେତା। ଯଦି ଏହି ସମସ୍ତ ଆମେରିକୀୟ କୃଷିଜାତ ସାମଗ୍ରୀ ଅଧିକ ବ୍ୟୟ ବହୁଳ ହୋଇପଡିବ। ଯାହାର ମୁକାବିଲା ପାଇଁ ଚୀନ ବିକଳ୍ପ ଖୋଜିବା କିଛି ଅସମ୍ଭବ ନୁହେଁ। ବିକଳ୍ପ ସ୍ୱରୁପ ବ୍ରାଜିଲ, ଆର୍ଜେଟିଂନା ଏବଂ ପାରାଗୁଏରୁ ଚୀନ ଏହି ସମସ୍ତ ଖାଦ୍ୟ ସାମଗ୍ରୀ ଆମଦାନୀ କରିପାରେ। ଏହାଦ୍ୱାରା ଆମେରିକାର ଚାଷୀମାନେ କ୍ଷତିଗ୍ରସ୍ତ ହେବେ। ସ୍ମରଣ କରାଯାଇପାରେ ଯେ, ୨୦୨୪ ରାଷ୍ଟ୍ରପତି ନିର୍ବାଚନରେ ଟ୍ରମ୍ପ ୭୮ ପ୍ରତିଶତ ଲୋକପ୍ରିୟ(ପପୁଲାର) ଭୋଟ ପାଇ ନିର୍ବାଚିତ ହୋଇଛନ୍ତି। ଯେଉଁଥିରେ ଆମେରିକାର କୃଷକଙ୍କ ଯୋଗଦାନ ସର୍ବାଧିକ ରହିଛି। ଏହା ନିଃସନ୍ଦେହ ଯେ, ଆମେରିକାର ସମ୍ଭାବ୍ୟ ବାଣିଜ୍ୟ ଲଢେଇ ଚୀନ, କାନାଡା କିମ୍ବା ମେକ୍ସିକୋ ମଧ୍ୟରେ ସୀମିତ ନୁହେଁ। ୨୫ପ୍ରତିଶତ ଟାରିଫ ମଙ୍ଗଳବାର ଠାରୁ କାନାଡା ଓ ମେକ୍ସିକୋ ବିରୁଦ୍ଧରେ ଲାଗୁ ହୋଇଛି। ଏହାର ପାଲଟା ଯବାବ ସ୍ୱରୁପ କାନାଡା ଆମେରିକାର ଆମଦାନୀ ସାମଗ୍ରୀ ଉପରେ ୧୫୫ ବିଲିଅନ ଡଲାରର ଶୁଳ୍କ ଲାଗୁ କରିବା ପାଇଁ ଘୋଷଣା କରିଛି। ସେହିପରି ଟ୍ରମ୍ପ ମଧ୍ୟ ଇସ୍ପାତ ଏବଂ ଆଲୁମିନିୟମ୍ ଉପରେ ବିଶ୍ୱବ୍ୟାପୀ ୨୫ପ୍ରତିଶତ ଶିଳ୍କ କରିବାକୁ ଘୋଷଣା କରିଛି। ଯାହାକି ଆସନ୍ତା ୧୨ ତାରିଖରୁ କାର୍ଯ୍ୟକାରୀ ହେବ। ଏହାଦ୍ୱାରା ବିଶ୍ୱବ୍ୟାପୀ ଇସ୍ପାତ ଓ ଆଲୁମିନିୟମର ମୂଲ୍ୟ ବୃଦ୍ଧି ଘଟିବ। ଟ୍ରମ୍ପଙ୍କ ବାଣିଜ୍ୟ ନୀତି ନେଇ ପରସ୍ପର ବିରୁଦ୍ଧରେ ଟାରିଫ ଲାଗୁ କରିବା ଦ୍ୱାରା ବିଭିନ୍ନ ଅତ୍ୟାବଶ୍ୟକୀୟ ସାମଗ୍ରୀର ମୂଲ୍ୟ ବଢିବାକୁ କେହି ରୋକିପାରିବେ ନାହିଁ। ଏହାଦ୍ୱାରା ନିରିହ ଖାଉଟି କେବଳ ଅହେତୁକ ଦରବୃଦ୍ଧିର ଶିକାର ହେବା ସାର ହେବ। କେବଳ ଏତିକି ନୁହେଁ, ଟାରିଫ ଲଢେଇ ଯୋଗୁଁ ଉଭୟ ଆମଦାନୀ ଓ ରପ୍ତାନୀ ସାମଗ୍ରୀର ମୂଲ୍ୟ ବୃଦ୍ଧି ଘଟିବ। ଉଲ୍ଲେଖଯୋଗ୍ୟ ଯେ, ଗଲା ୨୦୨୪ରେ ଆମେରିକା ୩.୩ ଟ୍ରିଲିୟନ ହଜାରର ସାମଗ୍ରୀ ଆମଦାନି କରିଥିବାବେଳେ ୨.୧ ଟ୍ରିଲିଅନ ଡଲାରର ସାମଗ୍ରୀ ରପ୍ତାନି କରିଥିଲା। କହିବା ବାହୁଲ୍ୟ ଯେ, ଭାରତ ମଧ୍ୟ ଏଥିରୁ ବାଦ ପଡିବ ନାହିଁ। ଭାରତ ଆମେରିକାରୁ ଆମଦାନି କରୁଥିବା ସାମଗ୍ରୀର ମୂଲ୍ୟ ଆଶାତୀତ ଭାବେ ବୃଦ୍ଧି ପାଇବ। ଆମେରିକାର ଶହେ ପ୍ରତିଶତ ଟାରିଫ ଲାଗୁ ବିରୁଦ୍ଧରେ ଭାରତ କି ପ୍ରକାର ପାଲଟା ପଦକ୍ଷେପ ଗ୍ରହଣ କରିବ, ତାହା ବର୍ତ୍ତମାନ ସୁଦ୍ଧା ଜଣାପଡିନାହିଁ। କିନ୍ତୁ ଭାରତ ପାଲଟା କଠୋର ପଦକ୍ଷେପ ଗ୍ରହଣ କରିବା ସମ୍ଭାବନାକୁ ଅଣଦେଖା କରାଯାଇନପାରେ ସ୍ମରଣ କରାଯାଇପାରେ ଯେ, ଅତୀତରେ ତଥା କିଛି ବର୍ଷ ତଳେ ଆମେରିକାର ଭାରତୀୟ ସାମ୍ରଗୀ ଉପରେ ଶୁଳ୍କ ଲାଗୁ କରିବା ପରେ ଭାରତ ମଧ୍ୟ ଏହାର ପାଲଟା ଜବାବ ଦେଇଥିଲା। ଏବେ ଭାରତ ବିଶ୍ୱରେ ଏକ ଆନ୍ତର୍ଜାତିକ ଟ୍ରେଡ ପାର୍ଟନର ଭାବେ ଉଭା ହୋଇଛି। ଇତି ମଧ୍ୟରେ ଆମେରିକା ଆଲମୋଣ୍ଡସ, ୱାଲନଟ୍ (ବାଦାମ), ମକା ଏବଂ ଦୁଇସ୍କି ଉପରୁ ଆମେରିକା ଶୁଳ୍କ ହ୍ରାସ କରିଥିବା ସତ୍ତ୍ୱେ ତାହା ଭାରତୀୟ ଉତ୍ପାଦନ ଉପରେ କୌଣସି କ୍ଷତି କରିପାରିବ ନାହିଁ ବା ଭାରତ କ୍ଷତିଗ୍ରସ୍ତ ହେବ ନାହିଁ। ଏପରିକି ଭାରତୀୟ ଚାଷୀ କୁକୁଡା ମାଂସ, ଅଣ୍ଡା, ଦୁଗ୍ଧଜାତ ସାମଗ୍ରୀ ରପ୍ତାନୀରୁ ମଧ୍ୟ ଲାଭବାନ ହେବେ।

ମୋ- ୭୯୭୮୬୬୬୪୦୩

# ଗ୍ରୀନ୍ ହାଉସ୍ ପ୍ରଭାବ କେତେ ବିପଜ୍ଜନକ ?

### ଅସିତ ମହାନ୍ତି

ଜଳବାୟୁ ପରିବର୍ତ୍ତନରେ ଗ୍ରୀନ୍ ହାଉସ୍ ପ୍ରଭାବ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଓଜୋନ୍ ବ୍ୟତୀତ କାର୍ବନ ଡାଇଅକ୍ସାଇଡ୍, ମିଥେନ୍, ନାଇଟ୍ରସ୍ ଅକ୍ସାଇଡ୍, ଜଳୀୟ ବାଷ୍ପ ଏବଂ କ୍ଲୋରୋଫ୍ଲୋରୋକାର୍ବନ୍ ସବୁ ଗ୍ରୀନହାଉସ୍ ଗ୍ୟାସ ବୋଲି କୁହାଯାଏ। ପ୍ରଶ୍ନ ହେଉଛି, ସେମାନେ କ'ଣ କରନ୍ତି ? ଏହା ପୃଥିବୀରୁ ନିର୍ଗତ ହେଉଥିବା ବିକିରଣକୁ ଗ୍ରହଣ କରିଥାଏ, ଯେଉଁ କାରଣରୁ ଏହି ବିକିରଣ ପୃଥିବୀର ବାୟୁମଣ୍ଡଳରୁ ବାହାରକୁ ଯାଇପାରିବ ନାହିଁ। ଏଭଳି ସ୍ଥିତିରେ ପୃଥିବୀର ବାୟୁମଣ୍ଡଳ ଉତ୍ତପ୍ତ ହୋଇଥାଏ। ପୃଥିବୀ ସହିତ ଏହାହିଁ ହୋଇଛି। ଏହି ଗ୍ରୀନ ହାଉସ ପ୍ରଭାବ କିପରି ନିଆଁରେ ଘିଅର କାମ କରୁଛି, ଅର୍ଥାତ ପୃଥିବୀର ତାପମାତ୍ରାକୁ ବଢ଼ାଉଛି ,ସେ ବିଷୟରେ ସମ୍ୟକ ଜ୍ଞାନ ଆହରଣ କରିବା ଉଚିତ । ପୃଥିବୀର ଶକ୍ତିର ଉତ୍ସ କ'ଣ? ସୂର୍ଯ୍ୟ, ଯେତେବେଳେ ଏକ ଆଗ୍ନେୟଗିରି ଉଦଗୀରଣ ହୁଏ ସେତେବେଳେ ପୃଥିବୀ ଭିତରେ ଥିବା ଉତ୍ତାପ ଅପେକ୍ଷା ଅଳ୍ପ ଶକ୍ତି ଅଧିକ, ନଚେତ୍ ପୃଥିବୀର ଅଧିକାଂଶ ଶକ୍ତି କେଉଁଠାରୁ ଆସେ ? ଏହା ସ୍ପଷ୍ଟତଃ ସୂର୍ଯ୍ୟଙ୍କ ଠାରୁ ଆସିଥାଏ। ବର୍ତ୍ତମାନ ସୂର୍ଯ୍ୟଙ୍କ ଆଲୋକ ପୃଥିବୀର ପୃଷ୍ଠକୁ ଆଘାତ କରେ ଏବଂ ଫେରିଆସେ। ସୂର୍ଯ୍ୟରୁ ଆସୁଥିବା କିରଣଗୁଡ଼ିକ ଗରମ ହୋଇଥାଏ, ପଛକୁ ଯାଉଥିବା କିରଣ ତୁଳନାରେ ତାପମାତ୍ରା ଅଧିକ ହୋଇଥାଏ। ତେଣୁ ଗ୍ରୀନହାଉସ୍ ପ୍ରଭାବ ହେଉଛି ଯେ ଯେଉଁ ବିକିରଣ ଫେରୁଛି, ଏହାର କିଛି ଗ୍ୟାସ ଅଣୁ ଧରାଯାଏ, ପଛକୁ ଯିବାକୁ ଅନୁମତି ଦିଆଯାଏ ନାହିଁ, ତେଣୁ ସେଗୁଡିକ ମଧ୍ୟ ଉତ୍ତପ୍ତ ହୁଏ, ଏହି ଉତ୍ତାପ ହେଉଛି ସମଗ୍ର ବାୟୁମଣ୍ଡଳ, ଏହା ଉତ୍ତପ୍ତ ହୁଏ । ଏ ଗ୍ରୀଷ୍ମ ଋତୁରେ କ 'ଣ ହେଉଛି ? ଯେତେବେଳେ ପୃଥିବୀର ତାପମାତ୍ରା ବୃଦ୍ଧି ପାଇଥାଏ, ଅନେକ ରୋଗ ସୃଷ୍ଟି ହୋଇଥାଏ। ତାପମାତ୍ରା ବଢ଼ିବା ସହିତ ବାୟୁମଣ୍ଡଳରେ ଶକ୍ତିର ପରିମାଣ ମଧ୍ୟ ବଢ଼ିଥାଏ। ତାପମାତ୍ରା ଯେତେ ଅଧିକ ହେବ, ସେତେ ଅଧିକ ଶକ୍ତି ଅନେକ ଉପାୟରେ ପ୍ରକାଶ ପାଇବ-ଅଧିକ ବର୍ଷା ହେବ, ଅଧିକ ଝଡ଼ ହେବ, ଅଧିକ ଉତ୍ତାପ ହେବ, ଅଧିକ ବରଫ ତରଳିବ, ଅଧିକ ବନ୍ୟା ଆସିବ, କିଛି ନଦୀ ଶୁଖିଯିବ, ମରୁଭୂମି ବ୍ୟାପିଯିବ । ପଶୁମାନେ ରହୁଥିବା ସ୍ଥାନର ତାପମାତ୍ରା ଅସନ୍ତୁଳିତ ହୋଇଯିବ, ତେଣୁ ପଶୁମାନଙ୍କୁ ସେହି ସ୍ଥାନ ଛାଡିବାକୁ ପଡ଼ିବ। ଏହି ପ୍ରକ୍ରିୟାରେ ହଜାର ହଜାର ପ୍ରାଣୀ ପ୍ରଜାତି ନିଶ୍ଚିହ୍ନ ହୋଇଯିବ। ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକ ସବୁଠାରୁ ଅଧିକ ପ୍ରଭାବିତ



ହେବେ। ଦ୍ୱୀପ ଇତ୍ୟାଦି ପରି ନିମ୍ନ ଉଚ୍ଚତା ଅଞ୍ଚଳ ଯାହା ହେଉନା କାହିଁକି । ଏହା ସେମାନଙ୍କ ଉପରେ ବହୁତ ପ୍ରଭାବ ପକାଇବ। ଅନେକ ଦ୍ୱୀପ ରାଷ୍ଟ୍ର ଅଦୃଶ୍ୟ ହୋଇଯିବ। ଏପରି ଅନେକ ଦେଶ ଅଛି ଯାହା ଛୋଟ ଛୋଟ ଦ୍ୱୀପପୁଞ୍ଜର, ସେହି ଦ୍ୱୀପକୁ ସମ୍ପୂର୍ଣ୍ଣ ଭାବେ ଜଳମଗ୍ନ ହେବାକୁ ପଡ଼ିବ। ଯାହା କିଛି ଘଟିବ ତାହାର ପ୍ରତିକ୍ରିୟା ପ୍ରଭାବ ରହିବ। ତେବେ ଏହାର ପ୍ରତିକ୍ରିୟା ପ୍ରଭାବ କ'ଣ? ବର୍ତ୍ତମାନ ଆମେ ଆଲୋଚନା କଲୁ ଯେ ବାୟୁମଣ୍ଡଳରେ ଗ୍ରୀନ୍ ହାଉସ୍ ଗ୍ୟାସ ଯେତେ ଅଧିକ ହେବ, ବାୟୁମଣ୍ଡଳରେ ତାପମାତ୍ରା ସେତେ ଅଧିକ ବୃଦ୍ଧି ପାଇବ। ବାସ୍ତବରେ, ଗ୍ରୀନ୍ ହାଉସ୍ ଗ୍ୟାସ ମଧ୍ୟରୁ ଗୋଟିଏ ହେଉଛି ଜଳୀୟ ବାଷ୍ପ, ଜଳୀୟ ବାଷ୍ପ। ଉଷ୍ମ ବାୟୁ ନିଜ ଭିତରେ ଅଧିକ ଜଳୀୟ ବାଷ୍ପ ଧାରଣ କରିପାରେ। ବାୟୁର ତାପମାତ୍ରା ଯେତେ ଅଧିକ ହେବ, ବାଷ୍ପ ବହନ କରିବାର କ୍ଷମତା ସେତେ ଅଧିକ ହେବ। ତେଣୁ ଗରମ ପବନରେ ଜଳୀୟ ବାଷ୍ପ ଅଧିକ ହେବ, ତା 'ପରେ ଗ୍ରୀନ୍ ହାଉସ୍ ପ୍ରଭାବ ମଧ୍ୟ ଅଧିକ ହେବ, ଗ୍ରୀନ୍ ହାଉସ୍ ପ୍ରଭାବ ଅଧିକ ହେବ, ତା' ପରେ ବାୟୁ ଅଧିକ ଗରମ ହେବ, ବାୟୁ ଅଧିକ ଗରମ ହେବ, ତା 'ପରେ ବାଷ୍ପ ଅଧିକ ହେବ, ତା' ପରେ ଗ୍ରୀନ୍ ହାଉସ୍ ପ୍ରଭାବ ଅଧିକ ହେବ। ତେଣୁ ବର୍ତ୍ତମାନ ଏଗୁଡ଼ିକୁ ଫିଡବ୍ୟାକ ଚକ୍ର କୁହାଯାଏ ଯାହାକୁ କେହି ଅଟକାଇ ପାରିବେ ନାହିଁ। ଥରେ ଏହା ଆରମ୍ଭ ହେଲେ, କେହି ଜାଣନ୍ତି ନାହିଁ ଏହା କେଉଁଠି ବନ୍ଦ ହେବ।

ଏହାର ପ୍ରଭାବ ସମଗ୍ର ବିଶ୍ୱ ଉପରେ ପଡ଼ିବ। ତାହା ହେଲେ କ'ଣ ହେବ? ହିମବାହ ତରଳିବ, ପ୍ରଥମେ ବନ୍ୟା ଆସିବ ଏବଂ ତା 'ପରେ ଭୟଙ୍କର ମରୁଡ଼ି ହେବ। ଉଦାହରଣ ସ୍ୱରୂପ, ଲଦାଖକୁ ନିଅନ୍ତୁ, ଯେଉଁଥିପାଇଁ ସୋନମ ୱାଙ୍ଗଚୁକ୍ ଲଢୁଛନ୍ତି। ଲଦାଖ ପ୍ରକୃତରେ ହିମାଳୟର ଏକ ଅଂଶ। ଗ୍ଲେସିୟର ତରଳିଲେ ପ୍ରଥମେ କ 'ଣ ହେବ? ଭାରତର ୧୫୦ କୋଟି ଜନସଂଖ୍ୟାର ଅଧାରୁ ଅଧିକ ହିମାଳୟ ରିବର୍ସ ଅଟେ, ସମଗ୍ର ଉତ୍ତର ଭାରତ ଏହା ଉପରେ ନିର୍ଭରଶୀଳ। ଉତ୍ତର ଭାରତର ଅଧିକାଂଶ ଜଳ ହିମାଳୟରୁ ଆସିଥାଏ। ଯେତେବେଳେ ହିମବାହ ଏତେ ଶୀଘ୍ର ତରଳିବ, ସେତେବେଳେ ବନ୍ୟା ଆସିବ ଏବଂ ଏହା ପରେ ଆଉ କିଛି ରହିବ ନାହିଁ। ନଦୀଗୁଡ଼ିକ ଦେଖିବାକୁ ମିଳୁନାହିଁ। ଆଗାମୀ କିଛି ବର୍ଷ ଭିତରେ ଏସବୁ ହେବାକୁ ଯାଉଛି। ଏହି ଘଟଣାଟି କିଛି ଦିନ ପୂର୍ବରୁ ଘଟିଥିଲା। ଲଦାଖରେ ହିମବାହ ତରଳିବା କାରଣରୁ ସେଠାକାର ହ୍ରଦ ଏବଂ ପୋଖରୀ ବିପଜ୍ଜନକ ସ୍ତର ପର୍ଯ୍ୟନ୍ତ ଭରି ଯାଇଛି। ଯେତେବେଳେ ସେହି ପରିମାଣ ପୂରଣ ହୁଏ, ସେଗୁଡ଼ିକ ଫାଟିଯାଏ, ଯେତେବେଳେ ଏହା ଘଟେ, ତଳିଆ ଅଞ୍ଚଳଗୁଡ଼ିକ ବନ୍ୟା ଦ୍ୱାରା ପ୍ଲାବିତ ହୋଇଯାଏ। ସେଠାରେ ଏକ ବଡ଼ ହ୍ରଦ ଥିଲା। ସୋନମ ୱାଙ୍ଗଚୁକ୍ କହିଥିଲେ ଯେ, ସିଫୋନିଂ ମାଧ୍ୟମରେ ପାଣିକୁ ଡାଇଭର୍ଟ କରିଦିଆଯାଉ । ସରକାର ଶୁଣିଲେ ନାହିଁ, ସରକାର ଏହାକୁ ବିସ୍ଫୋରଣ କଲେ, ତେଣୁ ତଳେ ବହୁତ ବିନାଶ ହୋଇଥିଲା। ଫସଲ ନଷ୍ଟ ହୋଇଛି, ରାସ୍ତା ଧୋଇ ହୋଇଯାଇଛି। ସିକିମରେ ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି ହୋଇଥିଲା ଏବଂ ସୋନମ ୱାଙ୍ଗଚୁକଙ୍କୁ ସିଫୋନିଂ ପାଇଁ ଡକାଯାଇଥିଲା। ତେଣୁ ଏହି ହିମନଦୀ ଆମକୁ ବୁଝାଇବାକୁ ହେବ ଯେ ଏହା କେତେ ବିଶାଳ ଏବଂ କ 'ଣ କ୍ଷତି କରିପାରେ? ଗୋଟିଏ ହିମନଦୀ ଗୋଟିଏ ନଦୀ ଯେତିକି ଜଳ ଧାରଣ କରିପାରେ। ଯେତେବେଳେ ଏହା ତରଳିଯାଏ, ଏହା ବିନାଶ ସହିତ ପ୍ରତିକ୍ରିୟା ଚକ୍ରକୁ ବୃଦ୍ଧି କରେ । ବରଫର ରଙ୍ଗ ଧଳା। ଯେତେବେଳେ ସୂର୍ଯ୍ୟ ବରଫ ଉପରେ ଆଲୋକିତ ହୁଅନ୍ତି, ବରଫ ସୂର୍ଯ୍ୟ କିରଣକୁ ପ୍ରତିଫଳିତ କରିଥାଏ। ବରଫ ତରଳିଲେ, ଏହା ତରଳିବାକୁ ଆରମ୍ଭ କରେ । ତରଳୁଥିବା ବରଫ ତଳେ ମାଟି ଏବଂ ପଥରଗୁଡ଼ିକ ଉନ୍ମୁକ୍ତ ହୋଇଯାଏ ଏବଂ ସେମାନେ ସୂର୍ଯ୍ୟାଲୋକକୁ ଶୋଷଣ କରନ୍ତି । ଯେତେବେଳେ ସେମାନେ ଭିଜାଇ ଦିଅନ୍ତି, ମାଟି ଏବଂ ପଥରଗୁଡ଼ିକ ଗରମ ହୋଇଯାଏ, ଏବଂ ବରଫ ତରଳିବାକୁ ଆରମ୍ଭ କରେ । ଏହି ତରଳିବା ଜାରି ରହିଥିବା ବେଳେ, ପଥରଗୁଡ଼ିକ ଅଧିକ ଉନ୍ମୁକ୍ତ ହୋଇଯାଏ। ଏକ ନକାରାତ୍ମକ ପ୍ରତିକ୍ରିୟା ଚକ୍ର ଚାଲିଥାଏ। ଏହି ପ୍ରକ୍ରିୟାରେ ଜଳ ବାଷ୍ପୀଭୂତ ହୋଇଥାଏ। ଅର୍ଥାତ୍, ଜଳୀୟ ବାଷ୍ପ, ଏଚଟୁଓ ଏବଂ ଏଚଟୁଓ ହେଉଛି ଏକ ଗ୍ରୀନ୍ ହାଉସ୍ ଗ୍ୟାସ। ଏଠାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ରହିଛି, ଗ୍ରୀନ୍ ହାଉସ୍ ଗ୍ୟାସ କେବଳ କାର୍ବନ ଡାଇଅକ୍ସାଇଡ୍ ନୁହେଁ। ମିଥେନ୍ ହେଉଛି ପୃଥିବୀର ବାୟୁମଣ୍ଡଳରେ ସର୍ବାଧିକ ପ୍ରଚୁର ପରିମାଣର ଗ୍ରୀନ୍ ହାଉସ୍ ଗ୍ୟାସ ଯାହା କାର୍ବନ ଡାଇଅକ୍ସାଇଡ୍ ଠାରୁ ଅଧିକ। ମିଥେନ୍ ଗ୍ୟାସ କୃଷି, ଜୀବାଶ୍ମ ଇନ୍ଧନ, ଲ୍ୟାଣ୍ଡଫିଲଫିଲ୍ ବର୍ଜ୍ୟ ଅପଘଟନ ଏବଂ ପ୍ରାକୃତିକ ପ୍ରକ୍ରିୟାରୁ ଆସିଥାଏ । ମିଥେନ୍ ହେଉଛି ଏକ ଶକ୍ତିଶାଳୀ ଗ୍ରୀନ୍ ହାଉସ୍ ଗ୍ୟାସ । ଏହାର ବିଶ୍ୱ ତାପମାତ୍ରା ବୃଦ୍ଧି କ୍ଷମତା କାର୍ବନ ଡାଇଅକ୍ସାଇଡ୍ ତୁଳନାରେ ୨୮ ଗୁଣ ଅଧିକ। ମିଥେନ୍ ଗ୍ୟାସ ଜ୍ୱଳନ୍ତ ଏବଂ ଇନ୍ଧନ ଭାବରେ ବ୍ୟବହୃତ ହୁଏ । ମିଥେନ୍ ଗ୍ୟାସ ଭୂତଳ ଜଳ ସହିତ ଜଳ କୂଅକୁ ଗ୍ୟାସ ମଧ୍ୟ ପ୍ରବେଶ କରିପାରେ। ସର୍ବାଧିକ ଗ୍ରୀନ୍ ହାଉସ୍ ଗ୍ୟାସ ନିର୍ଗମନ କରୁଥିବା ଦେଶଗୁଡ଼ିକ ମଧ୍ୟରେ ରହିଛି ଚୀନ ୨୦୨୨ ରେ ୧୨.୬ ଗିଗାଟନରୁ ଅଧିକ ଅଙ୍ଗାରକାମ୍ଳ ନିର୍ଗମନ କରୁଥିବା ସର୍ବବୃହତ୍ ଦେଶ। ଯୁକ୍ତରାଷ୍ଟ୍ର ଆମେରିକା ୪.୮୫ ଗିଗା ଟନ୍ ଅଙ୍ଗାରକାମ୍ଳ ନିର୍ଗମନ ସହିତ ଦ୍ୱିତୀୟ। ଭାରତ ତୃତୀୟ୨.୬୯ ଗିଗାଟନ୍ ଅଙ୍ଗାରକାମ୍ଳ ନିର୍ଗମନ କରୁଛି। ରୁଷ ଏବଂ ଜାପାନ ଯଥାକ୍ରମେ ୧.୯ ଏବଂ ୧.୦୮ ଗିଗାଟନ୍ ନିର୍ଗମନ ସହିତ ଅନୁସରଣ କରନ୍ତି। ଏହି ନିର୍ଗମନଗୁଡ଼ିକ ଜନସଂଖ୍ୟାର ଆକାର, ଶିଳ୍ପ କାର୍ଯ୍ୟକଳାପ ଏବଂ ଶକ୍ତି ବ୍ୟବହାର ଭଳି କାରକମାନଙ୍କ ଦ୍ୱାରା ପ୍ରଭାବିତ ହୋଇଥାଏ।

ସୁଜନପୁର, ଯାଜପୁର
୯୪୩୭୨୮୮୦୨୮

# ମିଳନର ପର୍ବ ଦୋଳ ଓ ହୋଲି

### ଉମାଶଙ୍କର ପ୍ରସାଦ

ପୌରାଣିକ କିମ୍ବଦନ୍ତୀ କହେ ବୃନ୍ଦାବନର ଯମୁନା ନଦୀତଟରେ ଏହି ପବିତ୍ର ଦୋଳପୂର୍ଣ୍ଣମା ଅବସରରେ ଗୋପାଙ୍ଗନାମାନେ ରାଧାକୃଷ୍ଣଙ୍କୁ ଝୁଲଣରେ ବସାଇ ଝୁଲାଇ ଥାନ୍ତି, ତେଣୁ ଏହା ବାସନ୍ତିକ ରାସ ଭାବେ ଅଭିହିତ। ଭକ୍ତିମତି ରାଧିକା ଏହି ଦିନ ଗୋପୀମାନଙ୍କ ଗହଣରେ ଶ୍ରୀକୃଷ୍ଣଙ୍କ ସହ ଅବିର ଖେଳିଥିଲେ। ଏହି ଫଗୁ ଦଶମୀ ଓ ଅବିର ଖେଳ ମାନବ ସମାଜରେ ଏକ ଆଧ୍ୟାତ୍ମିକତାର ନବଚେତନା ଲାଭ କରିଥାଏ।

ହିନ୍ଦୁ ସଂସ୍କୃତିରେ ଫାଲ୍‌ଗୁନ ମାସ ମଧୁମାସ ଭାବେ ପରିଚିତ। ଏହି ମାସରେ ଭାରତ ତଥା ଓଡିଶାର ବିଭିନ୍ନ କ୍ଷେତ୍ରରେ "ମିଳନର ପର୍ବ ଦୋଳ ଓ ହୋଲି"ପର୍ବ ମହାସମାରୋହରେ ପାଳନ କରାଯାଇଥାଏ। ଋତୁରାଜ ବସନ୍ତର ଆଗମନ, ଫାଲ୍ଗୁନ ପୂର୍ଣ୍ଣମୀ ଓ ମଦନ ମୋହନ ପୂଜାର୍ଚ୍ଚନା ଏକକାଳୀନ ହେଉଥିବାରୁ ଏହାକୁ 'ବସନ୍ତ ମହୋତ୍ସବ,ଫଲଗୁ ଉତ୍ସବ ଓ ମଦନ ମହୋତ୍ସବ ବୋଲି ସମସ୍ତେ କହିଥାନ୍ତି। ପୁରାଣ ଆଖ୍ୟାନ ଅନୁସାରେ "ଦୋଳେଚ ଦୋଳ ଗୋବିନ୍ଦ / ଚାପେଚ ମଧୁସୁଦନ— ରଥେ ତୁ ବାମନଂ ଦୃଷ୍ଟ୍ୱା , ପୁନର୍ଜନ୍ମ ନବିଦ୍ୟତେ" । ଅର୍ଥାତ ଦୋଳରେ ଗୋବିନ୍ଦ, ଚାପ ଖେଳ ସମୟରେ ମଧୁସୂଦନ ଓ ରଥରେ ବାମନରୂପୀ ଜଗନ୍ନାଥଙ୍କୁ ଦର୍ଶନ କଲେ ମଣିଷର ପୁନର୍ଜନ୍ମ ହୋଇନଥାଏ ବୋଲି ବିଶ୍ୱାସ। ମିଳନର ଏହି ପର୍ବ ପାଳନ ଦ୍ୱାରା ମନୁଷ୍ୟ ହୃଦୟରୁ ସମସ୍ତ କଳୁଷ ଧୋଇହୋଇ ଯିବା ସହ ମାନବାତ୍ମା ପରମାତ୍ମାରେ ରୂପାନ୍ତରିତ ହୋଇଯାଏ। ଏହି ପର୍ବକୁ କାୟ ମନୋବାକ୍ୟରେ ପାଳନ କଲେ ମଣିଷ ପରମେଶ୍ୱରଙ୍କ ଶାଶ୍ୱତ ଚିରନ୍ତନ ପ୍ରେମକୁ ଲାଭ କରିପାରିବ ବୋଲି ଅଖଣ୍ଡ ବିଶ୍ୱାସ ଅଛି। ଶୁକ୍ଳ ଦଶମୀ ତିଥିରୁ ଏହି ପର୍ବ ଆରମ୍ଭ ହୋଇ ପାଞ୍□ ଦିନ ଧରି ଚାଲେ। ପୂର୍ଣ୍ଣମୀ ପର ଦିନ ହୋଲି ଉତ୍ସବ ପାଳନ କରାଯାଇଥାଏ। ଆମ ସଂସ୍କୃତିରେ ଏହି ପର୍ବ ସର୍ବ ପ୍ରାଚୀନ ପରମ୍ପରା।

ବୃନ୍ଦାବନରେ ଋତୁରାଜ ବସନ୍ତର ଆଗମନରେ ବସନ୍ତ ରାସ ଉତ୍ସବ ଅନୁଷ୍ଠିତ ହୋଇଥାଏ। ବ୍ରଜାଙ୍ଗନାମାନଙ୍କର ହର୍ଷୋଲ୍ଲାସରେ ଏହି ବସନ୍ତ ରାସ ପ୍ରାଣବନ୍ତ ହୋଇ ଉଠିଥାଏ। ପୌରାଣିକ କିମ୍ବଦନ୍ତୀ କହେ ବୃନ୍ଦାବନର ଯମୁନା ନଦୀତଟରେ ଏହି ପବିତ୍ର ଦୋଳପୂର୍ଣ୍ଣମା ଅବସରରେ ଗୋପାଙ୍ଗନାମାନେ ରାଧା କୃଷ୍ଣଙ୍କୁ ଝୁଲଣରେ ବସାଇ ଝୁଲାଇ ଥାନ୍ତି, ତେଣୁ ଏହା ବାସନ୍ତିକ ରାସ ଭାବେ ଅଭିହିତ। ଭକ୍ତିମତି ରାଧିକା ଏହି ଦିନ ଗୋପୀମାନଙ୍କ ଗହଣରେ ଶ୍ରୀକୃଷ୍ଣଙ୍କ ସହ ଅବିର ଖେଳିଥିଲେ। ଏହି ଫଗୁ ଦଶମୀ ଓ ଅବିର ଖେଳ ମାନବ ସମାଜରେ ଏକ ଆଧ୍ୟାତ୍ମିକତାର ନବଚେତନା ଲାଭ କରିଥାଏ। ବିଶେଷ ଭାବରେ ଶ୍ରୀ ଚୈତନ୍ୟଙ୍କ ଜନ୍ମ ଏହି ଫଗୁ ଦଶମୀ ଦିନ ହୋଇଥିବାରୁ ସେହି ଦିନଠାରୁ ଏହି ପର୍ବର ସୂତ୍ରପାତ ହୋଇଥିଲା। ମାଦଳାପାଞ୍ଜି କହେ ଏହି ଉତ୍ସବ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ଆଦେଶାନୁସାରେ ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ଚୋଳଗଙ୍ଗ ଦେବଙ୍କ ରାଜତ୍ୱ ସମୟରୁ ଏହି ଯାତ୍ରା ଶ୍ରୀ ମନ୍ଦିରରେ ଦଶମୀଠାରୁ ଆରମ୍ଭ ହୋଇଥାଏ। ଦଶମୀ ଦିନ ମଧ୍ୟାହ୍ନ ଧୂପ ପରଠାରୁ ଶ୍ରୀ ଜୀଉଙ୍କୁ ଷୋଡ଼ଶ ଉପଚାର ପୂଜା ବନ୍ଦାପନା ଓ ଫଗୁଅଂଜଳି ହୋଇଥାଏ।

ଓଡ଼ିଶାର ପୁରପଲ୍ଲୀରେ ଏହି ମିଳନର ପର୍ବ ଦୋଳ ଯାତ୍ରା ମହାସମାରୋହରେ ପାଳନ କରାଯାଇଥାଏ। ଶ୍ରୀକୃଷ୍ଣଙ୍କ ଚଳନ୍ତ ବିଗ୍ରହଙ୍କୁ ଏକ ବିମାନରେ ବିଜେ କରାଯାଇ କୀର୍ତ୍ତନ, ତାଳ,



ବାଦ୍ୟ, କାହାଳୀ ନାଦରେ ବିଭିନ୍ନ ଗ୍ରାମ ପରିକ୍ରମା କରାଯାଇ ଥାଏ। ଭଗବାନଙ୍କ ଆଗମନରେ ଭକ୍ତ ହୃଦୟ ତଲ୍ଲିନ ହୋଇ ଉଠିଥାଏ। ଏହାକୁ ଚାଚେରି ବିଜେ କୁହାଯାଏ। ପ୍ରତି ବର୍ଷ ଏହି ଦିନରେ ଭକ୍ତ ଚାହିଁ ରହିଥାଏ ତାର ପ୍ରଭୁକୁ ବନ୍ଦାପନା କରି ଭୋଗ ବାଢିବାକୁ। ତେଣୁ ଏହା ଭକ୍ତ ଓ ଭଗବାନଙ୍କର ମିଳନର ପର୍ବ ବୋଲି ସର୍ବଜନ ବିଦିତ। ଏହି ଦିନ ଋତୁରାଜ ବସନ୍ତର ଧରାପୃଷ୍ଠକୁ ଆଗମନ ହେବାସହ ମଳୟ ପବନର ମୃଦୁସ୍ପର୍ଶରେ ନବପଲ୍ଲବିତ ବୃକ୍ଷରାଜି ହସି ଉଠିଥାଏ। କୋକିଳର କୁହୁତାନ ସଭିଙ୍କ ମନ ପ୍ରାଣରେ ଅପୂର୍ବ ଉନ୍ମାଦନା ଆଣିବା ସହ ଭାରାକ୍ରାନ୍ତ ମନକୁ ଶାନ୍ତିର ପୀୟୂଷ ପ୍ରଦାନ କରିଥାଏ। ଗୋପାଳ ସମ୍ପ୍ରଦାୟ ନିଆରାଢଙ୍ଗରେ ଏହି ପର୍ବକୁ ପାଳନ କରିଥାନ୍ତି। ଏମାନେ ଏହିଦିନ ଗୋ-ମାତାଙ୍କୁ ଅତି ନିଷ୍ଠାର ସହ ପୂଜାର୍ଚ୍ଚନା କରିଥାନ୍ତି। ନୂତନ ବସ୍ତ୍ର ପରିଧାନ କରି ଗାଁ ଦାଣ୍ଡରେ ଅନେକ ରକମର ଲହଡି ଖେଳ ରେ ନିଜକୁ ହଜାଇ ଦେଇଥାନ୍ତି। ପୌରାଣିକ ତଥ୍ୟ ଅନୁସାରେ ଏହି ଦିନ ଶ୍ରୀକୃଷ୍ଣ ମେଣ୍ଢା ରାକ୍ଷସକୁ ନିଧନ କରି ବୃନ୍ଦାବନବାସୀଙ୍କୁ ରକ୍ଷା କରିଥିବାରୁ ଏବେବି ଅନେକ ସ୍ଥାନରେ ମେଣ୍ଢା କୁଡିଆ ପର୍ବ ପାଳନ କରାଯାଉଛି। ପୂର୍ଣ୍ଣମୀ ବାସୀ ହୋଲି ପର୍ବ ପାଳନ କରାଯାଇଥାଏ। ଇଂରାଜୀ ଶବ୍ଦ ଅନୁସାରେ ହୋଲିର ଅର୍ଥ ପବିତ୍ରତା। ପରମ ସୁଖ, ଶାନ୍ତି, ଆନନ୍ଦ, ପ୍ରେମ, ପବିତ୍ରତା ଜ୍ଞାନ ଓ ଶକ୍ତିର ସମାହାର ପରମାତ୍ମା ରଙ୍ଗରେ ରଙ୍ଗାୟିତ ହୋଇ ସମାଜକୁ ପବିତ୍ରତା ଓ ଆତ୍ମିକ ସ୍ମୃତିର ବାର୍ତ୍ତା ଦେଇଥାନ୍ତି। କିନ୍ତୁ ଆଜି ଆମ ଯୁବ ସମ୍ପ୍ରଦାୟ ଭୌତିକ ରଙ୍ଗରେ ନିଜ ଶରୀର, ମନ ଓ ମୁଖ ମଣ୍ଡଳକୁ ବିକୃତ କରିବାସହ ପରମାତ୍ମା ଭାବନାରୁ ନିଜକୁ ଦୁରେଇ ଦେବା ସମାଜ ପକ୍ଷରେ ଶୁଭଙ୍କର ନୁହଁ। ପରମାତ୍ମାଙ୍କ ରଙ୍ଗରେ ନିଜକୁ ରଙ୍ଗାଇଲେ ମାନବାତ୍ମା ଦେବାତ୍ମାରେ ପରିଣତ ହୋଇଥାଏ। ଐତିହାସିକ ଦୃଷ୍ଟିକୋଣରୁ ଏହି ହୋଲି ପର୍ବର ମହତ୍ତ୍ୱ ମହନୀୟ। ମାଧୁର୍ଯ୍ୟ ଅବତାର ଭଗବାନ କଳାକାହ୍ନୁ ନିଜର ଭକ୍ତ ମାନଙ୍କୁ ଆନନ୍ଦ, ଉଲ୍ଲାସ କରିବା ଉଦ୍ଦେଶ୍ୟରେ ଏହି ମହୋତ୍ସବର ପରିକଳ୍ପନା କରିଥିଲେ। ଭକ୍ତ ଓ ଭଗବାନ ଏକାକାର ହେବା ସହ ନିଜ ମନରୁ ସବୁ ବିକାରକୁ ଦହନ କରବାର ସନ୍ଦେଶ ପ୍ରଦାନ କରିଥାଏ ଏହି ମିଳନର ପର୍ବ ଦୋଳ ଓ ହୋଲି।

ଖୋର୍ଦ୍ଧା, ମୋ- ୬୩୭୦୬ ୭୫୫୬୨

## ଭାପୁର ବୃହତ୍ତମ ଉଷ୍ଣପ୍ରସ୍ରବଣର ବିକାଶ ପାଇଁ ୨ କୋଟି ମଞ୍ଜୁର

ଭାପୁର,୧ ୨ ।୩ (ନିପ୍ର); ନୟାଗଡ ଜିଲ୍ଲା ଭାପୁର ବ୍ଲକ ଗୋଲାପୋଖରୀ ଗ୍ରା.ପ.ଅନ୍ତର୍ଗତ ନୀଳକଣ୍ଠ ପ୍ରସାଦ ଗ୍ରାମରେ ଅବସ୍ଥିତ ଏସିଆ ମହାଦେଶର ଦ୍ୱିତୀୟ ବୃହତ୍ତମ ଉଷ୍ଣପ୍ରସ୍ରବଣର ବିକାଶ ପାଇଁ ସରକାରୀ ସହାୟତା ମିଳିଛି । ରାଜ୍ୟ ପର୍ଯ୍ୟଟନ ବିଭାଗ ଯୁଗ୍ମ ସଚିବ ସରୋଜ କୁମାର ସ୍ୱାଇଁ ୨ କୋଟି ଟଙ୍କା ମଞ୍ଜୁର ହୋଇଛି ବୋଲି ନୟାଗଡ ଜିଲ୍ଲାପାଳଙ୍କୁ ଚିଠି ଯୋଗେ ଅବଗତ କରେଇଛନ୍ତି । ଉଲ୍ଲେଖଯୋଗ୍ୟ, ଗତ ଫେବୃଆରୀ ମାସ ୬ ତାରିଖ ଦିନ ଉଷ୍ଣ ପ୍ରସ୍ରବଣର ବିକାଶ ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗର ଅଧିକାରୀ ଶୁଭେନ୍ଦୁ ମିଶ୍ର,ଜିଲ୍ଲା ପର୍ଯ୍ୟଟନ ବିଭାଗର ଅଧିକାରିଣୀ ମୀରା ବେହେରା,ସ୍ଥାନୀୟ ବିଧାୟକ ଦୁଷ୍ମନ୍ତ ସ୍ୱାଇଁ,ବିଡିଓ ସାରଦା ପ୍ରସନ୍ନ ପଣ୍ଡା ପ୍ରମୁଖ ସ୍ଥିତି ପରଖି ପରିଦର୍ଶନ କରି ଫେରିଥିଲେ । ଏହି ଅନୁଦାନ ରାଶିରେ ଉଷ୍ଣପ୍ରସ୍ରବଣର ଉନ୍ନତିକରଣ ତଥା ନିର୍ମାଣ ଦିଗରେ ଡିପିଆର୍ ପ୍ରସ୍ତୁତ କରିବାକୁ ନୟାଗଡ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି । ଫଳରେ, ଭାପୁର ବ୍ଲକ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ଅନ୍ୟ ଏକ ମାଇଲ ଖୁଣ୍ଟରେ ଯୋଡ଼ି ହୋଇପାରିବ ।

## ମଳିପଡାରେ ବିଦ୍ୟୁତ୍ ଠିକା କର୍ମଚାରୀଙ୍କ ମୃତ୍ୟୁ

ନିରାକାରପୁର, ୧ ୨ ।୩ (ନିପ୍ର); ଖୋର୍ଦ୍ଧା ଜିଲ୍ଲା ଜଂକିଆ ବିଦ୍ୟୁତ୍ ଉପଖଣ୍ଡ ଅନ୍ତର୍ଗତ ମଳିପଡା ବିଦ୍ୟୁତ୍ ସେକ୍ସନ ଅଂଚଳରେ ଏକ ବିଦ୍ୟୁତ୍ ଖୁଣ୍ଟ ରେ ଚଢ଼ି କାମ କରୁଥିବା ଜଣେ ଠିକା ବିଦ୍ୟୁତ୍ କର୍ମଚାରୀଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ସୂଚନାଯୋଗ୍ୟ କି ବିଦ୍ୟୁତ୍ ଠିକା ସଂସ୍ଥାର ଜଣେ ବିଦ୍ୟୁତ୍ କର୍ମଚାରୀ ମଳିପଡା ଜୋତା କାରଖାନା ନିକଟରେ ଏକ ବିଦ୍ୟୁତ ଖୁଣ୍ଟରେ ଚଢ଼ି କାର୍ଯ୍ୟ କରିଥିଲା। କୌଣସି କାରଣରୁ ବିଦ୍ୟୁତ୍ ସ୍ପର୍ଶରେ ଆସି ଯିବାରୁ ତଳେ ପଡି ଗୁରୁତର ହୋଇଯାଇଥିବା ବେଳେ ତାଙ୍କୁ ପ୍ରଥମେ ଖୋର୍ଦ୍ଧା ପରେ ଭୁବନେଶ୍ୱର ନିଆଯାଇ ଚିକିତ୍ସା କରାଯାଉଥିବା ବେଳେ ତାଙ୍କର ମୃତ୍ୟୁ ହୋଇଯାଇଥିବା ଶୁଣିବାକୁ ମିଳୁଛି। କାହାର ବେପରୁଆ ମନୋଭାବ ଲାଗି ଆଜି ଜଣେ ନିରୀହ ଗରିବ ଠିକା କର୍ମଚାରୀ ଜୀବନ ଗଲା ତାହା ତଦନ୍ତ ସାପେକ୍ଷ। ମୃତ୍ୟୁ ବିଦ୍ୟୁତ୍ କର୍ମଚାରୀଙ୍କ ପରିଚୟ ମିଳି ପାରି ନଥିବାବେଳେ ଘଟଣାସ୍ଥଳକୁ ଓ ଡାକ୍ତରଖାନାକୁ ବିଦ୍ୟୁତ୍ ବିଭାଗର ଏକାଧିକ ପଦାଧିକାରୀ ଯାଇଥିବା ଶୁଣିବାକୁ ମିଳୁଛି। କଥା ଉଠୁଛି ଏହି ସମୟରେ କିଏ ଲାଇନ ମ୍ୟାନ ଦାୟିତ୍ୱରେ ରହିଥିଲେ ଓ କିଏ ଏହି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଠିକା କର୍ମଚାରୀ କାର୍ଯ୍ୟ କଲାବେଳେ ସଟ ଡାଉନ୍ ନିଆଯାଇଥିଲା କି ନାହିଁ। ରିପୋର୍ଟ ଲେଖା ପର୍ଯ୍ୟନ୍ତ ଠିକା ବିଦ୍ୟୁତ୍ କର୍ମଚାରୀଙ୍କ ପରିଚୟ ମିଳି ପାରିନାହିଁ । ଏ ସମ୍ପର୍କରେ ସୂଚନା ପାଇଁ ବିଦ୍ୟୁତ୍ ଅଧିକାରୀ ମାନଙ୍କ ସହିତ ଯୋଗାଯୋଗ କରାଯିବା ପାଇଁ। ଚେଷ୍ଟା କରାଯାଇଥିଲେ ବି କେହି ଫୋନ ଉଠାଇ ନ ଥିଲେ।

## ଜିଲାସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା

### ମହିଳାଙ୍କ ବାର୍ଷିକ ଆୟ ୧ ଲକ୍ଷରୁ ଊର୍ଦ୍ଧ୍ୱ ବୃଦ୍ଧି ଉପରେ ଗୁରୁତ୍ୱ

ଜଟଣୀ,୧ ୨ ।୩ (ନିପ୍ର): ଜଟଣୀ ବ୍ଲକର ତରାବୋଇ ଗ୍ରାମ ସ୍ଥିତ ଦକ୍ଷତା ବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ଜିଲାସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମହିଳାଙ୍କ ବାର୍ଷିକ ଆୟ ୧ ଲକ୍ଷରୁ ଊର୍ଦ୍ଧ୍ୱ ଏବଂ ସେମାନଙ୍କୁ ସ୍ୱାବଲମ୍ବି କରାଇବା ଉପରେ ଜିଲା ପ୍ରଶାସନ ଗୁରୁତ୍ୱାରୋପ କରିଥିଲା। ଜିଲାପାଳ ଚଞ୍ଚଳ ରଣା ଏହି କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଗ୍ରାମାଞ୍ଚଳରେ ମହିଳା ମାନଙ୍କର ଲୁକ୍କାୟିତ ଦକ୍ଷତା ଲୋକ ଲୋଚନକୁ ଆଣିବା ଏବଂ ସେମାନଙ୍କର ବାର୍ଷିକ ଆୟ ୧ ଲକ୍ଷ ଟଙ୍କାରୁ ଅଧିକ କରିବା ହେଉଛି ଏହି କର୍ମଶାଳାର ମୁଳ ଲକ୍ଷ୍ୟ ବୋଲି ଜିଲାପାଳ କହିଥିଲେ। ବାର୍ଷିକ ୩୦/୪୦ ହଜାରରୁ ୧ ଲକ୍ଷ ଆୟ ମଧ୍ୟରେ ୫୮ ହଜାର ମହିଳା ଥିବା ବେଳେ ୧ ଲକ୍ଷରୁ ଉର୍ଦ୍ଧ ରୋଜଗାରୀ ମହିଳାଙ୍କ ସଂଖ୍ୟା ୨୧ ଜଣ ବୋଲି ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ସୂଚନା ଦେଇଥିଲେ। ଓଡ଼ିଶା ଜୀବିକା ମିଶନ ଜିଲା ପ୍ରକଳ୍ପ ପରିଚାଳିକା ପ୍ରେମସି ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଜିଲା ଅତିରିକ୍ତ ମୁଖ୍ୟ ନିର୍ବାହୀ ଅଧିକାରୀ କସ୍ତୁରୀ ବାଳା ଜେନା,ଜଟଣୀ ବିଡ଼ିଓ ରଶ୍ମିତା ନାଥ ଏବଂ ଜିଲା ଓ ବ୍ଲକ ସ୍ତରୀୟ ମତ୍ସ୍ୟ,ପ୍ରାଣୀ ସମ୍ପଦ,କୃଷି,ଉଦ୍ୟାନ ବିଭାଗର ଅଧିକାରୀ ଯୋଗ ଦେଇ ମହିଳାମାନେ କି ଭଳି ସ୍ୱାବଲମ୍ବି ହୋଇ ପାରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଲକ୍ଷପତି ଦିଦି ମାନେ ସେମାନଙ୍କର ସଫଳତା ଉପରେ ଆଲୋକପାତ କରିଥିଲେ । ଏହି କର୍ମଶାଳାରେ ବାଣପୁର,ଚିଲିକା, ଟାଙ୍ଗି,ଜଟଣୀ, ବୋଲଗଡ଼,ବେଗୁନିଆ ବ୍ଲକର ସମସ୍ତ ସିଆରପି, ବ୍ୟାଙ୍କ ମିତ୍ର,ଏମବିକେ ଏବଂ ଲକ୍ଷପତି ଦିଦି ଯୋଗ ଦେଇଥିଲେ। ଏହି ଅବସରରେ ଜଟଣୀ ବିଡ଼ିଓ ରଶ୍ମିତା ନାଥଙ୍କୁ ସମ୍ମାନିତ କରା ଯାଇଥିଲା।

## ପ୍ରାଥମିକ ବିଦ୍ୟାଳୟରେ ଆମ ସଂସ୍କୃତି,ଆମଖେଳଣା ଓ ବାର୍ଷିକୋତ୍ସବ

ଚାରିଛକ,୧ ୨ ।୩ (ନିପ୍ର): ଚାରିଛକ ନିକଟସ୍ଥ ତୁଳସୀପୁର ପଞ୍ଚାୟତ ଛବାଟିଆ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆମ ସଂସ୍କୃତି,ଆମ ଖେଳଣା ଏବଂ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନମିତା ଦାସ ସଭାପତିତ୍ୱ କରିଥିବା ବେଳେ ସହକାରୀ ଶିକ୍ଷୟତ୍ରୀ ବବିତା ପଣ୍ଡା ବାର୍ଷିକ ବିବରଣୀ ପଠନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଃ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ମଂଜୁଶ୍ରୀ ଭୋଇ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚିତ୍ରସେନ ଗୋଛାୟତ, ସମ୍ମାନିତ ଅତିଥିଭାବେ ଶିକ୍ଷକନେତା ତ୍ରିଲୋଚନ କର,ସମିତିସଭ୍ୟା ଝରଣା ସାହୁ, ସିଆରସିସି ରବୀନ୍ଦ୍ର କୁମାର ତ୍ରିପାଠୀ, ପ୍ରଧାନ ଶିକ୍ଷକ ବିଷ୍ଣୁମୋହନ ପାତ୍ର,ଓ୍ୱାର୍ଡସଭ୍ୟ ବିଜୟ କୁମାର ଦାସ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦିଲ୍ଲୀପ କୁମାର ଦାସ,ପୁର୍ବତନ ପରିଚାଳନା କମିଟି ସଭାପତି ଆର୍ତ୍ତତ୍ରାଣ ଦାସ,ଯୁବ ସମାଜସେବୀ ଅରକ୍ଷୀତ ଭୋଇ,ପ୍ରକାଶ ସାହୁ ପ୍ରମୁଖ ଯୋଗଦେଇ ଦେଶର ପ୍ରଗତି ପାଇଁ ଶିକ୍ଷାର ଆବଶ୍ୟକ,ଶିକ୍ଷାର ବିକାଶ ହେଲେ ରାଜ୍ୟ ତଥା ଦେଶର ବିକାଶ ହୁଏ ବୋଲି ମତବ୍ୟକ୍ତ କରିବା ସହ ବାର୍ଷିକୋତ୍ସବ ଦ୍ୱାରା ଛାତ୍ରଛାତ୍ରୀମାନଙ୍କ ଅନ୍ତର୍ନିହିତ ଗୁଣ ପରିପ୍ରକାଶ ହୁଏ ବୋଲି କହିଥିଲେ । ଏହି ଅବସରରେ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା।

## ଉତ୍କଳ ଦିବସ ପାଳନ ନିମନ୍ତେ ପ୍ରସ୍ତୁତି

ଗୁଣପୁର,୧ ୨ ।୩ (ନିପ୍ର): ଗୁଣପୁର ଉପଜିଲ୍ଲାପାଳ କିରନ ଦୀପ କୌର ସହତାଙ୍କ ନିର୍ଦ୍ଦେଶକ୍ରମେ ସହକାରୀ ଜିଲ୍ଲାପାଳ ବିପିନ ଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ଉପଖଣ୍ଡ ସ୍ତରୀୟ ଉତ୍କଳ ଦିବସ ୨୦୨୫ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସଭାବନା ସଭା ଗୃହଠାରେ ଅନୁଷ୍ଠିତ ହୋଇଥିଲା । ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା ସଂଯୋଜନା କରିଥିଲେ । ଉତ୍କଳ ଦିବସ ପାଳନ ପୂର୍ବରୁ ୨୬, ୨୭ ଓ ୨୮ମାର୍ଚ୍ଚ୨୦୨୫ ତିନି ଦିନ ଧରି ଓଡିଶୀ ସଙ୍ଗୀତ, ଚିତ୍ରାଙ୍କନ, ଶୁଦ୍ଧ ଓଡ଼ିଆ ଲିଖନ, ପଠନ ଭଳି ବିଭିନ ପ୍ରତିଯୋଗିତା ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ତାଲିମ କେନ୍ଦ୍ର ଠାରେ ଅନୁଷ୍ଠିତ ହେବ । ଅପ୍ରେଲ ପହିଲା ଉତ୍କଳ ଦିବସ ଦିନ ସକାଳ ୦୭-୩୦ ସମୟରେ ଗୋଷ୍ଠୀ ଶିକ୍ଷା ତାଲିମ କେନ୍ଦ୍ର ଠାରୁ ଶୋଭାଯାତ୍ରା ଆରମ୍ଭ ହୋଇ ପୁନଶ୍ଚ ସେହିଠାରେ ଶେଷ ହେବ । ଅପରାହ୍ନରେ ମେଡିକାଲ ଛକ ଠାରୁ ହଳଦିଆ ନାଳ ଛକ ମଧ୍ୟରେ ପଥୋତ୍ସ୍ୱ ମାଧ୍ୟମରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସାଧାରଣ ସଭା, ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଝୋଟି, ବିଭିନ୍ନ ପ୍ରକାର କ୍ରୀଡା ଆଦିର ପ୍ରଦର୍ଶନୀ ମଧ୍ୟ ଅନୁଷ୍ଠିତ ହେବ । ଆଜିର ଏହି ବୈଠକରେ ଅତିରିକ୍ତ ଯୋଗାଣ ଅଧିକାରୀ ଦେବବ୍ରତ ମହାପାତ୍ର, ଭାରତୀୟ ସଂରକ୍ଷିତ ବାହିନୀ, ଭାମିନି, ବିଭିନ୍ନ ଶିକ୍ଷାନୁଷ୍ଠାନ ମୁଖ୍ୟ, ପ୍ରଶାନ୍ତ ହୋତା, ମହିଳା ମହାବିଦ୍ୟାଳୟ ଅଧକ୍ଷ ସୁଜାତା ଦାସ ସମେତ ସମସ୍ତ ସାମ୍ବାଦିକ ଉପସ୍ଥିତ ଥିଲେ ।

# ଓଡ଼ିଶା ଜୀବିକା ମିଶନ, ମିଶନ ଶକ୍ତି ବିଭାଗ ମାଧ୍ୟମରେ ଲକ୍ଷପତି ଦିଦି କାର୍ଯ୍ୟକ୍ରମ



ଭବାନୀପାଟଣା, ୧ ୨/୩ (ନି.ପ୍ର)- ଲକ୍ଷପତି ଦିଦି କାର୍ଯ୍ୟକ୍ରମ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମ (ଖେଳ ପଡିଆ) ଠାରେ କଳାହାଣ୍ଡି ଜିଲ୍ଲା ପ୍ରଶାସନ ଓଡିଶା ଜୀବିକା ମିଶନ, ମିଶନ ଶକ୍ତି ବିଭାଗ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ପ୍ରଦୀପ ପ୍ରଜ୍ୱଳନ କରି କରି ଏହି ମହିଳା ଉଦ୍ୟୋଗ ବିକାଶ ବାର୍ତ୍ତା ସହ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି । ପ୍ରଥମେ ଓଡିଶା ଜୀବିକା ମିଶନର ଜିଲ୍ଲର ପ୍ରକଳ୍ପ ପରିଚାଳକ ଚନ୍ଦନ କୁମାର ବେହେରା ସମସ୍ତଙ୍କୁ ସ୍ୱାଗତ କରିବା ସହିତ ଲକ୍ଷପତି ଦିଦି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ, ମହିଳାମାନଙ୍କ ସାମାଜିକ, ଆର୍ଥିକ ସଶକ୍ତିକରଣ ବିକାଶ ସହ ମହିଳାମାନଙ୍କୁ ଉଦ୍ୟୋଗୀ ଭାବେ ବିକଶିତ କରି ସ୍ୱାବଲମ୍ବୀ କରିବା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦୟାମୟ ପାଢ଼ୀ କଳାହାଣ୍ଡି ଜିଲ୍ଲାରେ ଲକ୍ଷପତି କାର୍ଯ୍ୟକ୍ରମର ଅଗ୍ରଗତି ସମ୍ବନ୍ଧରେ ସୂଚନା ଦେବା ସହ ଲକ୍ଷପତି ଦିଦି ବିକାଶ ନିମନ୍ତେ ମହିଳା ମାନଙ୍କ ତାଲିମ୍, ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ମଞ୍ଚରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ମହିଳାମାନଙ୍କୁ ଲକ୍ଷପତି ଦିଦି ବିକାଶ ଯୋଜନାରେ ସାମିଲ ହେବା ପାଇଁ ସରକାରଙ୍କ ପଦକ୍ଷେପ, ଜୀବିକାର ବିକାଶ ବିଷୟରେ ଆହ୍ୱାନ ଦେଇଥିଲେ ଓ ଜିଲ୍ଲା ର ୧୩ ଟି ବ୍ଲକ ରୁ ୧୩ ଜଣ ଲକ୍ଷପତି ସହାୟିକା ଦିଦି ମାନଙ୍କୁ ସେମାନଙ୍କ କଠିନ ପରିଶ୍ରମ, ସଫଳତା, ଦୃଢ ଇଚ୍ଛାଶକ୍ତି ପାଇଁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମଳୟ କୁମାର ପରିଡା କୃଷି ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ମହିଳାମାନଙ୍କ ପାଇଁ ବିଭିନ୍ନ ଯୋଜନା ଯଥା ଶ୍ରୀଅନ୍ନ ଯୋଜନା, କୃଷି ଯନ୍ତ୍ରପାତି, ପ୍ରାକୃତିକ କୃଷି ପ୍ରଭୃତି ସେମାନଙ୍କୁ ଲକ୍ଷପତି କରିବା ପାଇଁ କିପରି ସହାୟକ ହୋଇ ପାରିବ, ସେ ବିଷୟରେ ଉପସ୍ଥାପନା କରିଥିଲେ। ଜିଲ୍ଲା ମୁଖ୍ୟ ଉଦ୍ୟାନ ଅଧିକାରୀ ବିଷ୍ଣୁ ପ୍ରସାଦ ସିଂ ମହିଳା ଲକ୍ଷପତି ଦିଦିମାନଙ୍କୁ ଜୈବିକ କୃଷି,ଛତୁ ଚାଷ, ବୁନ୍ଦା ଜଳ ସେଚନ, ତୈଳବୀଜ ଉଦ୍ୟାନ କୃଷି ଯୋଜନା ମହିଳାମାନଙ୍କୁ କିଭଳି ଲକ୍ଷପତି କରାଇବାରେ ସହାୟକ ହେବା ବୋଲି ବକ୍ତବ୍ୟ ରଖିଥିଲେ ।ଜିଲ୍ଲା ମତ୍ସ୍ୟସମ୍ପଦ ଅଧିକାରୀ ସୁଶ୍ରୀ ଦ୍ରୌପଦୀ ମାଝୀ ସରକାରଙ୍କ ମାଛ ଚାଷ ଯୋଜନା ବିଷୟରେ ଅବଗତ କରାଇଥିଲେ । ଡା. ନିରୋଦ କହଁର, ଜିଲ୍ଲା ପ୍ରାଣୀ ସମ୍ପଦ ଅଧିକାରୀ ପ୍ରାଣୀ ସମ୍ପଦ ବିଭାଗ ଦ୍ୱାରା ପରିଚାଳିତ ଯୋଜନା ଯଥା ୩୦+୨ ମଡେଲ, ୧୦+୧ ମଡେଲ ଛେଳି ଚାଷ, ୫୦୦ ବ୍ରାଏଲର କୁକୁଡ଼ା, ଦେଶୀ କୁକୁଡ଼ା ଚାଷ, ଗୋଖାଦ୍ୟ ପାଇଁ ଘାସ ଚାଷ ଇତ୍ୟାଦି ଯୋଜନା ମହିଳା ମାନଙ୍କୁ ଲକ୍ଷପତି ହେବାରେ ସହାୟକ ହୋଇପାରିବ ବୋଲି ଉପସ୍ଥାପନା କରିଥିଲେ ।

ଏହି କାର୍ଯ୍ୟକ୍ରମରେ ସଫଳ ଲକ୍ଷପତି ଦିଦି ଭାବେ ବାସନ୍ତୀ ହରିଜନ, ତେନ୍ତୁଳିପଙ୍ଗା ଗ୍ରାମ, ଲାଞ୍ଜିଗଡ ବ୍ଲକ ସେ କିଭଳି ଏକ ଦାଦନ ସମସ୍ୟାରୁ ସରକାରଙ୍କ ପରିଚାଳିତ ଓଡିଶା ଜୀବିକା ମିଶନ ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀରେ ସାମିଲ ହୋଇ ପଞ୍ଚାୟତ ମହିଳା ସଂଘରୁ ଋଣ ନେଇ ଉଦ୍ୟାନ ବିଭାଗର କୃଷି ଓ ପ୍ରଦାନସଂସ୍ଥା ମାଧ୍ୟମରେ ସୌର ଉଠାଜଳସେଚନ ପ୍ରକଳ୍ପ,ଜନସାହାଯ୍ୟ ସଂସ୍ଥାର ତାଲିମ୍‌ରେ ଲକ୍ଷପତି ହୋଇ ପାରିଛନ୍ତି ସେ ବିଷୟରେ ନିଜର ଅନୁଭୂତି କହିଥିଲେ । ସେହିପରି କୋକସରା ବ୍ଲକ ବଞ୍ଜାରୀ ସ୍ୱୟଂ ସହାୟକ ଗୋଷ୍ଠୀର କୌଶଲ୍ୟା ନାଏକ ପ୍ରାଣୀସମ୍ପଦ ବିଭାଗର ବତକ ଚାଷ ଯୋଜନାରେ ସାମିଲ ହୋଇ ଲକ୍ଷପତି ହେବାର ଅନୁଭୂତିକୁ ମଞ୍ଚ ଉପରେ କହିଥିଲେ । ପ୍ରଦାନ ସଂସ୍ଥାର ଟିମ କୋର୍ଡିନେଟର ହୃଦୟାନନ୍ଦ ମହାପାତ୍ର ଲକ୍ଷପତି ଦିଦିମାନଙ୍କୁ ଲକ୍ଷପତି ହେବା ପାଇଁ ଜୀବନ ଜୀବିକାର ବିଭିନ୍ନ ମଡେଲ ଯଥା ୦.୫ ଏକର ମଡେଲ, ଛତୁ ଚାଷ, ଲତା ଜାତୀୟ ପନିପରିବା, ଛତୁ ଚାଷ ମଡେଲ ଓ ମହିଳାମାନେ କିଭଳି ଉଦ୍ୟୋଗ ବିକାଶ ଯୋଜନା ପ୍ରସ୍ତୁତ କରି ପାରିବେ ସେ ବିଷୟରେ ତାଲିମ୍ ଦେଇ ଥିଲେ ।

କେସିଙ୍ଗା ବ୍ଲକ ଶିବ ଶମ୍ଭୁ ସ୍ୱୟଂ ସହାୟକ ଗୋଷ୍ଠୀ ର ବଳଦିନୀ ସାହୁ କିପରି କ୍ଷୁଦ୍ର ଉଦ୍ୟୋଗ ମାଧ୍ୟମରେ ମାସିକ ୨୦୦୦୦ ଟଙ୍କା ରୁ ଉର୍ଦ୍ଧ୍ୱ ରୋଜଗାର କରି ଲକ୍ଷପତି ଦିଦି ହୋଇ ପାରିଛନ୍ତି ସେ ବିଷୟରେ କହିଥିଲେ ।

## ଧର୍ମାନ୍ତରୀକରଣ ବନ୍ଦ ପାଇଁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର



କୁଚିଣ୍ଡା,୧ ୨ ।୩ (ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡର ବିଭିନ୍ନ ସ୍ଥାନରେ ଧର୍ମାନ୍ତରୀକରଣ ଚାଲିଥିବା ଅଭିଯୋଗ ହୋଇଛି। ଧର୍ମାନ୍ତରୀକରଣ ଉପରେ ରୋକ ଲଗାଇବାକୁ ମଙ୍ଗଳବାର ବାମରା ବ୍ଲକର କବରୀବାହାଲ ଗ୍ରାମବାସୀ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହା ସହିତ ପୃଥକ୍‌ଭାବେ କବରୀବାହାଲ ସରପଞ୍ଚ ଭଗିନ୍ଦ୍ର କିଷାନ ମଧ ତାଙ୍କ ପଞ୍ଚାୟତରେ ଲକ୍ଷ୍ମଣ ପ୍ରଧାନ ଓ ତାଙ୍କ ସ୍ତ୍ରୀ ସୁମିତ୍ରା ହାଲୋଲିଆ ସଭାକରି ଅର୍ଥ ପ୍ରଲୋଭନ ଦେଖାଇ ଧର୍ମ ପରିବର୍ତ୍ତନ କରୁଥିବା ଅଭିଯୋଗ କରିଛନ୍ତି। ଗତ କିଛି ବର୍ଷ ହେବ ଏହି ସ୍ୱାମୀ ସ୍ତ୍ରୀ ଦୁହେଁ କବରୀବାହାଲ ବନଦୁର୍ଗା ମନ୍ଦିର ପାଖ ମୁଣ୍ଡାପଡାରେ ଗୋଚର ଏବଂ ସରକାରୀ ଜମି ଜବରଦଖଲ କରି ଅଞ୍ଚଳର ନିରୀହ ଗରୀବ ଆଦିବାସୀଙ୍କୁ ଧର୍ମାନ୍ତରୀକରଣ କରୁଥିବା ଗ୍ରାମବାସୀ ଓ ସରପଞ୍ଚ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ସ୍ୱାମୀ ସ୍ତ୍ରୀ ଉଭୟେ ବିଭିନ୍ନ ଗ୍ରାମର ଆଦିବାସୀ ପଡା ମାନଙ୍କରେ ହାଲୋଲିଆ ସଭାକରି ଏକ ନିର୍ଦ୍ଦିଷ୍ଟ ଧର୍ମର ପ୍ରଚାର କରି ଧର୍ମାନ୍ତରୀକରଣ କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ପ୍ରକାଶଥାଉକି,ପୂର୍ବରୁ ଉପଖଣ୍ଡର କୁଚିଣ୍ଡା, ବମ୍ବମା, କେଶାଇବାହାଲ ସମେତ ବିଭିନ୍ନ ଗ୍ରାମରେ ଧର୍ମାନ୍ତରୀକରଣ ଚାଲିଥିବା ଉପଖଣ୍ଡ ଓ ଜିଲ୍ଲା ପ୍ରଶାସନ ନିକଟରେ ହିନ୍ଦୁ ସମାଜ ପକ୍ଷରୁ ଅଭିଯୋଗ ଦାଖଲ କରାଯାଇଥିଲା। ତେଣୁ ପ୍ରଶାସନ ଏଦିଗରେ ପଦକ୍ଷେପ ନେବାକୁ କୁଚିଣ୍ଡା ଉପଜିଲ୍ଲାପାଳ, ଏସଡିପିଓ, ଜିଲ୍ଲାପାଳ,ବାମରା ତହସିଲଦାର ଓ ମହୁଲପାଲି ଥାନାକୁ ଦାବିପତ୍ର ପ୍ରଦାନ କରିଛନ୍ତି। କୁଚିଣ୍ଡା ଉପଜିଲ୍ଲାପାଳଙ୍କ ଅନୁପସ୍ଥିତରେ ଡେପୁଟି କଲେକ୍ଟର ସରିତା ଓରାମ ଦାବିପତ୍ର ଗ୍ରହଣ କରି ଏଦିଗରେ ପଦକ୍ଷେପ ନେବେ ବୋଲି କହିଛନ୍ତି ।ସରପଞ୍ଚ ଭଗିନ୍ଦ୍ର କିଷାନ,ସମ୍ବଲପୁର ଧର୍ମଜାଗରଣ ପ୍ରମୁଖ ପ୍ରଫୁଲ୍ଲ ଧାନ,ଅବନୀ ବେହେରା,ମିଶ୍ର କେଛୁ,ବିଶ୍ୱ ହିନ୍ଦୁପରିଷଦ ଧର୍ମ ପ୍ରସାର ବିଭାଗର ତୁଳାରାମ କଉଡି,ମାନବ ଅଧିକାର ରକ୍ଷକ ରାମଚରଣ ରାୟ,କୁମାର ବିକ୍ରମ,ଶ୍ରୀକାନ୍ତ ଦ୍ୱିବେଦୀ,ଜିଲ୍ଲା ଦେବସେନା ଅଧକ୍ଷ ସୌରଭ ରଞ୍ଜନ କର,ଉପଖଣ୍ଡ ଦେବସେନା ଅଧକ୍ଷ ମଣ୍ଟୁ ରାୟ, ଦେବସେନାର ଭିକୁ ନାଏକ,ବଜରଙ୍ଗ ଦଳର ଅତିଶ ଅଗ୍ରୱାଲ, ଅଙ୍ଗଦ ରାୟ,ଭୀମସେନ କିଷାନ, ଜନ୍ମାଜୟ ଖଡିଆ, ବରିଞ୍ଚି କେର୍କେଟା,ଦୟା ଖଡିଆଙ୍କ ସମେତ ବହୁଗ୍ରାମବାସୀ ସାମିଲ ହୋଇଥିଲେ।

## ମାନସିଂହ ସାହିତ୍ୟ ସଂସଦର ସୁବର୍ଣ୍ଣ ଜୟନ୍ତୀ ଆସର

କୃଷ୍ଣପ୍ରସାଦ,୧ ୨ ।୩ (ନିପ୍ର):ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ମାୟାଧର ମାନସିଂହଙ୍କ ଜନ୍ମ ପୀଠ ନନ୍ଦଳା ଗ୍ରାମରେ ମାନସିଂହ ସାହିତ୍ୟ ସଂସଦ ସୁବର୍ଣ୍ଣ ଜୟନ୍ତୀ କବିତା ଆସର ହୋଇଯାଇଛ। ଆଭାସୀ କବିତା ଆସର ଗୁଗୁଲୁ ମିଟ ମାଧ୍ୟମରେ ଅନୁଷ୍ଠାନର ସଭାପତି ବିଷ୍ଣୁପ୍ରସାଦ ଦଳେଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ଏହି କବିତା ଆସରରେ ମୁଖ୍ୟ ଅତିଥି ଭାବେ ଗୌରପ୍ରିୟା ଦାଶ ଯୋଗଦେଇ ଓଡ଼ିଆ କବିତାର ରୂପରେଖ ଆଲୋଚନା କରିବା ସହ ଅନ୍ୟ ଉପସ୍ଥିତ କବି ମାନଙ୍କୁ ଉତ୍ସାହିତ କରିଥିଲେ । ପ୍ରଫେସର ସରୋଜିନୀ ବରାଇ, ସୁଦୂର ଆମେରିକାରୁ ଚନ୍ଦ୍ରା ମିଶ୍ର , ଉପସ୍ଥିତ ରହି କବିତା ପାଠ କରିଥଲେ । ସଂସଦର ମୁଖ୍ୟ ଉପଦେଷ୍ଟା ପ୍ରେମାନନ୍ଦ ବେହେରା ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ । ସମ୍ପାଦକ ଲଳିତ କୁମାର ସ୍ୱାଇଁ ଆଭିମୁଖ୍ୟ ଉପସ୍ଥାପନ କରିବା ସହ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ । ଆସନ୍ତା କବିତା ଆସର ଏପ୍ରିଲ ୧୦ ତାରିଖରେ ଅନୁଷ୍ଠିତ ହେବା ପାଇଁ ସମ୍ପାଦକ ଲଳିତ କୁମାର ସ୍ୱାଇଁ ଘୋଷଣା କରିଥିଲେ।

## ରାଷ୍ଟ୍ରପତିଙ୍କ ନୀଳମାଧବ ପୀଠକୁ ଗସ୍ତ କାର୍ଯ୍ୟକ୍ରମ

ଭାପୁର,୧ ୨ ।୩ (ନିପ୍ର): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଚଳିତ ମାସ ୨୪ ତାରିଖ ଦିନ ଓଡ଼ିଶା ଗ୍ରସ୍ତ କାର୍ଯ୍ୟକ୍ରମ ରହିଥିବାବେଳେ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ଗ୍ରସ୍ତ କାର୍ଯ୍ୟକ୍ରମ ରହିଛି । ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀଗ୍ରସ୍ତ କାର୍ଯ୍ୟକ୍ରମରେ, ଜଗନ୍ନାଥଙ୍କ ଆଦିପୀଠ ତଥା ନୟାଗଡ ଜିଲ୍ଲାର ପ୍ରମୁଖ ଧାର୍ମିକ ପର୍ଯ୍ୟଟନସ୍ଥଳ ନୀଳମାଧବ କ୍ଷେତ୍ର ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି । ରାଷ୍ଟ୍ରପତି ଭାପୁର ବ୍ଲକର ଧାନଚାଙ୍ଗଡ଼ା ଅନ୍ତର୍ଗତ କାଳିଆପଲିକୁ ମଧ ଯିବେ । ଏହା ବିଶ୍ୱାବସୁ ଶବରଙ୍କ ଜନ୍ମସ୍ଥଳଭାବେ ପରିଚିତ। ରାଷ୍ଟ୍ରପତିଙ୍କ କଣ୍ଟିଲୋ ଆଗମନର ପ୍ରାକ୍ ସୂଚନା ମିଳିବାପରେ ନୟାଗଡ ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି ।

## ସୂଚନା ଅଧିକାର ଆଇନ କର୍ମଶାଳା

ପୁରୀ,୧ ୨ ।୩ (ନିପ୍ର);ସୂଚନା ଅଧିକାର ଆଇନ ୨୦୦୫ ଅନ୍ତର୍ଗତ ଏକ ସଚେତନତା କର୍ମଶାଳା ଜିଲ୍ଲା ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଥିଲା ।ସୂଚନା ଅଧିକାର ଆଇନ ୨୦୦୫ ଭାରତରେ ଲାଗୁହେବା ପର ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଅନେକ ପରିବର୍ତ୍ତନ ଘଟିଛି। ବିଭିନ୍ନ ବିଭାଗରେ ସ୍ୱଚ୍ଛତା ମଧ ବୃଦ୍ଧି ପାଇଛି। ଅଧିକାରୀ ଓ କର୍ମଚାରୀମାନେ ସାଧାରଣଙ୍କୁ ସୂଚନା ଓ ସେବା ପ୍ରଦାନରେ ଉତ୍ତରଦାୟୀ ଭାବେ କାର୍ଯ୍ୟ କରୁଛନ୍ତି। ସୂଚନା ଅଧିକାର କର୍ମୀମାନେ ମଧ ସାମାଜିକ ସୁରକ୍ଷା ପାଇଁ କାର୍ଯ୍ୟ କରୁଛନ୍ତି। ତେବେ ବିଭିନ୍ନ ବିଭାଗକୁ ଅଧିକ କ୍ରିୟାଶୀଳ ଓ ସଚେତନ ହେବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା। ଅନେକ ସୂଚନା ଅଧିକାରୀ ଜାଣି ପାରୁ ନ ଥିବାରୁ ବା କୌଣସି କାରଣରୁ ସୂଚନା ଟି ପ୍ରଦାନରେ ବ୍ୟର୍ଥ ହେଉଥିବାରୁ ଦରଖାସ୍ତ ଗୁଡିକ ଫାଷ୍ଟ ଆପିଲେଟ ଅଥରିଟି ଏବଂ ପରେ ସୂଚନା କମିଶନଙ୍କ ନିକଟରେ ଅପିଲ ହେଉଛି ।ଏହି ଅବହେଳା ପାଇଁ ସଂପୃକ୍ତ ସୂଚନା ଅଧିକାରୀ ଦଣ୍ଡିତ ହେବାର ଅନେକ ଉଦାହରଣ ମଧ ରହିଛି। ତେଣୁ ଅତି ସମ୍ବେଦନଶୀଳ ଓ ଗୁରୁତ୍ୱପୂର୍ଣ୍ଣ ଭାବେ ପ୍ରଶିକ୍ଷଣ ନେଇ ସୂଚନା ଅଧିକାର ତଥ୍ୟକୁ ଅପଡେଟ କରିବାକୁ ଶ୍ରୀ ବେହେରା ପରାମର୍ଶ ଦେଇଥିଲେ। ବିଷୟ ବିଶାରଦ ଭାବେ ଯୋଗ ଦେଇ ଲୁମିନସ ଇନଫୋସିସ ର ମାଷ୍ଟର ଟ୍ରେନର ସୁନିଲ କୁମାର ସେଠୀ ବିଭିନ୍ନ ବିଭାଗ ସେମାନଙ୍କୁ ମଗାଯାଉଥିବା ତଥ୍ୟ ସଠିକ ସମୟରେ ପ୍ରଦାନ ସହ ନିଜ ବିଭାଗର ତଥ୍ୟ ଗୁଡିକୁ ସାର୍ବଜନୀନ କରିବା ସମ୍ପର୍କରେ ବିସ୍ତୃତ ପ୍ରଶିକ୍ଷଣ ଦେଇଥିଲେ। ଏହି ତଥ୍ୟ ଗୁଡିକ ସାଧାରଣ ଲୋକମାନଙ୍କୁ ବୋଧଗମ୍ୟ ହେବା ପାଇଁ ଓଡ଼ିଆ ଭାଷାରେ ସାର୍ବଜନୀନ କରିବା ପାଇଁ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ।

## ନାରୀ ନିର୍ଯାତନା ବୃଦ୍ଧିକୁ ନେଇ କଂଗ୍ରେସ ବର୍ଷିଲା



ଭଦ୍ରକ,୧ ୨ ।୩ (ନିପ୍ର); ରାଜ୍ୟରେ ନାରୀ ସୁରକ୍ଷା ପ୍ରତି କଂଗ୍ରେସ ଗୁରୁତ୍ୱ ଦେଇଛି। ରାଜ୍ୟ କଂଗ୍ରେସ ସଭାପତି ଭକ୍ତ ଦାସଙ୍କ ନିର୍ଦ୍ଦେଶ କ୍ରମେ ଭଦ୍ରକ ଜିଲା କଂଗ୍ରେସ କମିଟି ତରଫରୁ ନାରୀ ନିର୍ଯ୍ୟାତନା ବୃଦ୍ଧିକୁ ନେଇ ଏକ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରିବା ପରେ ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି, ବାସୁଦେବପୁର ବିଧାୟକ ତଥା ଡେପୁଟି ଚିଫ୍ ହ୍ୱିପ୍ ଅଶୋକ ଦାସଙ୍କ ନେତୃତ୍ୱରେ ଏହି ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠିତ ସଭାରେ ରାଜ୍ୟରେ ନାରୀ ନିର୍ଯାତନା ବୃଦ୍ଧି ପାଉଥିବାକୁ ନେଇ କଂଗ୍ରେସ ନେତାମାନେ ଗର୍ଜିଥିଲେ। ଏହି ୮ ମାସ ସରକାରରେ ୧୬ ଶହ ନାରୀ ନିର୍ଯାତନାର ଶୀକାର ହୋଇଥିବା ସହ ଜଣେ ୬ଷ୍ଠ ଶ୍ରେଣୀ ଛାତ୍ରୀ ହଷ୍ଟେଲରେ ଅନ୍ତସତ୍ୱା ହେବା ଘଟଣା ରାଜ୍ୟର ବିପର୍ଯ୍ୟସ୍ତ ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ପଦାରେ ପକାଇଛି। ବିଶେଷକରି ଅନୁସୂଚିତ ଜାତି, ଜନଜାତି ଓ ଓବିସି କ୍ଷେତ୍ରରେ ନାରୀ ନିର୍ଯାତନା ଅଧିକ ସଂଖ୍ୟାରେ ବଢିଚାଲିଛି। ଗୋଟିଏ ପଟେ ସୁଭଦ୍ରା ଯୋଜନା ଦେଇ ନାରୀ ସଶକ୍ତିକରଣ କରାଯାଉଥିବା କଥା କୁହାଯାଉଥିବାବେଳେ ଅନ୍ୟପଟେ ନାରୀଙ୍କୁ ସୁରକ୍ଷା ଦେବାରେ ଏହି ସରକାର ସଂପୂର୍ଣ୍ଣ ବିଫଳ ହେଉଛି ବୋଲି ଅନୁଷ୍ଠିତ ପ୍ରତିବାଦ ସଭାରେ ନେତାମାନେ ସରକାରଙ୍କ ଉପରେ ବର୍ଷିଥିଲେ। ନାରୀ ସୁରକ୍ଷା ପ୍ରତି କଂଗ୍ରେସ ଗୁରୁତ୍ୱ ଦେଇଛି। ନାରୀମାନଙ୍କ ସୁରକ୍ଷା ପାଇଁ କଂଗ୍ରେସ ପ୍ରତିଶ୍ରୁତିବଦ୍ଧ। ଏଥିପାଇଁ ସମସ୍ତ ପ୍ରକାର ପଦକ୍ଷେପ ଆମ ଦଳ ଶପଥ ନେଇଛି ବୋଲି ନେତାମାନେ ମତବ୍ୟକ୍ତ କରିଥିଲେ। ଏହି ପ୍ରତିବାଦ ସଭାରେ ପୂର୍ବତନ ମନ୍ତ୍ରୀ ନିରଂଜନ ପଟ୍ଟନାୟକ, ଅସିତ୍ ପଟ୍ଟନାୟକ, ନଳିନୀ ମହାନ୍ତି, ବିଦ୍ୟାଧର ଜେନା, ରଂଜନ ବେହେରା, ଦିଗମ୍ବର ଦାସ, ଅମୀୟ ମହାପାତ୍ର, ବଳରାମ ରାଉତ (ଚିଲିକା), ରାଜେନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିବାଦ ସଭା ପରେ ଜିଲା ସଭାପତି ଶ୍ରୀ ଦାସଙ୍କ ନେତୃତ୍ୱରେ ଜିଲା କମିଟିର ଏକ ପ୍ରତିନିଧି ଦଳ ଜିଲା ପ୍ରଶାସନ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି।

# ଜାତୀୟ ରାଜପଥର ଗଞ୍ଜାମଠାରୁ ଗଙ୍ଗାଧର ପର୍ଯ୍ୟନ୍ତ ଖୁଣ୍ଟ ଅଛି, ଜଳୁନି ବତି




ରମ୍ଭା,୧ ୨ ।୩ (ନିପ୍ର); ବିକଶିତ ଭାରତ ବିକାଶ ଓଡ଼ିଶା ତଥା ବାଜପେୟୀଙ୍କ ସ୍ୱପ୍ନ ଛଅ ଲାଇନ ପ୍ରଶସ୍ତିକରଣ ନାମରେ ଲାଗିଥିବା ୧୬ ନମ୍ବର ଜାତୀୟ ରାଜପଥ ଗଞ୍ଜାମ ଠାରୁ ଗଙ୍ଗାଧରପୁର ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱସ୍ଥ ବାସିନ୍ଦା ଥିବା ଓ ସମସ୍ତ ଷ୍ଟ୍ରିଟ ଲାଇଟ ଜଳୁ ନଥିବା ଅଭିଯୋଗ ହୋଇଛି। ଲୋକଙ୍କ ଜୀବନକୁ ସୁରକ୍ଷା ଦୃଷ୍ଟିରେ ରଖି ରାଜପଥ ରାସ୍ତାକୁ ସୌନ୍ଦର୍ଯ୍ୟକରଣ, ଆଲୋକୀକରଣ ଓ ଓଭର ବ୍ରିଜ ନିର୍ମାଣ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୋଟି କୋଟି ଟଙ୍କାର ଅନୁଦାନକୁ ସ୍ଥାନୀୟ ପ୍ରଶାସନମାନଙ୍କ ଆନ୍ତରିକତାର ଅଭାବ ଓ କର୍ମ ତତ୍ପରତା ଅବହେଳା ଯୋଗୁଁ ଜାତୀୟ ରାଜପଥ ଅନ୍ଧକାରମୟ ଅବସ୍ଥାରେ ରହିଛି । ଯାହା ଦ୍ୱାରା ଆଲୋକୀକରଣ ଅଭାବରୁ ଅଧିକାଂଶ ଦିନ ପୃଥକ ପୃଥକ ସ୍ଥାନରେ ଦୁର୍ଘଟଣା ଘଟି ଅନେକ ଲୋକଙ୍କ ଜୀବନ ଦୁର୍ବିସହ ହେଉଥିବା କୁହାଯାଉଛି। ତତସହିତ ଏଯାବତ ଚିକିତ୍ସାଧୀନ ଅବସ୍ଥାରେ ଅଛନ୍ତି ।ସତର୍କତା ବୋର୍ଡ ମଧ ଆଲୋକ ଅଭାବରୁ ଦେଖା ଯାଉନଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଛି ।ଓଭର ବ୍ରିଜ ନିର୍ମାଣ ହେବାର ଦୀର୍ଘ ବର୍ଷ ବିତିଯାଇଥିଲେ ମଧ ବ୍ରିଜର ଦୁଇ ପାର୍ଶ୍ୱରେ ବତୀ ଖୁଣ୍ଟ ଅଛି କିନ୍ତୁ ଷ୍ଟ୍ରିଟ ଲାଇଟ ଜଳୁ ନାହିଁ ।କିନ୍ତୁ ସ୍ଥାନେ ସ୍ଥାନେ ଷ୍ଟ୍ରିଟ ଲାଇଟ ଗୁଡ଼ିକ ନଜଳିବା ଫଳରେ ରୁଗଣ ଅବସ୍ଥାକୁ ଗତି କରିଲାଣି । ରାଜପଥର କିଛି ସ୍ଥାନରେ ଲାଇଟଗୁଡ଼ିକ ସ୍ପାର୍କ ହୋଇ ଧକଧକ ହୋଇ ଜଳୁଥିବା ଦେଖିବାକୁ ମିଳିଛି ।ଯାହାକୁ ନେଇ ଚାଳକମାନେ ଭାରସାମ୍ୟ ହରାଉଛନ୍ତି ।୧୬ ନମ୍ବର ରାଜପଥର ମଧ ଭାଗରେ ପରିବେଶ ସୁରକ୍ଷା ,ଦୁର୍ଘଟଣାକୁ ରୋକିବା ପାଇଁ ଓ ରାଜପଥର ସୌନ୍ଦର୍ଯ୍ୟକରଣ ପାଇଁ ଅସଂଖ୍ୟ ଗଛ ଲଗାଯାଇଛି ।କିନ୍ତୁ ଗଛ ଗୁଡିକର ରକ୍ଷଣାବେକ୍ଷଣ ଅଭାବରୁ ଗଛଗୁଡ଼ିକ ନଷ୍ଟ ହେବାରେ ବସିଲାଣି ।ରାଜପଥ ସୁରକ୍ଷା ବୋର୍ଡ଼ ,ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ମଧ ଏଥିପ୍ରତି ଅବହେଳା କରୁଛନ୍ତି ।ସ୍ଥାନୀୟ ପ୍ରଶାସନ କାହିଁକି ଦୁର୍ଘଟଣା ଘଟୁଥିବାର ସଠିକ ଯାଞ୍ଚ କରି ନଥିବାରୁ ଏହି ଦୁର୍ଘଟଣା ଘଟୁଥିବା ନେଇ ଆଲୋଚନା ହେଉଛି । ପ୍ରଶାସନ ରାତ୍ର ପାଟ୍ରୋଲିଂ କରି ଏସବୁ ତଦନ୍ତର ନିହାତି ଜରୁରୀ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି । ରାଜପଥ ମଧ ମରଣଯନ୍ତା ଅବସ୍ଥାରେ ପହଞ୍ଚୁଥିବା ଲକ୍ଷ୍ୟ କରାଯାଇଛି ।ସ୍ଥାନେ ସ୍ଥାନେ ବଡ଼ବଡ଼ ଗର୍ତ୍ତ ହୋଇଥିବା ଦେଖିବାକୁ ମିଳିଛି । ରାଜପଥର ଉପର କିଛି ସ୍ଥାନରେ ଫାଟି ଆଁ କରିବାକୁ ବସିଲାଣି । କିନ୍ତୁ କୌଣସି ମରାମତି ନିର୍ମାଣ କରାଯାଉନାହିଁ ।ସମସ୍ତ ଓଭର ବ୍ରିଜ କାମ ସରି ଚକାଚକ ଦିଶୁଛି ।କିନ୍ତୁ ହୁମ୍ମା ଓଭର ବ୍ରିଜର ନିର୍ମାଣ କାର୍ଯ୍ୟ ଶେଷ ହେଉନାହିଁ ।ଓଭର ବ୍ରିଜ ନିର୍ମାଣ କାର୍ଯ୍ୟ ଯୋଗୁଁ ୧୬ ନମ୍ବର ରାଜପଥର ଏକ ପାର୍ଶ୍ୱ ବନ୍ଦ ରହିଛି। ରାଜପଥର ଅନ୍ୟ ଏକ ପାର୍ଶ୍ୱ ଅଥବା ବୁଲାଣିଆ ରାସ୍ତାରେ ଯାନବାହାନର ପ୍ରବେଶ ହେବା ମାତ୍ରେ ଦୁର୍ଘଟଣା ଘଟି ଲୋକେ ଜୀବନ ହାରିଥିବା କୁହାକୁହା ହେଉଛନ୍ତି।

ସରକାର ଦୁର୍ଘଟଣାକୁ ରୋକିବା ପାଇଁ ରାତ୍ର ଷ୍ଟିଟ ଲାଇଟକୁ ଜାଳିବା,ରାଜପଥର ମଧ ଭାଗରେ ଥିବା ବୃକ୍ଷ ରୋପଣ ସହ ରକ୍ଷଣାବେକ୍ଷଣ କରିବା ,ରାଜପଥର ମରାମତି ସହ ଅତିଶୀଘ୍ର ହୁମ୍ମା ଓଭର ବ୍ରିଜ ନିର୍ମାଣ ଶେଷ କରିବା ପାଇଁ ଉପରୋକ୍ତ ବ୍ରିଜ ପାର୍ଶ୍ୱସ୍ଥ ରାସ୍ତାରେ ବାସ କରୁଥିବା ବାସିନ୍ଦା, ପଥଚାରି,ଚଳାପଥ, ଆରୋହୀ ତଥା ଚାଳକମାନେ ରାହାଜାନି ଓ ଚୋରି ଡକାୟତିରୁ ବର୍ତ୍ତିବେ ବୋଲି ବସ୍ତି ବାସିନ୍ଦାମାନେ ଦାବି ଜଣାଇଛନ୍ତି ।

## ଦିନେ ସାରା ବିଶ୍ୱ ଗେରୁଆ ପିନ୍ଧିବ: ଯୋଗୀ



ନୂଆଦିଲ୍ଲୀ, ୧୨।୩: ସନାତନ ପରମ୍ପରା ଏବଂ ହିନ୍ଦୁତ୍ୱ ସହିତ ଗେରୁଆ ରଙ୍ଗର ସମ୍ପୃକ୍ତି ରହିଛି। ଦିନ ଆସିବ ସାରା ବିଶ୍ୱ ଗେରୁଆ ପିନ୍ଧିବ ବୋଲି କହିଛନ୍ତି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ। ଲକ୍ଷ୍ନୌରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହା କହିଛନ୍ତି। ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ଯୋଗୀ କହିଥିଲେ, ମୋ ବିଷୟରେ ଦୁନିଆ ଯାହା ଭାବିବା କଥା ଭାବୁ, କିନ୍ତୁ ବାସ୍ତବରେ ମୁଁ ଗେରୁଆ ବସ୍ତ୍ର ପରିଧାନ କରେ। ଏହା ମୋର ପରିଚୟ ଏବଂ ଆମ ସନାତନ ପରମ୍ପରାର ମଧ୍ୟ ପରିଚୟ। ମୁଁ ଏଥିରୁ ପ୍ରଚୁର ଗର୍ବ ଅନୁଭବ କରେ ଏବଂ ମୁଁ କହୁଛି, ଦିନେ ସାରା ବିଶ୍ୱ ଏହାକୁ ପରିଧାନ କରିବ। ସମ୍ପ୍ରତି ସମ୍ଭଲ ମସଜିଦ ବିବାଦକୁ ନେଇ କହିଥିଲେ, କାହାର ବିଶ୍ୱାସକୁ ବଳପୂର୍ବକ ଅଧିକାର କରିବା ଅଗ୍ରହଣୀୟ। ବିଶେଷକରି ଯେତେବେଳେ ଆମେ ସମ୍ଭଲ ବିଷୟରେ ସମସ୍ତ ସତ୍ୟତା ଜାଣିଛୁ। ସମ୍ଭଲରେ ୧୫୨୬ରେ ଏକ ବିଷ୍ଣୁ ମନ୍ଦିର ରହିଥିଲା। ୫ ହଜାର ବର୍ଷ ତଳେ ଧର୍ମଗ୍ରନ୍ଥରେ ସମ୍ଭଲ ବିଷୟରେ ଉଲ୍ଲେଖ ରହିଛି। ସେଥିରେ ଭଗବାନ ବିଷ୍ଣୁଙ୍କ ପରଜନ୍ମ ବିଷୟରେ ମଧ୍ୟ କୁହାଯାଇଛି। ସମ୍ଭଲ ଐତିହାସିକ ସତ୍ୟକୁ ବର୍ଣ୍ଣନା କରେ ବୋଲି ସେ କହିଛନ୍ତି।

## ଖୁବ୍‌ଶୀଘ୍ର ବଜାରକୁ ଆସିବ ୧୦୦ ଓ ୨୦୦ ଟଙ୍କିଆ ନୋଟ୍

ନୂଆଦିଲ୍ଲୀ ୧୨/୩: ୧୦୦ ଓ ୨୦୦ ଟଙ୍କା ନୋଟ୍ ସମ୍ପର୍କରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ବଡ଼ ଘୋଷଣା । ପ୍ରକୃତରେ, ଭାରତୀୟ ରିଜର୍ଭ ବ୍ୟାଙ୍କ ଖୁବ୍ ଶୀଘ୍ର ୧୦୦ ଏବଂ ୨୦୦ ଟଙ୍କାର ନୂତନ ନୋଟ୍ ଜାରି କରିବାକୁ ଯାଉଛି । କିନ୍ତୁ ଡିଜାଇନରେ କୌଣସି ପରିବର୍ତ୍ତନ ହେବ ନାହିଁ । ଏହି ନୂତନ ନୋଟଗୁଡ଼ିକରେ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ ସ୍ୱାକ୍ଷର ରହିବ ବୋଲି ଆରବିଆଇ ସୂଚନା ଦେଇଛି। ଏହା ଏକ ସାଧାରଣ ପ୍ରକ୍ରିୟା ଯେଉଁଥିରେ ପ୍ରତ୍ୟେକ ନୂତନ ଗଭର୍ଣ୍ଣର ନିଯୁକ୍ତି ପରେ ତାଙ୍କ ସ୍ୱାକ୍ଷର ସମ୍ବଳିତ ନୋଟ୍ ଜାରି କରାଯାଏ। ଏଠାରେ କହିରଖୁ ଯେ, ପୁରୁଣା ୧୦୦ ଏବଂ ୨୦୦ ଟଙ୍କିଆ ନୋଟ୍ ବୈଧ ରହିବ । ଏହାକୁ ବଦଳାଯିବ ନାହିଁ ବୋଲି ଆରବିଆଇ ସ୍ପଷ୍ଟ କରିଛି ।

## ଭୂକମ୍ପରେ ଥରିଲା ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ

ମମ୍ବାଇ ୧୨।୩; ପୁଣି ଥରେ ଭୂକମ୍ପରେ ଥରିଲା ଆଣ୍ଡାମାନ ଦ୍ୱୀପପୁଞ୍ଜ। ଏହି ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୫.୯ରେ ମାପ କରାଯାଇଛି। ବଙ୍ଗୋପସାଗରରେ ମଧ୍ୟ ଭୂକମ୍ପ କମ୍ପନ ଅନୁଭୂତ ହୋଇଥିଲା। ବଙ୍ଗୋପସାଗରରେ ଘଟିଥିବା ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୫.୬ ମାପ କରାଯାଇଥିଲା। ସମୁଦ୍ର ତଳେ ୧୦ କିଲୋମିଟର ଗଭୀରରେ ଏହି ଭୂକମ୍ପର କେନ୍ଦ୍ରସ୍ଥଳ ଦେଖିବାକୁ ମିଳିଥିଲା। ଯଦିଓ ଉଭୟ ଭୂକମ୍ପ ଯୋଗୁଁ ଜୀବନ କିମ୍ବା ସମ୍ପତ୍ତି ନଷ୍ଟ ହେବାର କୌଣସି ଖବର ନାହିଁ। ଭୂକମ୍ପ ଯୋଗୁଁ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ରହିଛି।

## ବିଚାର ବିଭାଗୀୟ ହାଜତକୁ ଗଲା ପୁଣେ ବସଷ୍ଟାଣ୍ଡ ଦୁଷ୍କର୍ମ ଅଭିଯୁକ୍ତ ଦତ୍ତାତ୍ରୟ

ମୁମ୍ବାଇ ୧୨।୩: ମହାରାଷ୍ଟ୍ରର ଏକ କୋର୍ଟ ବୁଧବାର ସ୍ୱାରଗେଟ୍ ବସ୍ ଦୁଷ୍କର୍ମ ଅଭିଯୁକ୍ତକୁ ମାର୍ଚ୍ଚ ୨୬ ପର୍ଯ୍ୟନ୍ତ ପୋଲିସ ରିମାଣ୍ଡରେ ପଠାଇ ଦେଇଛନ୍ତି। ପୋଲିସ କହିଛି ଯେ ଅଭିଯୁକ୍ତ ଦତ୍ତାତ୍ରୟ ଗାଡ଼େ ୨୫ ଫେବୃଆରୀ ସକାଳେ ସ୍ୱର୍ଗେଟ୍ ଟର୍ମିନସରେ ଛିଡା ହୋଇଥିବା ମହାରାଷ୍ଟ୍ର ପରିବହନ ନିଗମ (ଏମଏସଆରଟିସି) ବସ୍ ରେ କଥିତ ରୂପେ ଜଣେ ୨୬ ବର୍ଷ ବୟସ୍କା ମହିଳାଙ୍କ ସହିତ ଦୁଷ୍କର୍ମ କରିଥିଲା। ଅଭିଯୁକ୍ତ ନିଜକୁ ବସ୍ କଣ୍ଡକ୍ଟର ବୋଲି ପରିଚୟ ଦେଇ ଏହି କାଣ୍ଡ କରିଥିଲା। ଏହି ଘଟଣା ନେଇ ପୋଲିସରେ ଅଭିଯୋଗ ହେବା ପରେ ସାରା ରାଜ୍ୟରେ ଚାଞ୍ଚଲ୍ୟ ଖେଳି ଯାଇଥିଲା। ଅଭିଯୁକ୍ତକୁ ପୋଲିସ ପୁଣେ ଜିଲ୍ଲା ଶିରୁର ତହସିଲର ଗୁନାଟ ଗାଁର ଏକ ଖେତରୁ ଗିରଫ କରିଥିଲା। ପୋଲିସ ଅନୁସାରେ ଅଭିଯୁକ୍ତ ଦତ୍ତାତ୍ରୟ ଗାଡେ ନାମରେ ପୂର୍ବରୁ ଅନେକ ଅପରାଧିକ ମାମଲା ରହିଛି। ଅଭିଯୁକ୍ତକୁ ଗିରଫ କରିବା ପାଇଁ ପୋଲିସ ଡ୍ରୋନ ଓ ସନ୍ଧାନୀ କୁକୁରର ସହାୟତା ନେଇଥିଲା। ଗିରଫ ପରେ ପୋଲିସ ତାକୁ କୋର୍ଟରେ ହାଜର କରି ୧୨ ଦିନିଆ ରିମାଣ୍ଡରେ ନେଇଥିଲା। ବୁଧବାର ରିମାଣ୍ଡ ପୁରା ହେବା ପରେ ପୋଲିସ ଅଭିଯୁକ୍ତକୁ କୋର୍ଟରେ ହାଜର କରିଥିବା ବେଳେ ଆଉ ଦୁଇ ଦିନ ପୋଲିସ କଷ୍ଟଡିର ଅଧିକାର ସୁରକ୍ଷିତ ରଖି ବିଚାରବିଭାଗୀୟ ହାଜତ ନିବେଦନ କରିଥିଲା। ସେହି ଅନୁସାରେ କୋର୍ଟ ମାର୍ଚ୍ଚ ୨୬ ତାରିଖ ପର୍ଯ୍ୟନ୍ତ ବିଚାରବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି।

## ବିଶ୍ୱର ଶ୍ରେଷ୍ଠ ୧୦୦ଟି ଶିକ୍ଷାନୁଷ୍ଠାନ ତାଲିକାରେ ଭାରତରୁ କେହି ନାହିଁ

ନୂଆଦିଲ୍ଲୀ, ୧୨।୩ : ଭାରତର ଶିକ୍ଷାନୁଷ୍ଠାନଗୁଡ଼ିକ ନିଜ ଗୁଣବତ୍ତାରେ ଉନ୍ନତି କରିଚାଲିଛନ୍ତି । ଏହା ସତ୍ତ୍ୱେ କ୍ୟୁଏସ୍ ୱାର୍ଲଡ ୟୁନିଭର୍ସିଟି ରାଙ୍କିଙ୍ଗ୍ ୨୦୨୪ର ଶ୍ରେଷ୍ଠ ୧୦୦ ମଧ୍ୟରେ କୌଣସି ଭାରତୀୟ ଶିକ୍ଷାନୁଷ୍ଠାନ ସ୍ଥାନ ପାଇନାହାନ୍ତି । ଆଇଆଇଟି ବମ୍ବେ ଏହି ତାଲିକାର ୧୧୮ ତମ ସ୍ଥାନରେ ଓ ଆଇଆଇଟି ଦିଲ୍ଲୀ ୧୫୦ତମ ସ୍ଥାନରେ ରହିଛି । କ୍ୟୁଏସ ସବଜେକ୍ଟ ରାଙ୍କିଙ୍ଗରେ ( ବିଷୟ ଅନୁସାରେ ମାନ୍ୟତା)ରେ ଭାରତର ୯ଟି ଶିକ୍ଷାନୁଷ୍ଠାନ ସ୍ଥାନ ପାଇଛନ୍ତି । ଆଇଏସଏମ ଧନବାଦ, ଆଇଆଇଟି ଖଡ଼ଗପୁର ଏବଂ ଆଇଆଇଟି ବମ୍ବେ ଖଣିଜ ଏବଂ ଖଣି ଇଞ୍ଜିନିୟରିଂ କ୍ଷେତ୍ରରେ ବିଶ୍ୱସ୍ତରରେ ଏକ ଦୃଢ଼ ଉପସ୍ଥିତି ସୃଷ୍ଟି କରିଛନ୍ତି । ଆଇଆଇଟି ଦିଲ୍ଲୀ ଏବଂ ଆଇଆଇଟି ବମ୍ବେ ଇଲେକ୍ଟ୍ରିକାଲ୍ ଏବଂ ଇଲେକ୍ଟ୍ରୋନିକ୍ ଇଞ୍ଜିନିୟରିଂରେ ନିଜର ପରିଚୟ ସୁଦୃଢ଼ କରିଛନ୍ତି। ତେବେ କ୍ୟୁଏସ ସବଜେକ୍ଟ ରାଙ୍କିଙ୍ଗରେ ( ବିଷୟ ଅନୁସାରେ ମାନ୍ୟତା)ରେ ଭାରତର ୯ଟି ଶିକ୍ଷାନୁଷ୍ଠାନ ସ୍ଥାନ ପାଇଛନ୍ତି । ଆଇଏସଏମ ଧନବାଦ, ଆଇଆଇଟି ଖଡ଼ଗପୁର ଏବଂ ଆଇଆଇଟି ବମ୍ବେ ଖଣିଜ ଏବଂ ଖଣି ଇଞ୍ଜିନିୟରିଂ କ୍ଷେତ୍ରରେ ବିଶ୍ୱସ୍ତରରେ ଏକ ଦୃଢ଼ ଉପସ୍ଥିତି ସୃଷ୍ଟି କରିଛନ୍ତି । ଆଇଆଇଟି ଦିଲ୍ଲୀ ଏବଂ ଆଇଆଇଟି ବମ୍ବେ ଇଲେକ୍ଟ୍ରିକାଲ୍ ଏବଂ ଇଲେକ୍ଟ୍ରୋନିକ୍ ଇଞ୍ଜିନିୟରିଂରେ ନିଜର ପରିଚୟ ସୁଦୃଢ଼ କରିଛନ୍ତି। ଆଇଆଇଟି ମାଡ୍ରସ, ଆଇଆଇଟି ବମ୍ବେ ଏବଂ ଆଇଆଇଟି ଖଡ଼ଗପୁର କ୍ରମାଗତ ଭାବରେ ବିଶ୍ୱର ଶ୍ରେଷ୍ଠ ୫୦ ଟି ଅନୁଷ୍ଠାନ ମଧ୍ୟରେ ଉପସ୍ଥିତ ରହି ନିଜର ଖ୍ୟାତି ବଜାୟ ରଖିଛନ୍ତି । ଏହାବ୍ୟତୀତ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନୟୁ) ମଧ୍ୟ ବିକାଶ ଅଧ୍ୟୟନ କ୍ଷେତ୍ରରେ ଶ୍ରେଷ୍ଠ ୫୦ ରେ ସ୍ଥାନ ପାଇଛି, ଯଦିଓ ଏହାର ମାନ୍ୟତା ଗତ ବର୍ଷ ତୁଳନାରେ ସାମାନ୍ୟ ହ୍ରାସ ପାଇଛି । ଇଞ୍ଜିନିୟରିଂ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଆଇଆଇଟି ଦିଲ୍ଲୀ ଓ ଆଇଆଇଟି ବମ୍ବେ ଯଥାକ୍ରମେ ୪୫ତମ ସ୍ଥାନରୁ ୨୬ତମ ଓ ୨୮ତମ ସ୍ଥାନ ହାସଲ କରିଛନ୍ତି। ଇଞ୍ଜିନିୟରିଂ-ଇଲେକ୍ଟ୍ରିକାଲ୍ ଓ ଇଲେକ୍ଟ୍ରୋନିକ୍ ବର୍ଗରେ ମଧ୍ୟ ଉଭୟ ଅନୁଷ୍ଠାନ ଶ୍ରେଷ୍ଠ ୫୦ରେ ସ୍ଥାନ ପାଇଛନ୍ତି।

## ଭାରତ ଓ ମରିସସ୍ ମଧ୍ୟରେ ୮ ଚୁକ୍ତିନାମା

# ବ୍ୟବସାୟ, ସାମୁଦ୍ରିକ ସୁରକ୍ଷାରେ ସହଯୋଗ ବଢ଼ାଇବା ଉଦ୍ଦେଶ୍ୟ



ନୂଆଦିଲ୍ଲୀ, ୧୨।୩: ଭାରତ ଓ ମରିସସ୍ ନିଜ ସମ୍ପର୍କକୁ ଉନ୍ନତ ରଣନୈତିକ ସହଯୋଗୀର ମାନ୍ୟତା ଦେଇ ୮ ଗୁରୁତ୍ୱପୂର୍ଣ୍ଣ ବୁଝାମଣା ସ୍ୱାକ୍ଷର କରିଛନ୍ତି । ଏହି ବୁଝାମଣାର ଉଦ୍ଦେଶ୍ୟ ବ୍ୟବସାୟ, ସାମୁଦ୍ରିକ ସୁରକ୍ଷା ଓ ଅନ୍ୟ କ୍ଷେତ୍ରରେ ସହଯୋଗ ବଢାଇବା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମରିସସର ରାଷ୍ଟ୍ରୀୟ ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ରୂପେ ଯୋଗ ଦେଇଥିଲେ । ଏହି ଅବସରରେ ଭାରତୀୟ ନୌସେନାର ଏକ ଯୁଦ୍ଧ ପୋତ ଓ ବାୟୁସେନାର ଆକାଶ ଗଙ୍ଗା ସ୍କାଇଡାଇଭିଂ ଟିମ୍ ମଧ୍ୟ ଅଂଶଗ୍ରହଣ କରିଥିଲା। ପ୍ରଧାନମନ୍ତ୍ରୀ ମୋଦି ବୈଶ୍ୱିକ ଦକ୍ଷିଣର ବିକାଶ ପାଇଁ ମହାସାଗର (ମ୍ୟୁଚୁଆଲ୍ ଆଣ୍ଡ ହଲିଷ୍ଟିକ୍ ଆଡଭାନ୍ସମେଣ୍ଟ ଫର୍ ସିକ୍ୟୁରିଟି ଆଣ୍ଡ ଗ୍ରୋଥ୍ ଆକ୍ରସ୍ ରିଜନ୍ସ) ନାଁରେ ନୂଆ ନୀତି ଘୋଷଣା କରିଛନ୍ତି । ଏହି ନୀତି ୨୦୧୫ରେ ଆରମ୍ଭ କରାଯାଇଥିବା ସାଗର (ସିକ୍ୟୁରିଟି ଆଣ୍ଡ ଗ୍ରୋଥ୍ ଫର୍ ଅଲ୍ ଇନ୍ ଦ ରିଜନ୍) ନୀତିର ବିସ୍ତାର ଅଟେ । ସେ କହିଛନ୍ତି ଯେ ଭାରତ ଓ ମରିସସ୍ ଉଭୟଙ୍କ ପାଇଁ ଭାରତ ମହାସାଗରକୁ ମୁକ୍ତ, ସୁରକ୍ଷିତ ଓ ସ୍ଥିର ରଖିବା ପ୍ରାଥମିକତା ରହିଛି । ଭାରତ ମରିସସର ବିଶେଷ ଆର୍ଥିକ କ୍ଷେତ୍ରର ସୁରକ୍ଷାରେ ସମ୍ପୂର୍ଣ୍ଣ ସହଯୋଗ କରିବ। ଭାରତ ଓ ମରିସସ୍ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ବୁଝାମଣା ଓ ଘୋଷଣା ମଧ୍ୟରେ ରହିଛି ବାଣିଜ୍ୟ ପାଇଁ ରାଷ୍ଟ୍ରୀୟ ମୁଦ୍ରାର ବ୍ୟବହାର। ଉଭୟ ଦେଶ ବାଣିଜ୍ୟ ପାଇଁ ନିଜ ନିଜ ମୁଦ୍ରା (ଭାରତୀୟ ଟଙ୍କା ଏବଂ ମରିସସ୍ ଟଙ୍କା) ବ୍ୟବହାର କରିବେ। ସେହିପରି ସାମୁଦ୍ରିକ ତଥ୍ୟ ଆଦାନପ୍ରଦାନ - ସାମୁଦ୍ରିକ ସୁରକ୍ଷା ଏବଂ ପର୍ଯ୍ୟବେକ୍ଷଣ ପାଇଁ ମିଳିତ ପ୍ରୟାସ କରାଯିବ। ମନି ଲଣ୍ଡ୍ରିଂ ରୋକିବା ପାଇଁ ପାରସ୍ପାରିକ ସହଯୋଗ। ଏଥିସହ ଏମଏସଏମଇ କ୍ଷେତ୍ରରେ ସହଯୋଗ। କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପକୁ ପ୍ରୋତ୍ସାହିତ କରାଯିବ। ତଟରକ୍ଷୀ ବାହିନୀକୁ ସୁଦୃଢ଼ କରିବା - ଭାରତ ମରିସସକୁ ତା'ର ତଟରକ୍ଷୀ ବାହିନୀର ଆବଶ୍ୟକତା ପାଇଁ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦେବ। ପୋଲିସ ଏକାଡେମୀ ଏବଂ ସାମୁଦ୍ରିକ ସୂଚନା କେନ୍ଦ୍ର ପ୍ରତିଷ୍ଠା। ଚାଗୋସ୍ ଦ୍ୱୀପପୁଞ୍ଜ ପ୍ରସଙ୍ଗରେ ସମର୍ଥନ – ମରିସସର ସାର୍ବଭୌମତ୍ୱ ପ୍ରତି ସମ୍ମାନ କଥା ଦୋହରାଇଲା ଭାରତ । ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି (ଡିପିଆଇ) ଏବଂ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) କ୍ଷେତ୍ରରେ ସହଯୋଗ ଉପରେ ସହମତି।

## ମରିସସରେ ନୂଆ ସଂସଦ ଭବନ କରିବ ଭାରତ

ନୂଆଦିଲ୍ଲୀ, ୧୨।୩: ବର୍ତ୍ତମାନ ମରିସସ ଗସ୍ତରେ ଅଛନ୍ତି ପ୍ରଧାନମନ୍ତ୍ରୀ ମୋଦି। ସେଠାରେ ସେ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ସମ୍ବୋଧିତ କରି କହିଛନ୍ତି ଯେ, ଭାରତ ମରିସସରେ ଏକ ନୂତନ ସଂସଦ ନିର୍ମାଣରେ ସହଯୋଗ କରିବ। ପ୍ରଧାନମନ୍ତ୍ରୀ ନବୀନ ଚନ୍ଦ୍ର ରାମଗୁଲାମ ଏବଂ ମୁଁ ଭାରତ-ମରିସସ ସହଭାଗୀତାକୁ ଉନ୍ନତ ରଣନୈତିକ ସହଭାଗୀତାର ମାନ୍ୟତା ଦେବାକୁ ନିଷ୍ପତ୍ତି ନେଇଛୁ। ଆମେ ନିଷ୍ପତ୍ତି ନେଇଛୁ ଯେ ଭାରତ ମରିସସରେ ନୂଆ ସଂସଦ ଭବନ ନିର୍ମାଣରେ ସହଯୋଗ କରିବ। ଏହା ମରସସକୁ ଗଣତନ୍ତ୍ରର ଜନନୀ ଠାରୁ ଏକ ବଡ଼ ଉପହାର। ମୋଦି କହିଛନ୍ତି, ଭାରତ ଏବଂ ମରିସସ କେବଳ ଭାରତ ମହାସାଗର ଦ୍ୱାରା ନୁହେଁ ବରଂ ପରମ୍ପରା ଏବଂ ସଂସ୍କୃତି ଦ୍ୱାରା ମଧ୍ୟ ଯୋଡ଼ି ହୋଇଛନ୍ତି। ଆମେ ଆର୍ଥିକ ଏବଂ ସାମାଜିକ ବିକାଶର ଯାତ୍ରାରେ ଅଂଶୀଦାର। ଆମେ ସର୍ବଦା ପରସ୍ପର ସହିତ ଛିଡ଼ା ହୋଇଛୁ। ସ୍ୱାସ୍ଥ୍ୟ ହେଉ, ମହାକାଶ ହେଉ କିମ୍ବା ପ୍ରତିରକ୍ଷା, ଆମେ ପରସ୍ପର ସହିତ ଆଗକୁ ବଢୁଛୁ। ୧୪୦ କୋଟି ଭାରତୀୟଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ମୋଦୀ ମରିସସର ଲୋକମାନଙ୍କୁ ସେମାନଙ୍କ ଜାତୀୟ ଦିବସରେ ଅଭିନନ୍ଦନ ଜଣାଇଥିଲେ ଏବଂ କହିଥିଲେ ଯେ ଏହା ତାଙ୍କର ସୌଭାଗ୍ୟ ଯେ ତାଙ୍କୁ ଏହାର ଜାତୀୟ ଦିବସରେ ପୁଣି ଥରେ ମରିସସ ଗସ୍ତ କରିବାର ସୁଯୋଗ ମିଳିଛି। ଆଜି ସକାଳେ ପ୍ରଧାନମନ୍ତ୍ରୀ ମୋଦି ମରିସସର ପୂର୍ବତନ ପ୍ରଧାନମନ୍ତ୍ରୀ ପ୍ରବିନ୍ଦ କୁମାର ଜୁଗନୌଥଙ୍କୁ ଭେଟିଥିଲେ।

## ଅଏଲ ଫିଲ୍ଡସ୍ ବିଲ୍ ଲୋକସଭାରେ ଗୃହୀତ



ନୂଆଦିଲ୍ଲୀ, ୧୨।୩: ଲୋକସଭାରେ ତୈଳ କ୍ଷେତ୍ର (ରେଗୁଲେସନ ଆଣ୍ଡ ଡେଭଲପମେଣ୍ଟ) ସଂଶୋଧନ ବିଧେୟକ ୨୦୨୪ ଗୃହୀତ ହୋଇଛି। ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀ ବୁଧବାର ଲୋକସଭାରେ ବିଧେୟକ ଉପସ୍ଥାପନ କରି କହିଛନ୍ତି ଯେ ଏବେ ଦିନକୁ ଦିନ ଅଶୋଧିତ ତୈଳର ଆବଶ୍ୟକତା ବଢୁଛି ଓ ଏହି କ୍ଷେତ୍ରର ବିକାଶ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେ କହିଛନ୍ତି ଯେ ତୈଳ ଏବଂ ଗ୍ୟାସ୍ ବ୍ୟବସାୟ ଦେଶର ଅର୍ଥବ୍ୟବସ୍ଥା ନିମନ୍ତେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ବିଧେୟକର ଉଦ୍ଦେଶ୍ୟ ଦେଶରେ ତୈଳ ଓ ଗ୍ୟାସ୍ କ୍ଷେତ୍ରର ବିକାଶକୁ ଗତି ଦେବା ଓ ଏହାର ରେଗୁଲେସନକୁ ଅଧିକ ପ୍ରଭାବୀ କରିବା। ଏହି ସଂଶୋଧନ ବିଧେୟକରେ ତୈଳ ଓ ପ୍ରାକୃତିକ ଗ୍ୟାସ୍ କ୍ଷେତ୍ରର ପ୍ରବନ୍ଧନ, ଉତ୍ପାଦନ ଓ ବିତରଣକୁ ଅଧିକ ପାରଦର୍ଶୀ ଏବଂ ଦକ୍ଷ କରିବା ଲାଗି ଆଇନଗତ ବ୍ୟବସ୍ଥାକୁ ମଜଭୁତ କରାଯାଇଛି। ସରକାରଙ୍କ କହିବା କଥା ହେଉଛି ଏହି ବିଧେୟକ ଶକ୍ତି କ୍ଷେତ୍ରରେ ନିବେଶ ବଢାଇବା ଓ ଆତ୍ମନିର୍ଭର ଭାରତ ଅଭିଯାନକୁ ଗତି ଦେବାରେ ସହାୟତା କରିବ। ଏହି ବିଧେୟକକୁ ସରକାର ଏକ ଐତିହାସିକ ପଦକ୍ଷେପ ବୋଲି କହିଛନ୍ତି। ଏହା ଦ୍ୱାରା ଭାରତର ଶକ୍ତି ସଂସାଧନର ଦ୍ରୁତ ଉପଯୋଗ ହେବ। ପେଟ୍ରୋଲିୟମ ମନ୍ତ୍ରୀ କହିଛନ୍ତି ଯେ ଏହି ସଂଶୋଧନ ଭାରତକୁ ଶକ୍ତି ସୁରକ୍ଷା ପ୍ରଦାନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ଓ ନିବେଶକଙ୍କ ନିମନ୍ତେ ଅଧିକ ଅନୁକୂଳ ପରିବେଶ ସୃଷ୍ଟି କରିବ। ତେବେ ସଂଶୋଧନରେ ବିରୋଧୀ ଦଳ କିଛି ପ୍ରାବଧାନକୁ ନେଇ ନିଜର ଆପତ୍ତି କରିଥିଲେ। ଏଥିରେ ତୈଳ କ୍ଷେତ୍ରର ପାରଦର୍ଶିତା ସହ ପରିବେଶ ଚିନ୍ତା ଉପରେ ଅଧିକ ଧ୍ୟାନ ଦେବାକୁ ଦାବି କରିଥିଲେ। ତେବେ ଶେଷରେ ବିଧେୟକ ବହୁମତରେ ଗୃହୀତ ହୋଇଛି। ଏବେ ଏହି ବିଧେୟକକୁ ରାଜ୍ୟସଭାରେ ଉପସ୍ଥାପନ କରାଯିବ, ଯେଉଁଠି ଏହା ଉପରେ ଅଧିକ ଚର୍ଚ୍ଚା ହେବ। ଏହି ସଂଶୋଧନକୁ ଭାରତରେ ତୈଳ ଓ ଗ୍ୟାସ୍ କ୍ଷେତ୍ରରେ ବଡ଼ ସୁଧାର ଆଣିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ମନେ କରାଯାଉଛି।

## ଜାମ୍ମୁ-କାଶ୍ମୀରରେ ପାକିସ୍ତାନୀ ବେଲୁନ

ଜାମ୍ମୁ, ୧୨।୩: ବୁଧବାର ସକାଳେ ଜାମ୍ମୁ ଓ କାଶ୍ମୀରର ସାମ୍ବା ଜିଲାର ଘଗୱାଲ ସେକ୍ଟରରେ ଅନ୍ତର୍ଜାତୀୟ ସୀମା (ଆଇବି) ନିକଟରେ ଏକ ସନ୍ଦିଗ୍ଧ ବେଲୁନ ମିଳିବା ପରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଅଧିକାରୀଙ୍କ ଅନୁଯାୟୀ, ଏହି ବେଲୁନଟି ପାଲୌନା ଗାଁର କ୍ଷେତରେ ପଡ଼ିଥିବା ଦେଖିବାକୁ ମିଳିଥିଲା ଯାହା ଉପରେ ପାକିସ୍ତାନର ନାମ ଏବଂ ପତାକା ଲେଖାଯାଇଥିଲା। କ୍ଷେତରେ କାମ କରୁଥିବା ଜଣେ ମହିଳା ଏହା ଦେଖି ତୁରନ୍ତ ସ୍ଥାନୀୟ ଲୋକ ଏବଂ ଘଗୱାଲ ପୋଲିସ ପୋଷ୍ଟକୁ ଜଣାଇଥିଲେ। ପୋଲିସ ଦଳ ଘଟଣାସ୍ଥଳରେ ପହଞ୍ଚି ବେଲୁନଟିକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ପୂର୍ବରୁ ମଧ୍ୟ ସୀମାବର୍ତ୍ତୀ ଅଞ୍ଚଳରେ ଏପରି ବେଲୁନ ମିଳିଥିବାରୁ ସୁରକ୍ଷା ଏଜେନ୍ସିଗୁଡ଼ିକ ଏପରି ଘଟଣାକୁ ଗମ୍ଭୀରତାର ସହ ନେଉଛନ୍ତି। ସୁରକ୍ଷା ଏଜେନ୍ସିଗୁଡ଼ିକ ଏବେ ତଦନ୍ତ କରୁଛନ୍ତି ଯେ ଏହି ବେଲୁନ କେଉଁଠାରୁ ଆସିଲା ଏବଂ ଏହା ପଛରେ କୌଣସି ଷଡ଼ଯନ୍ତ୍ର ଅଛି କି ନାହିଁ। ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସଆଇ ସହାୟତାରେ ଆତଙ୍କବାଦୀ ସଂଗଠନଗୁଡ଼ିକ ଜମ୍ମୁ-କାଶ୍ମୀରରେ ଅଶାନ୍ତି ସୃଷ୍ଟି କରିବା ପାଇଁ ଅନେକ ଉପାୟ ବ୍ୟବହାର କରୁଛନ୍ତି। ଗତ କିଛି ବର୍ଷ ମଧ୍ୟରେ, ଦେଖାଯାଇଛି ଯେ ଆତଙ୍କବାଦୀ ସଂଗଠନଗୁଡ଼ିକ ଅସ୍ତ୍ରଶସ୍ତ୍ର, ଗୁଳିଗୋଳା, ଡ୍ରଗ୍ସ ଏବଂ ନଗଦ ଚୋରା ଚାଲାଣ ପାଇଁ ଡ୍ରୋନ ବ୍ୟବହାର କରୁଛନ୍ତି। ସୁରକ୍ଷା ଏଜେନ୍ସିଗୁଡ଼ିକ ଭୟ କରୁଛନ୍ତି ଯେ ଏପରି ବେଲୁନଗୁଡ଼ିକ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିବା ପାଇଁ କିଛି ମନସ୍ତାତ୍ତ୍ୱିକ ରଣନୀତି କିମ୍ବା ଭ୍ରାମକ କାର୍ଯ୍ୟକଳାପର ଏକ ଅଂଶ ହୋଇପାରେ

## ବାଂଲାଦେଶ ସେନାରେ ବିଦ୍ରୋହ

ଢ଼ାକା, ୧୨।୩: ବାଂଲାଦେଶ ସେନା ଭିତରେ ବିଦ୍ରୋହ। ଦେଶର ସେନା ମୁଖ୍ୟଙ୍କୁ ତାଙ୍କ ପଦରୁ ହଟାଇବା ପାଇଁ ବାଂଲାଦେଶର ଜଣେ ବରିଷ୍ଠ ସେନା ଅଧିକାରୀ ଷଡ଼ଯନ୍ତ୍ର କରୁଥିବା ଜଣାପଡ଼ିବା ପରେ ତାଙ୍କ ଉପରେ କଡ଼ା ନଜର ରଖାଯାଇଛି। କ୍ୱାର୍ଟମାଷ୍ଟର ଜେନେରାଲ ବାଂଲାଦେଶ ଲେଫ୍ଟନାଣ୍ଟ ଜେନେରାଲ ଫଜୁର ରେହମାନ ସେନା ମୁଖ୍ୟ ୱାକର ଉଜ ଜମାନଙ୍କୁ ପଦରୁ ହଟାଇବା ପାଇଁ ଷଡ଼ଯନ୍ତ୍ର କରିଥିଲେ। ଏକଥା ସେନା ମୁଖ୍ୟଙ୍କୁ ଜଣାପଡ଼ିବା ପରେ ସେ ଫଜରୁ ରେହମାନଙ୍କୁ ନଜରବନ୍ଦୀ କରି ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୱାକର ଉଜ ଜମାନଙ୍କୁ ଅଜଣାତରେ ତାଙ୍କ ବିରୋଧରେ ବୈଠକ ଡକାଯାଉଥିବା ଜଣାପଡ଼ିବା ପରେ ସେନା ମୁଖ୍ୟ ଏଭଳି ପଦକ୍ଷେପ ନେଇଥିଲେ।

## ନ୍ୟୁୟର୍କରେ ଫ୍ରି ଫୁଡ୍ ପାଇଁ ଲମ୍ବା ଲାଇନ୍

ୱାଶିଂଟନ, ୧୨/୩: ହ୍ୱାଇଟ୍ ହାଉସକୁ ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରତ୍ୟାବର୍ତ୍ତନ ସମଗ୍ର ବିଶ୍ୱ ଅର୍ଥନୀତିକୁ କରିଛି ଅସ୍ଥିର । ଟ୍ରମ୍ପଙ୍କ ଆକ୍ରାମକ ବାଣିଜ୍ୟ ନୀତି ନିର୍ଦ୍ଧାରଣକାରୀଙ୍କ ନିଦ ଉଡ଼ାଇ ଦେଲାଣି । ବିଶ୍ୱ ବଜାରରେ ବଢ଼ିଚାଲିଛି ଅନିଶ୍ଚିତତା । ଏହାସହିତ ଭୂ-ରାଜନୈତିକ ସମସ୍ୟାରୁ ଆମେରିକା ଅର୍ଥନୀତି ମାନ୍ଦାବସ୍ଥା ଆଡ଼କୁ ଅଗ୍ରସର ହେଉଥିବା ଆଶଙ୍କା କରାଯାଉଛି । ଏହାରି ମଧ୍ୟରେ ନ୍ୟୁୟର୍କରେ ଫ୍ରି ଫୁଡ୍ ପାଇଁ ଲମ୍ବା ଲାଇନ ଦେଖିବାକୁ ମିଳିଛି। କେବଳ ଏତିକି ନୁହେଁ ୧୧ଜାର କିନ୍ତୁ ଏ ବର୍ଷ ଆମେରିକା ଅର୍ଥନୀତି ଏକ ମାନ୍ଦାବସ୍ଥା ଦେଖିବ ଅବା ନୁହେଁ ସେ ନେଇ କୌଣସି ବୟାନ ଦେବାକୁ ମନା କରିଦେଇଛନ୍ତି ରାଷ୍ଟ୍ରପତି ଟ୍ରମ୍ପ। ଫକ୍ସ ନ୍ୟୁଜର ଏକ ସାକ୍ଷାତକାରରେ ସେ କହିଲେ ଯେ, ଏଭଳି ପୂର୍ବାନୁମାନ କରିବାକୁ ମୁଁ ପସନ୍ଦ କରେନାହିଁ । ଏହା ଟ୍ରାଞ୍ଜିସନ ବା ପରିବର୍ତ୍ତନର ସମୟ । ଆମେ ଆମେରିକାକୁ ସମ୍ପତ୍ତି ଫେରାଇ ଆଣିବାକୁ ଉଦ୍ୟମ କରୁଛୁ । ଏଥିପାଇଁ କିଛି ସମୟ ଲାଗିବ । ଧୈର୍ଯ୍ୟହରା ହେବା ଉଚିତ ନୁହେଁ । ଏଭଳି କୌଣସି ପୂର୍ବାନୁମାନ ଉପରେ ବିଶ୍ୱାସ ନ କରିବା ପାଇଁ ଟ୍ରମ୍ପ ଆହ୍ୱାନ ଦେଇଛନ୍ତି । ଟ୍ରମ୍ପ ପ୍ରଶାସନର ଶୁଳ୍କ ଏବଂ ଅର୍ଥନୈତିକ ପଲିସିରେ କଡ଼ା ଆଭିମୁଖ୍ୟକୁ ନେଇ ନିବେଶକ ଚିନ୍ତିତ । ଏହା ଏକ ମାନ୍ଦାବସ୍ଥାକୁ ଡାକି ଆଣିବ ବୋଲି ଏମାନେ ଆଶଙ୍କା ପ୍ରକାଶ କରିଛନ୍ତି । ଟ୍ରମ୍ପ କ୍ଷମତାକୁ ଆସିବା ପରେ ବଡ଼ ବଡ଼ ବ୍ୟବସାୟିକ ସହଯୋଗୀଙ୍କ ସହ ଆମେରିକାର ଶୁଳ୍କ ବିବାଦ ବିଶ୍ୱର ସର୍ବବୃହତ୍ ଅର୍ଥନୀତି ପାଇଁ ମାନ୍ଦାବସ୍ଥା ଡାକିଆଣିବ ବୋଲି ଆଶଙ୍କା କରାଯାଉଛି । ସ୍ଥିତି ଏମିତି ହୋଇଛି ଯେ, ମାଗଣା ଖାଦ୍ୟ ପାଇଁ ରାସ୍ତାରେ ଲମ୍ବା ଲାଇନ୍ । ହଜାର ହଜାର ବ୍ୟାଙ୍କରେ ବି ଝୁଲୁଛି ତାଲା । ଏହା ଆମେରିକାର ଏପରି ଦୃଶ୍ୟ ଯାହା କେବଳ ସବୁଠାରୁ ଶକ୍ତିଶାଳୀ ଦେଶ ଆମେରିକାର ସ୍ମୃତିରେ ଥରି ଉଠେ। ନାହିଁ ବରଂ ବିଶ୍ୱର ଅନେକ ଦେଶ ମଧ୍ୟ ଭୟଭୀତ ହୋଇଯାଆନ୍ତି।

## ଭାରତକୁ ଧନ୍ୟବାଦ ଦେଲେ ଅୱାମୀ ଲିଗ୍ ନେତା
## 'ପ୍ରଧାନମନ୍ତ୍ରୀ ଭାବେ ଖୁବଶୀଘ୍ର ଫେରିବେ ଶେଖ ହସିନା'

ଢ଼ାକା, ୧୨।୩: ଶେଖ ହସିନା ପ୍ରଧାନମନ୍ତ୍ରୀ ଭାବେ ବାଂଲାଦେଶକୁ ଫେରିବେ। ଏପରି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଅୱାମୀ ଲିଗର ବରିଷ୍ଠ ନେତା ରବ୍ବି ଆଲମ। ହସିନାଙ୍କୁ ନିରାପଦ ଆଶ୍ରୟ ଦେଇଥିବାରୁ ସେ ଭାରତକୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି, ବାଂଲାଦେଶର ଯୁବପିଢ଼ି ଗୋଟିଏ ବଡ଼ ଭୁଲ କରିଛନ୍ତି। କିନ୍ତୁ ତାହା ସେମାନଙ୍କୁ ଭୁଲ ନୁହେଁ। ସେମାନଙ୍କୁ ଭୁଲ କରିବାକୁ ବାଧ କରାଯାଇଛି। ଆଲମ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ମହମ୍ମଦ ୟୁନୁସଙ୍କୁ ସେ ଇସ୍ତଫା ଦେଇ ଯେଉଁଠୁ ଆସିଛନ୍ତି ସେଠାକୁ ଚାଲିଯିବାକୁ କହିଛନ୍ତି। ହସିନା ଖୁବଶୀଘ୍ର ପ୍ରଧାନମନ୍ତ୍ରୀ ହୋଇ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରୁଥିବା ସେ କହିଛନ୍ତି। ଆଲମ ଆହୁରି କହିଛନ୍ତି ଯେ, ଦେଶରେ ରାଜନୈତିକ ଅଭ୍ୟୁଦୟ ହେବା ଭଲ। କିନ୍ତୁ ବର୍ତ୍ତମାନ ବାଂଲାଦେଶରେ ଯାହାସବୁ ହେଉଛି ତାହା ହେବା ଅନୁଚିତ। ଦେଶରେ ରାଜନୀତି ନୁହେଁ, ବରଂ ଆତଙ୍କବାଦୀଙ୍କ ଅଭ୍ୟୁଦୟ ହେଉଛି। ଆମର ଅନେକ ନେତା ଭାରତରେ ଆଶ୍ରୟ ନେଇଛନ୍ତି। ସେଥିଲାଗି ଆମେ ଭାରତ ସରକାରଙ୍କ ପ୍ରତି କୃତଜ୍ଞ। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାରତର ସମସ୍ତ ନାଗରିକଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି।

# ନଦୀ ନାଳ ନିକଟରେ ରହୁଥିବା ଲୋକମାନଙ୍କ ପ୍ରତି ରହିଛି କର୍କଟ ରୋଗ ବିପଦ: ଆଇସିଏମଆର
## ପାଣିରେ ସୀସା, ଲୁହା ଏବଂ ଆଲୁମିନିୟମର ଉଚ୍ଚ ସ୍ତର ଚିହ୍ନଟ



ନୂଆଦିଲ୍ଲୀ, ୧୨।୩: ଦେଶର ସର୍ବୋଚ୍ଚ ମେଡିକାଲ ପ୍ୟାନେଲ୍, ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ (ଆଇସିଏମଆର) ଦ୍ୱାରା ନିକଟରେ କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡିଛି ଯେ ନଦୀ ନାଳ ନିକଟରେ ରହୁଥିବା ଲୋକମାନେ କର୍କଟ ରୋଗରେ ପୀଡିତ ହେବାର ବିପଦର ସମ୍ମୁଖୀନ ହୁଅନ୍ତି। ଇଣ୍ଡିଆନ୍ ଏକାଡେମୀ ଅଫ୍ ସାଇନ୍ସରେ ପ୍ରକାଶିତ ଏହି ଅଧ୍ୟୟନରୁ ଜଣାପଡିଛି ଯେ ଏହି ଅଞ୍ଚଳଗୁଡ଼ିକରେ ବିପଦ ପରିମାଣ ନିରାପଦ ସୀମା ଅତିକ୍ରମ କରିଛି, ଯାହା ଗୁରୁତର ସ୍ୱାସ୍ଥ୍ୟ ଚିନ୍ତାର କାରଣ ହୋଇଛି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ନିର୍ଦ୍ଧାରିତ ଅନୁମୋଦିତ ସୀମା ଅତିକ୍ରମ କରିଥିବା ପାଣିରେ ସୀସା, ଲୁହା ଏବଂ ଆଲୁମିନିୟମର ଉଚ୍ଚ ସ୍ତର ଚିହ୍ନଟ ହୋଇଛି। କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ପ୍ରତାପରାଓ ଯାଦବ ମାର୍ଚ୍ଚ ୧୧ ରେ ରାଜ୍ୟସଭାରେ ଏକ ଲିଖିତ ଉତ୍ତରରେ ଏହା କହିଛନ୍ତି। ତେବେ ଲିଖିତ ବିବୃତ୍ତିରେ ଏହା ମଧ୍ୟ ପ୍ରକାଶ ପାଇଛି ଯେ କର୍କଟ ଚିକିତ୍ସାରେ ଉନ୍ନତି ଆଣିବା ପାଇଁ, କେନ୍ଦ୍ର ସରକାର ସ୍ୱାସ୍ଥ୍ୟସେବା ସୁବିଧାକୁ ସୁଦୃଢ଼ କରୁଛନ୍ତି। ଏହା ସହିତ ତୃତୀୟ ପକ୍ଷ କର୍କଟ ସୁବିଧା ଯୋଜନାକୁ ସୁଦୃଢ଼ କରିବା ଅଧୀନରେ, ୧୯ ରାଜ୍ୟ କର୍କଟ ପ୍ରତିଷ୍ଠାନ (ଏସସିଆଇ) ଏବଂ ୨୦ ତୃତୀୟ ପକ୍ଷ କର୍କଟ ଯତ୍ନ କେନ୍ଦ୍ର (ଟିସିସିସି) କୁ ଉନ୍ନତ ନିଦାନ ଏବଂ ଚିକିତ୍ସା ସେବା ପ୍ରଦାନ କରିବାକୁ ଅନୁମୋଦନ କରାଯାଇଛି। ହରିଆଣାର ଝଜ୍ଜରରେ ଥିବା ଜାତୀୟ କର୍କଟ ପ୍ରତିଷ୍ଠାନ ଏବଂ କୋଲକାତାର ଚିତ୍ତରଞ୍ଜନ ଜାତୀୟ କର୍କଟ ପ୍ରତିଷ୍ଠାନ ମଧ୍ୟ ଚିକିତ୍ସା ବୃଦ୍ଧି କରିବା ପାଇଁ ପ୍ରତିଷ୍ଠା କରାଯାଇଛି। ଏହା ବ୍ୟତୀତ, ସମସ୍ତ ୨୨ଟି ନୂତନ ଏମ୍ସ ହସ୍ପିଟାଲରେ ଚିକିତ୍ସା, ଶଲ୍ୟଚିକିତ୍ସା ଏବଂ ରେଡିଏସନ୍ ଅଙ୍କୋଲୋଜି ସେବା ପ୍ରଦାନ କରୁଥିବା ସମର୍ପିତ କର୍କଟ ଚିକିତ୍ସା କେନ୍ଦ୍ର ରହିବ। ଏହି ସେବା ପାଇଁ ଚିକିତ୍ସା ମାଗଣା କିମ୍ବା ଅବହେଳିତ ରୋଗୀଙ୍କ ପାଇଁ ଉଚ୍ଚ ସବସିଡିରେ କରାଯିବ। ସେପଟେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ପିଏମ-ଜୟ) କର୍କଟ ଚିକିତ୍ସା ପାଇଁ ଆର୍ଥିକ ସହାୟତା ପ୍ରଦାନ କରେ, ଯାହା ଦ୍ୱିତୀୟ ଏବଂ ତୃତୀୟ ସ୍ତରୀୟ ଚିକିତ୍ସା ପାଇଁ ପ୍ରତି ପରିବାରକୁ ବାର୍ଷିକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କଭର କରାଯାଉଛି । ସରକାରୀ ତଥ୍ୟ ଅନୁଯାୟୀ, ଏହି ଯୋଜନା ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗର ୫୫ କୋଟି ଲୋକଙ୍କୁ (୧୨.୩୭ କୋଟି ପରିବାର) ଉପକୃତ କରେ। ସମ୍ପ୍ରତି, ଆୟ ନିର୍ବିଶେଷରେ ୭୦ ବର୍ଷ ଏବଂ ତଦୁର୍ଦ୍ଧ୍ୱ ବୟସର ସମସ୍ତ ବରିଷ୍ଠ ନାଗରିକଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ଯୋଜନାକୁ ବିସ୍ତାର କରାଯାଇଛି। ପିଏମ-ଜୟ କର୍କଟ ଚିକିତ୍ସା ସହିତ ଜଡିତ ୫୦୦ ରୁ ଅଧିକ ପ୍ରକ୍ରିୟାକୁ କଭର କରେ। କମ ମୂଲ୍ୟରେ ଜେନେରିକ୍ ଔଷଧ ଯୋଗାଇବା ପାଇଁ ୧୫,୦୦୦ ରୁ ଅଧିକ ଜନୌଷଧି କେନ୍ଦ୍ର ସ୍ଥାପନ କରାଯାଇଛି। ଏହି ଯୋଜନା ଅଧୀନରେ ପ୍ରାୟ ୮୭ଟି କର୍କଟ ରୋଗ ସମ୍ବନ୍ଧୀୟ ଔଷଧ ଉପଲବ୍ଧ। ସୁଗମ ଔଷଧ ଏବଂ ଚିକିତ୍ସା ପାଇଁ ନିର୍ଭରଯୋଗ୍ୟ ପ୍ରତିରୋପଣ (ଅମ୍ରିତ) ଯୋଜନା ଅଧୀନରେ, ୨୯ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ୨୨୨ ଟି ଅମ୍ରିତ ଫାର୍ମାସୀ ୫୦% ପର୍ଯ୍ୟନ୍ତ ରିହାତିରେ ଔଷଧ ପ୍ରଦାନ କରନ୍ତି। ସରକାର ଅଣ-ସଂକ୍ରମିତ ରୋଗ ନିବାରଣ ଏବଂ ନିୟନ୍ତ୍ରଣ ପାଇଁ ଜାତୀୟ କାର୍ଯ୍ୟକ୍ରମ (ଏନପିଏନସିଡି) ଅଧୀନରେ ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ ଏବଂ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ କର୍କଟ ରୋଗକୁ ରୋକିବା ପାଇଁ ମଧ୍ୟ କାର୍ଯ୍ୟ କରୁଛନ୍ତି। ଏପର୍ଯ୍ୟନ୍ତ, ୭୭୦ଟି ଜିଲ୍ଲା ଏନସିଡି କ୍ଲିନିକ୍ ଏବଂ ସାମୁଦାୟିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ୬,୪୧୦ଟି ଏନସିଡି କ୍ଲିନିକ୍ ସ୍ଥାପନ କରାଯାଇଛି।

## ନୂଆ ମୁହାଁଣ ଖୋଳିବାକୁ ନେଇ ଦୁଇ ଗ୍ରାମବାସୀ ମୁହାଁମୁହିଁ: ୪୦ ଅଟକ

ବ୍ରହ୍ମପୁର(ନିପ୍ର): ଗଞ୍ଜାମ ଜିଲ୍ଲା ଚିକିଟି ବ୍ଲକ ରାମେୟାପାଟଣା ଏବଂ କୁତୁରୁ ଗ୍ରାମବାସୀ ମୁହାଁମୁହିଁ ହୋଇଛନ୍ତି । ନୂଆ ମୁହାଁଣ ଖୋଳିବାକୁ ନେଇ ଦୁଇ ଗାଁ ମୁହାଁମୁହିଁ ହୋଇଥିଲେ । ନୂଆ ମୁହାଁଣ ଖୋଳା ଓ ପୋତାକୁ ନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିଥିଲା । ଗ୍ରାମବାସୀ ମୁହାଁଣ ଖୋଳିଥିବା ବେଳେ କତୁରୁ ଗ୍ରାମବାସୀ ତାହାକୁ ପୋତି ଦେଲେ । ଫଳରେ ଯାହାକୁ ନେଇ ଉଭୟ ଗ୍ରାମବାସୀଙ୍କ ମଧ୍ୟରେ ମାରପିଟ ଆରମ୍ଭ ହୋଇଯାଇଥଲା । ଏହି ବିବାଦ ସମାଧାନ କରିବା ପାଇଁ ପୋଲିସ, ପ୍ରଶାସନ ବିଫଳ ହୋଇଥିବା ବେଳେ ଦୁଇ ଗୋଷ୍ଠୀ ହଣାକଟା ସଂଘର୍ଷରେ ୫ଜଣ ଆହତ ହୋଇଥିଲେ । ଏହି ମାମଲାରେ ଉଭୟ ଗାଁର ୪୦ ଜଣଙ୍କୁ ବୁଧବାର ଗୋଳନ୍ଥରା ପୋଲିସ ଗିରଫ କରିଛି । ରାମେୟା ପାଟଣା ଗ୍ରାମର ୨୧ ଜଣ ଓ କତୁରୁ ଗ୍ରାମର ୧୯ ଜଣ ଗିରଫ ହୋଇଥିବା ବ୍ରହ୍ମପୁର ଏସପି ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି । ଉଭୟ ଗ୍ରାମରେରେ ବିଏନଏସ ୧୬୩ ଧାରା ଲାଗୁ ହେବା ସହ ଓ ୩ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିବା ମଧ୍ୟ ଏଥିରେ ସୂଚନା ଦିଆଯାଇଛି । ପରିସ୍ଥିତି ବର୍ତ୍ତମାନ ନିୟନ୍ତ୍ରଣାଧୀନ ଥିବା କୁହାଯାଇଛି ।

## ଇନଷ୍ଟାଗ୍ରାମରେ ଫୋଟ ପୋଷ୍ଟକୁ କେନ୍ଦ୍ର କରି ମାଆ ଝିଅଙ୍କୁ ମରଣାନ୍ତକ ଆକ୍ରମଣ



ଆସିକା(ନିପ୍ର): ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ଅନ୍ତର୍ଗତ ପୁଟୁ ଗ୍ରାମରେ ଇନଷ୍ଟାଗ୍ରାମରେ ଫୋଟ ପୋଷ୍ଟ ଓ ମିସ କଲ ମରାକୁ କେନ୍ଦ୍ରକରି ମା-ଝିଅଙ୍କୁ ଧାରୁଆ ଅସ୍ତ୍ରରେ ମରଣାତ୍ମକ ଆକ୍ରମଣ ହୋଇଛି । ଗୁରୁତର ଅବସ୍ଥାରେ ପ୍ରଥମେ ଆସିକା ଉପଖଣ୍ଡ ଚିକିତ୍ସାଳୟ ଓ ପରେ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ପ୍ରକାଶ ଥାଉକି ଧରାକୋଟ ଥାନା ଅଧୀନ ପୁଟୁଗ୍ରାମର ଦଣ୍ଡାସୀ ସାହିର ଦେବରାଜ ନାୟକଙ୍କ ଝିଅ ଲିଜା ରାଣୀ ନାୟକ(୧୯)କୁ ଗ୍ରାମର ମଙ୍ଗୁଲୁ ନାୟକ ମଙ୍ଗଳବାର ରାତିରେ ୯ ଥର ଫୋନ କଲ କରିଥିଲା । ଉକ୍ତ ଯୁବକ ଇନଷ୍ଟାଗ୍ରାମରେ ଫେକ ଆଇଡି ଖୋଲି ଝିଅର ଫଟୋ ଓ ମୋବାଇଲ୍ ନମ୍ବର ପୋଷ୍ଟ କରିଥିଲେ । ଏହି ଘଟଣାକୁ ନେଇ ବୁଧବାର ସକାଳେ ଦେବରାଜଙ୍କ ପରିବାର ଓ ମଙ୍ଗୁଲୁ ନାୟକ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ଏଥିରେ ଉତ୍କ୍ଷିପ୍ତ ହୋଇ ମଙ୍ଗୁଲୁ ଦେବରାଜଙ୍କ ସ୍ତ୍ରୀ ବଙ୍ଗାଳି ନାୟକ (୪୫) ଝିଅକୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିବା ଘଟଣା ଦେବରାଜ ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି । ଏନେଇ ଥାନାରେ କୌଣସି ଅଭିଯୋଗ କରାଯାଇନଥିଲା ଅନ୍ୟପଟେ ସନ୍ଦେହରେ ଉକ୍ତ ଯୁବକକୁ ପୋଲିସ ଅଟକ ରଖିଛି ।

## କଟକ ସହରାଞ୍ଚଳରେ ୧୦୯ ଗୃହରକ୍ଷୀ ପଦବୀ ଚୟନ ନିମନ୍ତେ ଦରଖାସ୍ତ ଆହ୍ୱାନ

କଟକ(ନିପ୍ର): କଟକ ସହରାଞ୍ଚଳରେ ଖାଲି ପଡ଼ିଥିବା ୧୦୯ଟି ଗୃହରକ୍ଷୀ ସାଧାରଣ ପଦବୀ ଚୟନ ନିମନ୍ତେ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଆହ୍ୱାନ କରାଯାଉଛି । ଆବେଦନକାରୀ କଟକ ସହରାଞ୍ଚଳ ପୋଲିସ ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବେ । ଆବେଦନକାରୀଙ୍କ ବୟସ ୦୧.୦୧.୨୦୨୫ ସୁଦ୍ଧା ୨୦ ବର୍ଷରୁ କର୍ମ ଓ ୬୦ ବର୍ଷରୁ ଅଧିକ ହୋଇନଥିବ । ସେ ପଂଚମ ଶ୍ରେଣୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ । ସେ ଓଡ଼ିଆ ଭାଷାରେ କହିବା, ପଢ଼ିବା ଓ ଲେଖିବା ଜାଣିଥିବା ଆବଶ୍ୟକ । ଆବେଦନ କାରୀଙ୍କ ନାମରେ କୌଣସି ଫୌଜଦାରୀ ମକୋଦ୍ଦମାରେ ସଂପୃକ୍ତ ନଥିବେ, ତାଙ୍କର କୌଣସି ଜଟିଳ ସ୍ୱାସ୍ଥ୍ୟଗତ ସମସ୍ୟା ନଥିବ । ଡ୍ରାଇଭିଙ୍ଗ, କମ୍ପ୍ୟୁଟର ଡାଟା ଏଣ୍ଟି, ହାର୍ଡ଼ୱେୟାର, ରୋଷେଇଆ, ଭଣ୍ଡାରୀ ଓ ମାଳି ଆଦି କାର୍ଯ୍ୟ କ୍ଷେତ୍ରରେ ଅଭିଜ୍ଞତା ଥିବା ଆବେଦନକାରୀମାନଙ୍କୁ ଅଗ୍ରାଧିକାର ଦିଆଯିବ । ଏହି ପଦବୀରେ ଆବେଦନ କରିବା ନିମନ୍ତେ ଆବେଦନ ଫର୍ମ ନିକଟସ୍ଥ ଥାନା, ଫାଣ୍ଡି, ଦୁର୍ଗପତି ସହରାଞ୍ଚଳ, କଟକଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ହେବ । ଆବେଦନକାରୀ ଫର୍ମ ଏ ପୂରଣ କରି ଜିଲ୍ଲା ଗୃହରକ୍ଷୀ ମୁଖ୍ୟ କାର୍ଯ୍ୟାଳୟ କଟକ ସହରାଞ୍ଚଳରେ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଦାଖଲ କରିବାକୁ କୁହାଯାଇଛି ।

## କ୍ଷୋଭ ପ୍ରକାଶ କଲେ ସାଂସଦ ଦେବାଶିଷ ସାମନ୍ତରାୟ

କଟକ(ନିପ୍ର): ଓଡ଼ିଶାରେ ପଂଚାୟତରାଜ ବ୍ୟବସ୍ଥାର ପ୍ରଣେତା ଥିଲେ ବିଜୁବାବୁ । ବିଜୁବାବୁଙ୍କ ଜୟନ୍ତୀ ଛୁଟି ଦିବସ ବୋଲି ସରକାରୀ କ୍ୟାଲେଣ୍ଡରରେ ମଧ୍ୟ ଉଲ୍ଲେଖ ରହିଛି । ଏହା ପରେ ବି ଚଳିତ ବର୍ଷ ଓଡ଼ିଶା ସରକାର ତାହା ପାଳନ କଲେ ନାହିଁ । ଏଭଳି କଥା ସଂସଦରେ ଉଠାଇଛନ୍ତି ବିଜେଡ଼ି ସାଂସଦ ଦେବାଶିଷ ସାମନ୍ତରାୟ । ଦେବାଶିଷ ସଂସଦରେ କ୍ଷୋଭ ପ୍ରକାଶ କରିବା ସହ ଓଡ଼ିଶା ସରକାରଙ୍କୁ ମଧ୍ୟ ଟାର୍ଗେଟ କରିଛନ୍ତି । ଦେବାଶିଷ କହିଛନ୍ତି ଯେ, ପୂର୍ବରୁ ବିଜୁ ଜୟନ୍ତୀରେ ସରକାରୀ ଭାବେ ପଂଚାୟତରାଜ ଦିବସ ପାଳିତ ହେଉଥିଲା । କିନ୍ତୁ ସରକାର ବଦଳିବା ପରେ, ପୂର୍ବ ନିଷ୍ପତ୍ତି ମଧ୍ୟ ବଦଳି ଯାଇଛି । ଯାହା ଓଡ଼ିଶା ସରକାରଙ୍କ ହୀନମନ୍ୟତାର ପ୍ରମାଣ ବୋଲି ରାଜ୍ୟସଭାରେ ସାଂସଦ ଶ୍ରୀ ସାମନ୍ତରାୟ କହିଛନ୍ତି ।

## ଦୋକାନ ତାଲା ଭାଙ୍ଗି ଚୋରି, ୫ ଗିରଫ

ଭୁବନେଶ୍ୱର(ନିପ୍ର): ଦୋକାନ ତାଲା ଭାଙ୍ଗି ଚୋରି କରିବା ଅଭିଯୋଗରେ ଇନଫୋସିଟି ଥାନା ପୁଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ସୁନ୍ଦରପଦାରେ ରହୁଥିବା ପ୍ରତ୍ୟୁଷ ପ୍ରଭାସିନ୍ଧୁ, ଧିରୀକୁଟି ବସ୍ତିର ଶିବ ପ୍ରସାଦ ବେହେରା ଓ ଦୀପକ ନାୟକ । ପୁଲିସ ଏମାନଙ୍କ ବିରୋଧରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି । ସୂଚନା ଯୋଗ୍ୟ ଯେ, ଅଭିଯୋଗକାରୀ ଜନ୍ମେଜୟ ମିଶ୍ରଙ୍କ କାନନବିହାର ଠାରେ ଥିବା କମ୍ପେଶ୍ୱର ମନ୍ଦିର ନିକଟରେ ଏକ ପୂଜା ସାମଗ୍ରୀ ଦୋକାନ ଅଛି । ଗତ କାଲି ବିଳମ୍ବିତ ରାତିରେ ତିନି ଅଭିଯୁକ୍ତ ଉକ୍ତ ଦୋକାନର ତାଲା ଭାଙ୍ଗି ୫୦୦୦ ଟଙ୍କା ସହିତ ଅନ୍ୟାନ୍ୟ ପୂଜା ସାମଗ୍ରୀ ସବୁକୁ ଚୋରୀକରି ନେଇଯାଇଥିଲେ । ଏହା ବ୍ୟତୀତ ପାର୍ଶ୍ୱ ଦୋକାନର ତଲାଗୁଡିକୁ ମଧ୍ୟ ଅଭିଯୁକ୍ତ ମାନେ ଭାଙ୍ଗି ଦେଇଥିଲେ । ଦୋକାନରୁ ଚୋରୀ ହୋଇଥିବା ଜାଣିବା ପରେ ଅଭିଯୋଗକାରୀ ଏନେଇ ଥାନାରେ ଅଭିଯୋଗ କରିଥିଲେ । ଘଟଣାର ଅଭିଯୋଗ ପରେ ପୁଲିସ ମାମଲାର ତଦନ୍ତ କରୁଥିବା ବେଳେ, ତିନି ଅଭିଯୁକ୍ତ ପଟିଆ ଖେଳ ପଡିଆଠାରେ ଚୋରା ପୂଜା ସାମଗ୍ରୀ ସବୁକୁ ବିକ୍ରି କରିବା ଲାଗି ଗ୍ରାହକ ସନ୍ଧାନରେ ଥିବା ନେଇ, ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ । ମିଳିଥିବା ଏହି ସୂଚନା ଆଧାରରେ ପୁଲିସ ଘଟଣା ସ୍ଥଳରେ ଅତର୍କିତ ଚଢଉ କରି ଅଭିଯୁକ୍ତ ମାନଙ୍କୁ କାବୁ କରିବା ସହ ସେମାନଙ୍କ ହେପାଜତରୁ ପୂଜା ଲାଗି ଉଦ୍ଦିଷ୍ଟ ବିଭିନ୍ନ ତମ୍ବା ସାମଗ୍ରୀ, ୫ଟି ନଡିଆ ଏବଂ ଏକ ଟଙ୍କା ବାକ୍ସ ଜବତ କରିଥିଲେ । ଚୋରୀ ଟଙ୍କାକୁ ସେମାନେ ବ୍ୟକ୍ତିଗତ କାମରେ ଖର୍ଚ୍ଚ କରିଦେଇଥିବା କଥା ତଦନ୍ତ ସମୟରେ ଅଭିଯୁକ୍ତ ମାନେ ସ୍ୱୀକାର କରିଥିଲେ ।

## ବ୍ରାଉନସୁଗାର କାରବାରରେ ୫ ଗିରଫ

ଭୁବନେଶ୍ୱର(ନିପ୍ର): ବେଶ କିଛିଦିନ ହେଲା ବ୍ରାଉନସୁଗାର କାରବାର କରୁଥିବା ୫ଜଣଙ୍କୁ ଲକ୍ଷ୍ମୀସାଗର ପୁଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଡୁମୁଡୁମାର ସେକ ଗୁଲାମ ମହମ୍ମଦ, କେନ୍ଦ୍ରାପଡାର ଜ୍ୟୋତିରଂଜନ ବେହେରା, ଭଦ୍ରକର ରୋହିତ ଖାନ, ଚନ୍ଦକାର ବିଞ୍ଛୁନା ପ୍ରଧାନ ଓ ଲକ୍ଷ୍ମୀସାଗରର ନିବାଶ ଜେନା । ଏମାନଙ୍କ ବିରୋଧରେ ପୁଲିସ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି । ଏକ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଆଧାରରେ ଲକ୍ଷ୍ମୀସାଗର ଥାନାର ଏକ ସ୍ପେଶାଲ ଟିମ, ଥାନା ଅନ୍ତର୍ଗତ ସନ୍ତୋଷି ବିହାର ଗେଟ ନିକଟରେ ଅତର୍କିତ ଚଢଉ କରି ବେଆଇନ ବ୍ରାଉନ ସୁଗାର ଚାଲାଣ କରୁଥିବା ସମୟରେ ପାଂଚଜଣ ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ । ଛାନଭିନ ସମୟରେ ପୁଲିସ ଅଭିଯୁକ୍ତ ମାନଙ୍କ ହେପାଜତରୁ ମୋଟ ୫୦ ଗ୍ରାମ ଓଜନର ବ୍ରାଉନ ସୁଗାର, ୫ଟି ମୋବାଇଲ ଫୋନ, ଗୋଟିଏ ବୁଲେଟ ମୋଟରସାଇକେଲ, ଗୋଟିଏ କାର ଏବଂ ୨୦,୦୦୦ ଟଙ୍କା ଜବତ କରିଥିଲେ । ପଚରାଉଚରା ସମୟରେ ଅଭିଯୁକ୍ତମାନେ ଏହି ବେଆଇନ ବ୍ରାଉନସୁଗାର ବିକ୍ରୟ ନେଇ ନିଜର ଅପରାଧ ସ୍ୱୀକାର କରିଥିଲେ । ଏହି ଘଟଣାକୁ କେନ୍ଦ୍ରକରି ଲକ୍ଷ୍ମୀସାଗର ଥାନା ପୁଲିସ ଏକ ବେଆଇନ ବ୍ରାଉନ ସୁଗାର ବିକ୍ରୟ ଜନିତ ମାମଲା ରୁଜୁ କରିବା ସହିତ ନିମ୍ନୋକ୍ତ ଅଭିଯୁକ୍ତ ମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି ।

## ଦୁଇ ଝାଡଖଣ୍ଡ ଅପରାଧୀଙ୍କୁ ଏନ୍‌କାଉଣ୍ଟର





ରାଉରକେଲା(ନିପ୍ର): ଝାଡଖଣ୍ଡର ଦୁଇ ଅପରାଧି ରାଉରକେଲାର ବିଶ୍ରା ଥାନା ଅଞ୍ଚଳରେ ମାରଣାସ୍ତ୍ର ଧରି ଏକ ସ୍କର୍ପିଓରେ ବୁଲୁଥିବା ବେଳେ, ରାତି ୩ଟା ସମୟରେ ବିଶ୍ରା ପୁଲିସକୁ ଖବର ମିଳିଥିଲା । ସେହି ଦୁଇ ଜଣ ହେଲେ ଝାଡଖଣ୍ଡର ବେୟାଜ ଲଖୁଆ ଏବଂ ଅମିତ ଟପ୍ପୋ । ଏମାନଙ୍କ ବିରୁଦ୍ଧରେ ପୂର୍ବରୁ ରାଉରକେଲା ଜେଏମ୍ଏଫସି କୋର୍ଟରେ ଜିଆର୍ କେସ୍‌ର ନନ୍ ବେଲେବଲ୍ ୱାରେଣ୍ଟ ରହିଥିଲା । ଏମାନଙ୍କ ଭୟରେ କେହି ପାଟି ଖୋଲୁ ନଥିଲେ ଏବଂ ପୁଲିସକୁ ଖବର ଦେଉନଥିଲେ । ବିଶ୍ରା ଥାନା ଆଇଆଇସି ଖବର ପାଇ ନିଜ ପୁଲିସ୍ ଟିମ୍ ସହିତ ସେମାନଙ୍କୁ ଧରିବା ପାଇଁ ବାହାରିଥିଲେ । ଆଇଆଇସିଙ୍କ ପୁଲିସ୍ ଟିମ୍ ତୁଳସୀକାନି ଆଡକୁ ଯାଉଥିବା ସମୟରେ, ଅକ୍ଷୟଶୀଳା ଜଳ ପ୍ରପାତ ନିକଟରେ ଏକ ଧଳା ରଙ୍ଗର ସ୍କର୍ପିଓ ଯାହାର କି ରେଜିଷ୍ଟ୍ରେସନ ନମ୍ବର ଜେଏଚ୍୦୯ଏଜି ୮୫୬୭ ଥିଲା ତାହା ଅପରଆଡୁ ସେମାନଙ୍କ ଆଡକୁ ଦେଖିବାକୁ ପାଇଥିଲେ । ପୁଲିସ୍ ଟିମ୍ ସେମାନଙ୍କୁ ସତର୍କ ସୂଚନା ଦେଇ ଅଟକାଇବାକୁ ଚାହିଁବାରୁ, ସେମାନେ ପୁଲିସ୍ ଉପରକୁ ଗୁଳି ଚଳାଇଥିଲେ । ପୁଲିସ୍ ତତକ୍ଷଣାତ୍ ନିଜକୁ ଆୟତ୍ତ କରି ସେମାନଙ୍କୁ ଏନକାଉଣ୍ଟର କରିବା ଦ୍ୱାରା ଅପରାଧି ବେୟାଜ ଲଖୁଆ ଆହତ ହୋଇଥିବା ବେଳେ ଅମିତ୍ ଟପ୍ପୋ ନିଜକୁ ସମ୍ଭାଳି ନେଇ ପୁଲିସ୍ ହାତରେ ଧରାପଡ଼ିଥିଲା । ଝାଡଖଣ୍ଡ ଆନନ୍ଦପୁର ଥାନା ଅଞ୍ଚଳର ଏନକାଉଣ୍ଟରରେ ଆହତ ବେୟାଜ ଲଖୁଆ (୩୨)କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ପଶ୍ଚିମ ସିଂହଭୂମ ଜିଲ୍ଲାର ଅମିତ ଟପ୍ପୋକୁ ପୋଲିସ୍ କଷ୍ଟୋଡିକୁ ନିଆଯାଇଛି ବୋଲି ରାଉରକେଲା ପୁଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରିଛନ୍ତି ପଶ୍ଚିମାଞ୍ଚଳର ଡିଆଇଜି ବ୍ରିଜେଶ କୁମାର ରାୟ ଏବଂ ରାଉରକେଲା ଆରକ୍ଷୀ ଅଧୀକ୍ଷକ ନିତେଶ ୱାଧୱାନୀ । ଦୁଇ ଅପରାଧିଙ୍କ ଠାରୁ ସ୍କର୍ପିଓ ସହ ଗୋଟିଏ ୯ ଏମ୍ଏମ୍ ପିସ୍ତଲ ଓ ମାଗାଜିନ୍, ଦୁଇଟି ମୋବାଇଲ ଫୋନ୍ ଏବଂ ୪ଟି ଫାଙ୍କା ଗୁଳି କ୍ୟାଟ୍ରିଜ ଜବତ କରାଯାଇଛି । ବେୟସ୍ ଲଖୁଆ ନାମରେ ବିଶ୍ରା ଥାନାରେ ଦୁଇଟି କେସ୍ ଥିବାବେଳେ ଆନନ୍ଦପୁର ଓ ମନୋହରପୁର ଥାନାରେ ଗୋଟିଏ ଗୋଟିଏ କେସ୍ ରହିଛି । ସେହିପରି ଅମିତ ଟପ୍ପୋ ନାମରେ ବିଶ୍ରା ଥାନାରେ ଗୋଟିଏ କେସ୍ ଥିଲାବେଳେ ଆନନ୍ଦପୁର ଥାନାରେ ଦୁଇଟି କେସ୍ ରହିଛି ।

## ଦୁଇପୁଅଙ୍କୁ ବାପା ହତ୍ୟା କରିଥିବା ଘଟଣା: ୪ ଅଟକ

ଭାପୁର(ନିପ୍ର): ଭାପୁର ବ୍ଲକ ଧାନଚାଙ୍ଗଡ଼ା ଗ୍ରାମରେ ଗତ ରବିବାର ଦିନ ଏକ ସୁ-ଚିନ୍ତିତ ହତ୍ୟାକାଣ୍ଡ ଘଟିଯାଇଛି । ପ୍ରକାଶଯୋଗ୍ୟ ଯେ, ବାପା ପ୍ରକାଶ ମହାନ୍ତି(୪୪) ଦ୍ୱିତୀୟ ବିବାହ ପାଇଁ ପ୍ରସ୍ତୁତି ଚଳେଇଥିବା ବେଳେ ପ୍ରଥମ ସ୍ତ୍ରୀର ନାବାଳକ ଦୁଇ ପୁଅ ଏହାକୁ ବିରୋଧ କରିଥିଲେ । ଫଳରେ ପ୍ରେମରେ ଅନ୍ଧ ହୋଇଥିବା ପ୍ରକାଶର ଚଲା ବାଟରେ କଣ୍ଟା ସାଜିଥିବା ଦୁଇପୁଅଙ୍କୁ ହତ୍ୟା କରି ଝୁଲାଇ ଦେଇଥିଲା ଏବଂ ଦୁଇ ପୁଅ ଆତ୍ମହତ୍ୟା କରିଥିବାର ଅଭିନୟ କରିଥିଲା । ଦୁନିଆ ବିଷୟରେ କିଛି ଜାଣି ନଥିବା ଦୁଇ ନାବାଳକ କାହିଁକି ଆତ୍ମହତ୍ୟା କରିବେ ବୋଲି ସାଧାରଣରେ ପ୍ରଶ୍ନ ଉଠିଥିବା ବେଳେ ଥାନାରେ ଅଟକ ରହିଥିବା ପ୍ରକାଶକୁ ପୋଲିସର ପଚରାଉଚୁରା ଚାଲିଛି । ଏହି ହତ୍ୟା ଘଟଣାରେ ପ୍ରକାଶର ମା ସୌରୀ ମହାନ୍ତି, ଦାଦା ଯୋଗୀନଥ ମହାନ୍ତି, ଖୁଡି ଶୈଳବାଳା ମହାନ୍ତି ଏବଂ ନିଜେ ପ୍ରକାଶକୁ ପୋଲିସ ଅଟକ ରଖି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ପଞ୍ଚାନନ ପରିଡ଼ାଙ୍କ ଠାରୁ ପ୍ରକାଶ । ଏହି ସମ୍ବେଦନଶୀଳ ଖବରକୁ ନେଇ ଫତେଗଡ ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି ।

## ପରୀକ୍ଷା ଫର୍ମ ପୂରଣ ପାଇଁ ଛାତ୍ରଛାତ୍ରୀଙ୍କଠାରୁ ଚାନ୍ଦା ଆଦାୟ ଅଭିଯୋଗ

ବେଲଗୁଣ୍ଠା(ନିପ୍ର): ବେଲଗୁଣ୍ଠା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଛି ଅଧକ୍ଷାଙ୍କ ମନମାନି । ଅନୁଷ୍ଠାନର କୌଣସି କର୍ମଚାରୀଙ୍କ ସହ ରହୁନାହିଁ ସମନ୍ୱୟ । ଆଗକୁ ଯୁକ୍ତଦୁଇ ପ୍ରଥମ ବର୍ଷ ଛାତ୍ରୀମାନଙ୍କ ବାର୍ଷିକ ପରୀକ୍ଷା ଥିବା ବେଳେ ଅନୁଷ୍ଠାନ ଅଧକ୍ଷା ଛାତ୍ରଛାତ୍ରୀଙ୍କ ଠାରୁ ଜୋରଜବରଦସ୍ତ ପରୀକ୍ଷା ଫି ନାମରେ ଚାନ୍ଦା ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି । ସ୍ଥାନୀୟ ଅଭିଭାବକଙ୍କ ଅଭିଯୋଗ ପ୍ରକାରେ ଅନୁଷ୍ଠାନରେ ଛାତ୍ରଛାତ୍ରୀ ପ୍ରବେଶ କରିବା ସମୟରେ ସମସ୍ତ ପ୍ରକାର ଫି ଜମା କରାଯାଇଥିବା ନେଇ ରସିଦ୍ ପ୍ରଦାନ କରିଥାନ୍ତି । ପ୍ରଥମ ବର୍ଷ ପରୀକ୍ଷା ସମୟରେ



ଅନ୍ୟ କୌଣସି କଲେଜରେ ଛାତ୍ରଛାତ୍ରୀଙ୍କ ଠାରୁ ପରୀକ୍ଷା ଫି ଗ୍ରହଣ କରାଯାଉ ନଥିବା ବେଳେ ବେଲଗୁଣ୍ଠା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କିନ୍ତୁ ଅଧକ୍ଷା ପରୀକ୍ଷା ଫର୍ମ୍ ପୂରଣ ପାଇଁ ୫୫୦ ଟଙ୍କା ଲେଖାଏଁ ଚାନ୍ଦା ଧାର୍ଯ୍ୟ କରିଛନ୍ତି । ତେବେ ଏନେଇ ଅନୁଷ୍ଠାନର କୌଣସି କର୍ମଚାରୀ ଅବଗତ ନଥିବା ବେଳେ କୌଣସି ନିର୍ଦ୍ଧାରଣ ମଧ୍ୟ କରାଯାଇନାହିଁ । ଅଧକ୍ଷାଙ୍କର ଏହି ମନମାନି କାର୍ଯ୍ୟକୁ ଅନୁଷ୍ଠାନର କର୍ମଚାରୀ ମାନେ ବିରୋଧ କରିବା ପରେ ମଧ୍ୟ ଅଧକ୍ଷା ନିଜ ଜିଦ୍‌ରେ ଅଟଳ । ବୁଧବାର ଏନେଇ ସ୍ଥାନୀୟ ଅଭିଭାବକ ଏବଂ ଗଣମାଧ୍ୟମ ଅଧକ୍ଷାଙ୍କୁ ଘେରିଯିବା ପରେ ସେମାନଙ୍କ ପ୍ରଶ୍ନ ବାଣରେ ଅଧକ୍ଷା ମହୋଦୟା ଘାଇଲା ହୋଇଯାଇଥିଲେ । ପିଲାଙ୍କଠାରୁ ସଂଗ୍ରହ କରାଯାଉଥିବା ଚାନ୍ଦାରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଦରମା ଦିଆଯିବା ସହିତ କଲେଜର ଉନ୍ନୟନମୂଳକ କାର୍ଯ୍ୟକ୍ରମ ହେଉଥିବା ନେଇ ଅବାନ୍ତର ଯୁକ୍ତି କରିଥିଲେ । ପ୍ରକାଶ ଥାଉକି ୨୦୨୨ ପରଠାରୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦରମାରେ ମାତ୍ର ୩୦୦ ଟଙ୍କା ବୃଦ୍ଧି କରାଯାଇଥିବା ବେଳେ ଅନୁଷ୍ଠାନର ଉନ୍ନୟନ ନାମରେ କଲେଜରେ ମାଟି ମୁଠାଏ ମଧ୍ୟ ପଡ଼ିନଥିବା ଅଭିଯୋଗ ହୋଇଛି । ଅଧକ୍ଷା ମହୋଦୟା ଲଗାତାର ଭାବେ ଛାତ୍ରଛାତ୍ରୀଙ୍କୁ ଶୋଷଣ କରୁଥିବା ବେଳେ ବିଗତ ଦିନରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ମଧ୍ୟ ଦୁର୍ବ୍ୟବହାର କରିଥିବା ନଜିର୍ ରହିଛି । ଏନେଇ ସ୍ଥାନୀୟ ଅଭିଭାବକ ଅଧକ୍ଷାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

### ବିଧାୟକଙ୍କ ଦ୍ୱାରା ସେଚନାଳ ପୁନରୁଦ୍ଧାର ଭୂମିପୂଜା

## ୬୫୦ ମିଟର ଦୈର୍ଘ୍ୟ କେନାଲ ଶଯ୍ୟା ପାଇଁ ଖର୍ଚ୍ଚ ହେବ ୧ କୋଟି ୩୯ ଲକ୍ଷ

ଡେଲାଙ୍ଗ(ନିପ୍ର): ପୁରୀ ଜିଲ୍ଲା ଡେଲାଙ୍ଗ ଜଳ ସମ୍ପଦ ଉପଖଣ୍ଡ ଅଧୀନସ୍ଥ ବେନୁପଡା ମାଇନର କେନାଲର ପୁନଃରୁଦ୍ଧାର କାମକୁ ବିଧାୟକ ଆଶ୍ରିତ ପଟ୍ଟନାୟକ ବୁଧବାର ପୂର୍ବାହ୍ନ ୧୦ଟାରେ ଭୂପୁଜନ ପୂର୍ବକ ଶୁଭ ଉଦଘାଟନ କରିଛନ୍ତି । କେନାଲ ନିର୍ମାଣ ଆରମ୍ଭରୁ ଶେଷ ମୁଣ୍ଡ ବେନୁପଡା ଗ୍ରାମ ଧାନ ଜମିକୁ ଆଦୌ ଜଳ ପ୍ରବାହ ସମ୍ଭବ ହୋଇନଥିବା ସମସ୍ୟାର



ପ୍ରତିକାର ସ୍ୱରୂପ ଜଗଦଳପୁର ଶନି ମନ୍ଦିରଠାରୁ ମହତାବ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ଛଅ ଶହ ପଚାଶ ମିଟର କେନାଲ ଶଯ୍ୟା ଓ ଦୁଇ ପାର୍ଶ୍ୱ ବନ୍ଧ ସିମେଣ୍ଟ କଂକ୍ରିଟ ଲାଇନିଂ କରାଯିବା ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ୧ କୋଟି ୩୯ ଲକ୍ଷ ଟଙ୍କା ମଞ୍ଜୁର କରାଯାଇ ଟେଣ୍ଡର ମାଧ୍ୟମରେ ଠିକାଦାର ନିଯୋଜନ କରାଯାଇଛି । ତେବେ ବେନୁପଡା କେନାଲର ମୋଟ ଦୈର୍ଘ୍ୟ ଆଠ କିମି ଛଅ ଶହ ମିଟର ମଧ୍ୟରୁ ମଝିରେ ୬ଶହ ୫୦ ମିଟର କଂକ୍ରିଟ ଲାଇନିଂ ଦ୍ୱାରା ଜଳ ପ୍ରବାହ ସୁନିଶ୍ଚିତ ହେବ ବୋଲି ଯେଉଁ ଆଶ୍ୱାସନା ଦିଆଯାଇଛି, ସେଥିରେ ଚାଷୀମାନେ ଆଶଙ୍କା ପ୍ରକାଶ କରିଛନ୍ତି । ଏହି କେନାଲ ଖୋଳା ଆରମ୍ଭ ସମୟରେ ଭୂମିପତନ ନିର୍ଦ୍ଧାରଣ ତ୍ରୁଟିପୂର୍ଣ୍ଣ ରହିଥିବାରୁ କେନାଲ ରେ ଜଳ ପ୍ରବାହ ସମସ୍ୟା ଲାଗି ରହିଛି । ଉଚ୍ଚ ପତନରେ ଅବସ୍ଥିତ ବେନୁପଡ଼ା ଧାନ ଜମିକୁ ନିମ୍ନ ପତନରେ ଥିବା କେନାଲରୁ ପାଣି ଉଠିବାରେ ସମସ୍ୟା ରହୁଥିବାରୁ ଦୁଇ ପାର୍ଶ୍ୱ ବନ୍ଧକୁ ଅଧିକ ଉଚ୍ଚ କରାଯାଇ ଜଳ ଧାରଣ କ୍ଷମତା ବୃଦ୍ଧି କରାଗଲେ ଜଳ ପ୍ରବାହ ସୁନିଶ୍ଚିତ ହୋଇପାରିବ ବୋଲି ଚାଷୀମାନେ ମତ ପ୍ରକାଶ କରିଛନ୍ତି । ଏହି ପୁନଃରୁଦ୍ଧାର ପ୍ରକଳ୍ପ ପାଇଁ ୪୯ ଜଣ ଠିକାଦାର କୋଟେସନ ଦେଇଥିଲେ । ୧୫ ପ୍ରତିଶତ କମ ମୂଲ୍ୟରେ କାମ କରିବା ପାଇଁ ସର୍ବନିମ୍ନ କୋଟେସନ ଦେଇଥିବା ଠିକାଦାରଙ୍କ ମଧ୍ୟରେ ଧର୍ମଗୁଳା ପକାଯାଇ ଠିକାଦାର ନିଯୋଜନ ପ୍ରକ୍ରିୟା ସମ୍ପନ୍ନ ହୋଇଛି । ଡେଲାଙ୍ଗ ଜଳ ସମ୍ପଦ ଉପଖଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ ଅବସ୍ଥିତ ଏହି କେନାଲ ପୁନଃରୁଦ୍ଧାର ଭୂପୂଜନ କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ପଟ୍ଟନାୟକଙ୍କ ସହ ଜଳ ସମ୍ପଦ ଉପଖଣ୍ଡ ସହକାରୀ ନିର୍ବାହୀ ଯନ୍ତ୍ରୀ ତନୁଜ କିଶୋର ରାଉତ, ସହକାରୀ ଯନ୍ତ୍ରୀ ଶିଶିର କାନ୍ତ ସାହୁ, ନିତ୍ୟାନନ୍ଦ ବେହେରା, ସ୍ଥାନୀୟ ସମିତି ସଭ୍ୟା ସବିତା ରାଉତରାୟ, ଲଡୁ କିଶୋର ରାୟ, ସୁଧାଂଶୁ ଶେଖର ପରିଡା, ଶ୍ୱେତ ନାୟକ,ନିର୍ବାହୀ ଠିକାଦାର ସୂର୍ଯ୍ୟକାନ୍ତ ପରିଡା ପ୍ରମୁଖ ଉପସ୍ଥିତ ଥିଲେ । ଏଥିସହିତ ଶାସକ ଦଳର ସ୍ଥାନୀୟ କର୍ମକର୍ତ୍ତା ମାନେ ଉପସ୍ଥିତ ରହିଥିଲେ ।

### ବେଲଗୁଣ୍ଠା ତହସିଲ ଏବଂ ପୋଲିସ୍ ବାହିନୀର ମିଳିତ ଚଢ଼ାଉ

## ଦୁଇ ବେଆଇନ୍ ବାଲି ଟ୍ରାକ୍ଟର୍ ଜବତ



ବେଲଗୁଣ୍ଠା(ନିପ୍ର): ବିଭିନ୍ନ ବାଲି ଘାଟରୁ ବାଲି ବେଆଇନ୍ ଭାବେ ଚୋରା ଚାଲାଣ ହେଉଥିବା ନେଇ ବୁଧବାର ଅପରାହ୍ଣ ତିନି ଘଣ୍ଟା ସମୟରେ ବେଲଗୁଣ୍ଠା ତହସିଲଦାର୍ କଳାକୃଷ୍ଣ ପ୍ରଧାନଙ୍କ ସହ ତହସିଲ୍ କର୍ମଚାରୀ ଏବଂ ବେଲଗୁଣ୍ଠା ଥାନା ଅଧିକାରୀ ବନବିହାରୀ ପ୍ରଧାନଙ୍କ ସହ ଏସ୍ଆଇ ଅଭୟ ପ୍ରଧାନ, ନାରାୟଣ ନାୟକ, ଏଏସ୍ଆଇ ଜ୍ୟୋସ୍ନା ପ୍ରଧାନଙ୍କ ସମେତ ପୋଲିସ୍ ବାହିନୀ ମିଳିତ ଭାବେ ବିଭିନ୍ନ ବାଲି ଘାଟରେ ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ ନୂଆଁଗାଁ ନିକଟରେ ବେଆଇନ୍ ଭାବେ ବାଲି ବୋଝେଇ ହେଉଥିବା ଏକ ବାଲି ଟ୍ରାକ୍ଟର୍‌କୁ ଜବତ କରି ଡ୍ରାଇଭରକୁ ଗିରଫ କରି ଏକ ମାମଲା ରୁଜୁ କରିଥିଲେ । ସେହିପରି ମଙ୍ଗଳପୁର ନିକଟରେ ଏକ ଅନ୍ୟ ଏକ ବାଲି ଟ୍ରାକ୍ଟରକୁ ଜବତ କରି ତାହାର ଡ୍ରାଇଭରକୁ ଗିରଫ କରି ଅନ୍ୟ ଏକ ମାମଲା ରୁଜୁ କରିଥିଲେ । ଉଭୟ ଡ୍ରାଇଭରକୁ କୋର୍ଟଚାଲାଣ କରାଯାଇଥିବା ବେଲଗୁଣ୍ଠା ଥାନା ଅଧିକାରୀ ବନବିହାରୀ ପ୍ରଧାନ ସୂଚନା ଦେଇଛନ୍ତି । ପ୍ରକାଶ ଥାଉକି କିଛି ଦିନ ହେବ ବିଭିନ୍ନ ରାଜ୍ୟରେ ବେଧଡ଼କ ଭାବେ ବାଲି ଚୋରାଚାଲାଣ ହେବା ନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ବେଲଗୁଣ୍ଠା ପୋଲିସ୍ ପ୍ରଶାସନ ପକ୍ଷରୁ ମଧ୍ୟ ଚଢ଼ାଉ କରାଯାଇଥିଲା ।

### ବାଲି ମାଫିଆଙ୍କ ଖେଳ: ଆସିକା ପାଇଁ କାଳ

## ସ୍ଥିତି ହରାଇବାକୁ ବସିଲାଣି ଦୁଇ ନଦୀ

ଆସିକା(ନିପ୍ର): ଆସିକା ସହର ଦେଇ ପ୍ରବାହିତ ଗଞ୍ଜାମ ଜିଲ୍ଲା ତଥା ଆସିକାର ଜୀବନରେଖା କୁହାଯାଉଥିବା ଋଷିକୁଲ୍ୟା ଓ ବଡ଼ନଦୀର ଚିତ୍ର ସମ୍ପୂର୍ଣ ବଦଳିଯାଇଛି । ବିଗତ କିଛି ବର୍ଷ ତଳେ ଋଷିକୂଲ୍ୟା ଓ ବଡ଼ ନଦୀର ଅବବାହିକାରେ ଆସିକା ତଥା ଆଖ ପାଖ ଅଞ୍ଚଳବାସୀ କୃଷି ଠାରୁ ଆରମ୍ଭ କରି ପାନୀୟ ଜଳ ସବୁ କାର୍ଯ୍ୟରେ ଏହାର ଜଳ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ଗତ କିଛି ବର୍ଷ ହେବ ସରକାର ରାଜସ୍ୱ ବୃଦ୍ଧି ଲକ୍ଷ୍ୟରେ ଏହି ଦୁଇ ନଦୀକୁ ବାଲି ନିଲାମ କରିଥିଲେ । କିନ୍ତୁ ବାଲି ମାଫିଆମାନେ ଏହାର ସୁଯୋଗ ନେଇ ମେସିନ ଦ୍ୱାରା ଦୈନିକ ଶହ ଶହ ଗାଡି ବାଲି ଜିଲ୍ଲା ତଥା ରାଜ୍ୟ ବାହାରକୁ ଚାଲାଣ ଚଳାଇଛନ୍ତି । ଯାହାଦ୍ୱାରା ବାଲି ସରିଗଲାଣି ଓ ମାଟି ଦିଶିଲାଣି । ତେଣୁ ବର୍ତ୍ତମାନ ଋଷିକୂଲ୍ୟା ଓ ବଡ଼ନଦୀ କାଶତଣ୍ଡୀପୂର୍ଣ୍ଣ ହୋଇଗଲାଣି । ମାଫିଆମାନେ ବାଲି ଚାଲାଣ ପାଇଁ ବିଭିନ୍ନ ସମୟରେ ନଦୀବନ୍ଧ କାଟିଦେବା ଯୋଗୁଁ ରାସ୍ତା ଓ ନଦୀବନ୍ଧ ନଷ୍ଟ ସାଙ୍ଗକୁ ପ୍ରତି ମୁହୂର୍ତ୍ତରେ ଆସିକା ସହରକୁ ଏବେ ବନ୍ୟାର ଭୟ ଘାରିବାରେ ଲାଗିଛି । ଏଭଳି ସ୍ଥିତି ଲାଗି ରହିଲେ ଉଭୟ ନଦୀ ନିଜର ସତ୍ତା ହରାଇବେ ବୋଲି ପରିବେଶବିତ୍ ମତବ୍ୟକ୍ତ କରିଛନ୍ତି । ପ୍ରକାଶ ଥାଉକି ସରକାରୀ ଖାତାରେ କେଉଁ ଘାଟରୁ କେତେ ପରିମାଣର ବାଲି ଉତ୍ତୋଳନ କରାଯିବ ତାହା ସ୍ପଷ୍ଟ ଭାବେ ଲିଖିତ ଅଛି କିନ୍ତୁ ପ୍ରକୃତ ତଥ୍ୟ ସମ୍ପୂର୍ଣ୍ଣ ଅଲଗା । ଲିଜ ରହୁଛି ଗୋଟିଏ ସ୍ଥାନରେ କିନ୍ତୁ ଉତ୍ତୋଳନ ହେଉଛି ଲିଜ ସ୍ଥାନରୁ ୨ରୁ ୩ କିଲୋମିଟର ପର୍ଯ୍ୟନ୍ତ । ୧୯୯୦ ବନ୍ୟା ପରେ ଉଭୟ ନଦୀ ଉପରେ ନିର୍ମାଣ ହୋଇଥିବା ସେତୁକୁ ଦେଖିଲେ ସ୍ପଷ୍ଟ ପ୍ରମାଣିତ ହୋଇଯିବ । କାରଣ ଉକ୍ତ ସେତୁ ନିର୍ମାଣ ବେଳେ ସ୍ୱାନ୍ ନଦୀ ଉପରେ ଯେଉଁ ଉଚ୍ଚତାରେ ଥିଲା, ଏବେ ସେହି ଉଚ୍ଚତା ବାଲି ଚାଲାଣ ଯୋଗୁଁ ତିନିମିଟର ଅଧିକ ବଢ଼ିଯାଇଛି । ଧୀରେ ଧୀରେ ନଦୀ ଗଭୀର ହେବାରୁ ଆଉ କେନାଲ୍‌କୁ ଆବଶ୍ୟକ ପାଣି ମିଳୁନି । ଯାହାଦ୍ୱାରା ଚାଷ କାର୍ଯ୍ୟ ବାଧା ପ୍ରାପ୍ତ ହେଉଛି । ସବୁଠୁ ଚିନ୍ତାର ବିଷୟ ହେଉଛି, ଉଭୟ ନଦୀରେ ବାଲି କମିବାରେ ଲାଗିଛି । ଉନ୍ନତମାନର ମେସିନ୍ ବ୍ୟବହାର କରି ପ୍ରତିଦିନ ହଜାର ହଜାର ଘନମିଟର ବାଲି ଉତ୍ତୋଳନ ଜାରି ରହିଛି । ନଦୀ ଦୁଇଟିରେ ପୋଖରୀ ଭଳି ଗାତ ଖୋଳାଯାଇଛି । ବୁଦ୍ଧିଜୀବୀଙ୍କ କହିବାନୁସାରେ, ଡ୍ରୋନ୍ କ୍ୟାମେରାରେ ଏହି ଦୁଇ ନଦୀର ଫଟୋ ଉତ୍ତୋଳନ କଲେ ସମଗ୍ର ଋଷିକୁଲ୍ୟା ନଦୀ ଓ ବଡ଼ନଦୀରୁ ମାଫିଆ ମାନେ ୩ରୁ ୫ ମିଟର ଗଭୀର ବାଲି ଲୁଟି ନେଇଥିବା ସରକାର ଜାଣିପାରିବେ । ଲିଜଧାରୀ ନକଲି ଫର୍ମର ସାହାର ନେଉଥିବା ବେଳେ ବିନା ଲିଜଧାରୀମାନେ ବେଫିକର୍ ଭାବେ ଦିନରାତି ବାଲି ଉତ୍ତୋଳନ କରୁଛନ୍ତି । କିନ୍ତୁ ପ୍ରଶାସନ ସବୁ ଦେଖି ବି ନିରବଦ୍ରଷ୍ଟା ସାଜିଛି । ପୂର୍ବରୁ ରାଜସ୍ୱ ବିଭାଗ ଅଧୀନରେ ବାଲି ସୈରାତ୍ ଥିବା ବେଳେ ବର୍ତ୍ତମାନ ଲଘୁ ଖଣିଜ ସମ୍ପଦ ବିଭାଗ ଅଧୀନରେ ରହିଛି । ଲଘୁ ଖଣିଜ ବିଭାଗର ନିଷ୍କ୍ରିୟତା ମାଫିଆମାନଙ୍କ ପାଇଁ ପୁଷମାସ ପାଲଟିଛି । ଧରପଗଡ଼ କେବଳ କାଗଜପତ୍ରରେ ସୀମିତ । ପୁଲିସ ଓ ତହସିଲ କେବଳ କାଁଭାଁ ଟ୍ରାକ୍ଟର ଜବତ କରୁଛି । ରାଜ୍ୟ ସରକାର ଏଥିପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଋଷିକୁଲ୍ୟା ଓ ବଡ଼ନଦୀକୁ ବଞ୍ଚାଇବା ଲାଗି ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ଓ ଋଷିକୂଲ୍ୟା ବଞ୍ଚାଓ ମଞ୍ଚ ମତପ୍ରକାଶ କରିଛି । ନଚେତ୍ ଆଗାମୀ ପିଢ଼ି ପାଇଁ ନଦୀରେ ବାଲି ଦେଖିବା ସ୍ୱପ୍ନ ପାଲଟିବ ଓ ଏହି ଦୁଇ ନଦୀ ତାର ସତ୍ତା ହରାଇବା ସହ ଆସିକାବାସୀ ବନ୍ୟା ଆସିଲେ ନିଶ୍ଚିତ ବନ୍ୟା ଜଳ ଦ୍ୱାରା ପ୍ରଭାବିତ ହେବେ ।

## ପାଗଳ ଷଣ୍ଢର ଉତ୍ପାତ: ଜଣେ ମୃତ, ୩ ଆହତ



ପିପିଲି(ନିପ୍ର): ପିପିଲି ଚନ୍ଦ୍ରାଦେଇପୁର ଗାଁରେ ପାଗଳ ଷଣ୍ଢର ଆତଙ୍କ ଦେଖିବାକୁ ମିଳିଛି । ଗାଁର ବାହାରେ ବିଲ ବାଡ଼ିରେ ଯୁଆଡେ ଯାହାକୁ ଦେଖିଲା ଗୋଡେଇ ଗୋଡେଇ ମାରିଲା । ଏହାରି ଭିତରେ ଗାଁ ଭିତରେ ଜଣକୁ ମାରି ସାରିଥିବା ବେଳେ ୩ରୁ ଅଧିକ ଲୋକେ ଗୁରୁତର ଆହତ ହୋଇଛନ୍ତି । ଷଣ୍ଢକୁ କାବୁ କରିବାକୁ ନାକେଦମ ହୋଇଥିଲେ ପିପିଲି ଅଗ୍ନିଶମ ବିଭାଗ । ବଡ଼ ବଡ଼ ରସି ଧରି ଅଗ୍ନିଶମ ବିଭାଗର କାବୁ କରିବାକୁ ପ୍ରୟାସ ଜାରି କରି ଶେଷରେ ଆୟତ କରିଛନ୍ତି । ପାଗଳ ଷଣ୍ଢ ଭୟରେ ଘର ବାହାରକୁ ଲୋକେ ବାହାରୁ ନଥିବା ବେଳେ କୌଣସି ପାଗଳ କୁକୁର କିମ୍ବା ବିଷାକ୍ତ ସାପ କାମୁଡି ଥିବା ଜଣାପଡୁଛି । ଷଣ୍ଢକୁ ଆୟତ କରି ପଶୁ ସମ୍ପଦ ବିଭାଗ ଚିକିତ୍ସା ଜାରି ରଖିଛି ।

# ଶୁଭମନଙ୍କୁ ଫେବୃଆରିର ଶ୍ରେଷ୍ଠ ଖେଳାଳି ଘୋଷଣା କଲା ଆଇସିସି



**ନୂଆଦିଲ୍ଲୀ, ୧୨/୩:** ଭାରତୀୟ ଦଳର ଷ୍ଟାର ବ୍ୟାଟ୍ସମ୍ୟାନ୍ ଶୁଭମନ ଗିଲ୍ ୨୦୨୫ ଫେବ୍ରୁଆରି ପାଇଁ ଆଇସିସି ମାସର ଶ୍ରେଷ୍ଠ ଖେଳାଳି (ପ୍ଲେୟର ଅଫ ମନ୍ଥ) ଭାବେ ମନୋନୀତ ହୋଇଛନ୍ତି । ସେ ଏହି କ୍ଷେତ୍ରରେ ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ୍ ଓ ନ୍ୟୁଜିଲାଣ୍ଡର ଗ୍ଲେନ୍ ଫିଲିପ୍ସଙ୍କୁ ପଛରେ ପକାଇ ଏହି ପୁରସ୍କାର ହାସଲ କରିଛନ୍ତି । ଆଇସିସି ପକ୍ଷରୁ ଶୁଭମନ ଗିଲଙ୍କୁ ତୃତୀୟ ଥର ପାଇଁ ଏହି ପୁରସ୍କାର ପାଇଁ ମନୋନୀତ କରାଯାଇଛି । ୨୦୨୫ ଚାମ୍ପିୟନ୍ସ ଟ୍ରଫିରେ ଶୁଭମନ ଗିଲଙ୍କ ବ୍ୟାଟିଂ ଚମତ୍କାର ପ୍ରଦର୍ଶନ ଥିଲା । ଟିମ୍ ଇଣ୍ଡିଆର ବିଜୟରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ଫେବ୍ରୁଆରି ମାସରେ ଶୁଭମନଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ଥିଲା । ଏହି ମାସରେ ସେ ମୋଟ ୪୦୬ ରନ୍ କରିଥିଲେ, ଯେଉଁଥିରେ ଭାରତ ବନାମ ଇଂଲଣ୍ଡ ଦିନିକିଆ ଶୃଙ୍ଖଳା ଏବଂ ଚାମ୍ପିୟନ୍ସ ଟ୍ରଫିର ପ୍ରାରମ୍ଭିକ ମ୍ୟାଚ୍ ସାମିଲ ଥିଲା । ଫେବ୍ରୁଆରି ମାସରେ ଶୁଭମନଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ଥିଲା । ଏହି ମାସରେ ସେ ମୋଟ ୪୦୬ ରନ୍ କରିଥିଲେ, ଯେଉଁଥିରେ ଭାରତ ବନାମ ଇଂଲଣ୍ଡ ଦିନିକିଆ ଶୃଙ୍ଖଳା ଏବଂ ଚାମ୍ପିୟନ୍ସ ଟ୍ରଫିର ପ୍ରାରମ୍ଭିକ ମ୍ୟାଚ୍ ସାମିଲ ଥିଲା । ଏହି ସମୟରେ ଶୁଭମନ ଗିଲଙ୍କ ଷ୍ଟ୍ରାଇକ୍ ରେଟ୍ ଓ ବ୍ୟାଟିଂ ଆଭରେଜ୍ ଉଲ୍ଲେଖନୀୟ ରହିଥିଲା । ଇଂଲଣ୍ଡ ବିପକ୍ଷରେ ଖେଳାଯାଇଥିବା ୩ଟି ଦିନିକିଆରେ ଶୁଭମନ ଗିଲ୍ ପ୍ରତ୍ୟେକ ଥର ୫୦ରୁ ଅଧିକ ରନ୍ କରିଥିଲେ । ଏହାପରେ ଚାମ୍ପିୟନ୍ସ ଟ୍ରଫିରେ ନିଜର ପ୍ରଥମ ମ୍ୟାଚ୍ ପାଇଁ ପଡ଼ିଆକୁ ଓହ୍ଲାଇଥିବା ବେଳେ ବାଂଲାଦେଶ ବିପକ୍ଷ ପ୍ରଥମ ମ୍ୟାଚରେ ଶତକ ହାସଲ କରି ନିଜର ଫର୍ମ ଘୋଷଣା କରିଥିଲେ । ତେବେ ଚାମ୍ପିୟନ୍ସ ଟ୍ରଫିର ସେମିଫାଇନାଲ ଓ ଫାଇନାଲ ମ୍ୟାଚରେ ଶୁଭମନଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ଥିଲା ।

# ମୁମ୍ବାଇ ଇଣ୍ଡିଆନ୍ସରେ ଯୋଗଦେଲେ ପାଣ୍ଡ୍ୟା



**ମୁମ୍ବାଇ, ୧୨/୩:** ଆଇସିସି ଚାମ୍ପିଅନ୍ସ ଟ୍ରଫି ବିଜୟ ପରେ ଭାରତୀୟ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ତୁରନ୍ତ ତାଙ୍କ ଆଇପିଏଲ୍ ଦଳ ମୁମ୍ବାଇ ଇଣ୍ଡିଆନ୍ସରେ ଯୋଗ ଦେଇଛନ୍ତି । ହାର୍ଦ୍ଦିକଙ୍କୁ ନିଆରା ବାର୍ତ୍ତାରେ ସ୍ୱାଗତ କରିଛି ମୁମ୍ବାଇ ଇଣ୍ଡିଆନ୍ସ । 'ତୋପ ଆସି ପହଞ୍ଚିଗଲେ' ବୋଲି ସାମାଜିକ ଗଣମାଧ୍ୟମରେ ଲେଖିଛି ଏହି ୫ ଥର ବିଜେତା ଦଳ । ହାର୍ଦ୍ଦିକ ମଧ୍ୟ ଗତ ଦୁଇଟି ଆଇସିସି ଟ୍ରଫି ବିଜୟରେ ଭାରତୀୟ ଦଳର ପ୍ରମୁଖ ଅଂଶ ରହି ଆସିଛନ୍ତି । ହାର୍ଦ୍ଦିକ କିନ୍ତୁ ମୁମ୍ବାଇ ଇଣ୍ଡିଆନ୍ସର ପ୍ରଥମ ମ୍ୟାଚ୍ ଖେଳିବେ ନାହିଁ । ଗତବର୍ଷ ମୁମ୍ବାଇ ଇଣ୍ଡିଆନ୍ସର ଶେଷ ଲିଗ୍ ମ୍ୟାଚ୍‌ରେ ସ୍ଲୋ ଓଭର୍ ରେଟ୍ ପାଇଁ ଅଧିନାୟକ ଭାବେ ହାର୍ଦ୍ଦିକଙ୍କ ଉପରେ ଗୋଟିଏ ମ୍ୟାଚ୍ ନିଲମ୍ବନ ଲାଗୁ ରହିଛି । ୨୦୨୪ରେ ମୁମ୍ବାଇ ପ୍ଲେ ଅଫ୍ ଯୋଗ୍ୟତା ଅର୍ଜନ କରିପାରି ନଥିଲା । ତେଣୁ ହାର୍ଦ୍ଦିକ ମାର୍ଚ୍ଚ ୨୩ ତାରିଖରେ ମୁମ୍ବାଇ ଇଣ୍ଡିଆନ୍ସର ପ୍ରଥମ ମ୍ୟାଚ୍ (ବନାମ ଚେନ୍ନାଇ ସୁପର୍ କିଙ୍ଗ୍ସ)ରେ ଖେଳିବେ ନାହିଁ । ଆଇସିସି ଚାମ୍ପିଅନ୍ସ ଟ୍ରଫିରେ ହାର୍ଦ୍ଦିକ ୫ ମ୍ୟାଚ୍ ଖେଳି ୨୪.୭୫ ହାରରେ ୯୯ ରନ୍ ସଂଗ୍ରହ କରିବା ସହ ୫.୮୩ ହାରରେ ୪ ୱିକେଟ୍ ନେଇଥିଲେ । ୨୦୧୭ ଆଇସିସି ଚାମ୍ପିଅନ୍ସ ଟ୍ରଫି ଫାଇନାଲ୍‌ରେ ପାକିସ୍ତାନ ନିକଟରୁ ଭାରତ ହାରିଯାଇଥିଲା । ଏବେ ଏହାର ଭରଣା କରାଯାଇଥିବାରୁ ହାର୍ଦ୍ଦିକ ଖୁସି ବ୍ୟକ୍ତ କରିଛନ୍ତି ।

## ଯାତ୍ରୀଙ୍କ ଯାତ୍ରା ସୁବିଧା ପାଇଁ ଅଧିକ ହୋଲି ସ୍ପେଶାଲ୍ ଟ୍ରେନ ଚଳାଇବ ପୂର୍ବତଟ ରେଳପଥ

**ଭୁବନେଶ୍ୱର, ୧୨/୩(ନିପ୍ର):** ହୋଲି ପର୍ବ ସମୟରେ ବର୍ଦ୍ଧିତ ଯାତ୍ରୀ ଚାହିଦାକୁ ପୂରଣ କରିବା ପାଇଁ ପୂର୍ବତଟ ରେଳପଥ ପ୍ରମୁଖ ସ୍ଥାନଗୁଡ଼ିକୁ ସ୍ୱତନ୍ତ୍ର ଟ୍ରେନ ସଂଯୋଗ ଯୋଜନା କରି ଅଧିକ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଇବାକୁ ନିଷ୍ପତ୍ତି ନେଇଛି । ଏହି ସ୍ୱତନ୍ତ୍ର ଟ୍ରେନ୍ ଗୁଡ଼ିକ ଯାତ୍ରୀମାନଙ୍କ ପାଇଁ ଅତିରିକ୍ତ ଯାତ୍ରା ବିକଳ୍ପ ପ୍ରଦାନ କରିବ ଏବଂ ନିୟମିତ ଟ୍ରେନ୍ ଗୁଡ଼ିକରେ ଭିଡ଼ କମ୍ କରିବାରେ ସାହାଯ୍ୟ କରିବ । ପୂର୍ବତଟ ରେଳପଥ ମଧ୍ୟରୁ ପୁଣି ଗୋଟିଏ ସ୍ୱତନ୍ତ୍ର ଟ୍ରେନ ରାୟଗଡ଼ା-ଟିଟିଲାଗଡ଼-ସମ୍ବଲପୁର-ରାଉରକେଲା ମାର୍ଗ ଦେଇ ବିଶାଖାପାଟଣା ଏବଂ ପାଟନା ମଧ୍ୟରେ ଚଳାଚଳ କରାଇବ । ଟ୍ରେନ୍ ନମ୍ବର ୦୮୫୩୭/୦୮୫୩୮ ବିଶାଖାପାଟଣା-ପାଟନା-ବିଶାଖାପାଟଣା ହୋଲି ସ୍ପେଶାଲ୍ ଟ୍ରେନ ବିଶାଖାପାଟଣାରୁ: ପ୍ରତି ରବିବାର (୧୬ ମାର୍ଚ୍ଚ ରୁ ୩୦ ମାର୍ଚ୍ଚ) ଦିନ ୧୯୩୦ ଘଣ୍ଟାରେ ଛାଡ଼ିବ ।

## ପ୍ରଶାସନିକ ହସ୍ତକ୍ଷେପ ଯୋଗୁଁ ବନ୍ଦ ହେଲା ବାଲ୍ୟ ବିବାହ

**କୁଚିଣ୍ଡା,୧୨/୩(ନିପ୍ର):** ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁସୁମୀ ଗ୍ରାମରେ ହେବାକୁଥିବା ବାଲ୍ୟ ବିବାହ ପ୍ରଶାସନିକ ହସ୍ତକ୍ଷେପ ଯୋଗୁଁ ବନ୍ଦ ହୋଇଛି । ମହୁଲପାଲି ଥାନା କୁସୁମୀ ଗ୍ରାମର ଜଣେ ନାବାଳିକାଙ୍କ ସହ ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ଥାନା ଗୋପନା ଗ୍ରାମର ଦେବାନନ୍ଦ ଦାଶଙ୍କ ବୁଧବାର ବିବାହ ସ୍ଥିରୀକୃତ ହୋଇଥିଲା । ଏଥିପାଇଁ ବରକନ୍ୟା ଉଭୟଙ୍କ ଘରେ ବନ୍ଧୁବାନ୍ଧବଙ୍କ ସମାଗମ ହୋଇ ସମସ୍ତ ମାଙ୍ଗଳିକ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । କନ୍ୟା ଘରକୁ କେବଳ ବରଯାତ୍ରୀ ପହଞ୍ଚିବା ବାକିଥିଲା । ମାତ୍ର କନ୍ୟା ଜଣେ ନାବାଳିକା ହୋଇଥିବା ଜଣାପଡ଼ିବା ପରେ ଏଥିରେ ପ୍ରଶାସନ ହସ୍ତକ୍ଷେପ କରିଥିଲା । ଖବରପାଇ କୁଚିଣ୍ଡା ସିଡିପିଓ ତଥା ବାଲ୍ୟ ବିବାହ ନିରୋଧ ଅଧିକାରିଣୀ ରାଜଶ୍ରୀ ପରିଡ଼ାଙ୍କ ହସ୍ତକ୍ଷେପ ଯୋଗୁଁ ଏହି ବିବାହ ବନ୍ଦ ହୋଇଥିଲା । ସିଡିପିଓ ପରିଡ଼ାଙ୍କ ସହ କୁନ୍ତରା ଗୋଷ୍ଠି ସ୍ୱାସ୍ଥ୍ୟ ଅଧିକାରୀ ଡା.ଈଶ୍ୱର ମୁଣ୍ଡା, ଶିଶୁସୁରକ୍ଷା ଅଧିକାରିଣୀ ସରିତା ମହାପାତ୍ର,ମହିଳା ପରିଦର୍ଶୀକା ଜ୍ୟୋତି ମିଶ୍ର, ଅଙ୍ଗନୱାଡ଼ି କର୍ମୀ,ଆଶା କର୍ମୀ,ମହିଳା ସ୍ୱାସ୍ଥ୍ୟକର୍ମୀ, ମହୁଲପାଲି ଥାନା ଅଧିକାରୀ ଓ କୁସୁମୀ ଫାଣ୍ଡି ଅଧିକାରୀ ମିଳିତ ଭାବେ ନାବାଳିକାଙ୍କ ଘରକୁ ଯାଇ ବାଲ୍ୟ ବିବାହ ଏକ ଧର୍ତ୍ତବ୍ୟ ଅପରାଧ ବୋଲି ବୁଝାଇ ଥିଲେ । ପରେ ଉକ୍ତ ବିବାହ ବନ୍ଦ ହୋଇଥିଲା । ଅନ୍ୟ ପକ୍ଷରେ ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ବ୍ଲକ ସିଡିପିଓ ଏବଂ ଶିଶୁ ସୁରକ୍ଷା କମିଟିର କର୍ମକର୍ତ୍ତା ମାନେ ଏହି ବିବାହ ବନ୍ଦ ପାଇଁ ବର ପକ୍ଷ ଲୋକଙ୍କୁ ବରଯାତ୍ରୀ ନଯିବା ପାଇଁ ବୁଝାଇଥିଲେ ।

## ଶୂନ୍ୟକାଳରେ ତାରାଙ୍କ ନିଲମ୍ବନ କଥା ଉଠାଇଲେ ବିଜେଡି ବିଧାୟକ

ଭୁବନେଶ୍ୱର, ୧୨ ।୩(ନିପ୍ର): ଶୂନ୍ୟ କାଳରେ ବିଧାନସଭାରେ କଂଗ୍ରେସ ବିଧାୟକ ତାରା ବାହିନୀପତିଙ୍କ ନିଲମ୍ବନ କଥା ଉଠାଇଛନ୍ତି ବିଜେଡି ବିଧାୟକ । ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରସନ୍ନ ଆଚାର୍ଯ୍ୟ ଓ ଗଣେଶ୍ୱର ବେହେରା କହିଛନ୍ତି ଯେ,ଗତକଲି ଗୃହରେ ଘଟିଥିବା ଘଟଣା ଦୁଃଖଦାୟକ । ହେଲେ ଏହା କାହିଁକି ଘଟିଲା ସେ ଉପରେ ତର୍ଜମା ହେବା ଦରକାର । ଯାହା ଘଟିଲା ଆକସ୍ମିକ ଥିଲା । ଯଦି ପ୍ରସଙ୍ଗ ଉପରେ ତତ୍‌କ୍ଷଣାତ ପ୍ରତିକ୍ରିୟା ଦେଇଥାନ୍ତେ କିମ୍ବା ଅଧକ୍ଷ ମହୋଦୟ ଉଭୟ ପକ୍ଷକୁ ଶୁଣିଥାନ୍ତେ ଏଭଳି ଘଟଣା ଘଟି ନ ଥାନ୍ତା ।

## ବାଚସ୍ପତିଙ୍କୁ ଭେଟିଲେ ବିଜେଡି ବିଧାୟକ

ଭୁବନେଶ୍ୱର, ୧୨ ।୩(ନିପ୍ର)- ବାଚସ୍ପତିଙ୍କୁ ଭେଟିଛନ୍ତି ବହୁ ବିଜେଡି ବିଧାୟକ । ବିରୋଧୀଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ନେତୃତ୍ୱରେ ବିଜେଡି ବିଧାୟକମାନେ ବାଚସ୍ପତି ସୁରମା ପାଢ଼ୀଙ୍କୁ ଭେଟିବା ସହ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ନିଲମ୍ବନ ପ୍ରତ୍ୟାହାର ଦାବି କରିଛନ୍ତି । ବିରୋଧୀଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ, ଗତକାଲି ଘଟିଥିବା ଘଟଣାର ତର୍ଜମା କରିବାର ଆବଶ୍ୟକତା ଥିଲା । ତାରା ପ୍ରସାଦ ବାହିନୀପତିଙ୍କ ନିଲମ୍ବନ ନିଷ୍ପତ୍ତି ପୁନଃବିଚାର କରିବା ପାଇଁ ବାଚସ୍ପତିଙ୍କୁ ଭେଟି ଦାବି କରିଛୁ ବୋଲି ସେ କହିଛନ୍ତି ।

## ବିବାହ କଲେ ବିଜେଡି ନେତା ପ୍ରଦୀପ ମାଝୀ



**ଭୁବନେଶ୍ୱର, ୧୨/୩(ନିପ୍ର):** ବରବେଶରେ ପ୍ରଦୀପ ମାଝୀ । ଧଳା ସେରୱାନୀକୁ ଯୁତି, ମୁଣ୍ଡରେ ପଗଡ଼ି । ଲଙ୍ଗ ଟାଇମ୍ ବ୍ୟାଚେଲରରୁ ମ୍ୟାରେଡ୍ ମ୍ୟାନ୍ । ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି ନବରଙ୍ଗପୁରର ପୂର୍ବତନ ସାଂସଦ, ବର୍ତ୍ତମାନର ବିଜେଡି ନେତା ପ୍ରଦୀପ ମାଝୀ । ମ୍ୟାରେଜ ଡେଷ୍ଟିନେସନ୍ ଗୋଆର ପାଞ୍ଜିମରେ ପଡ଼ିଛି ହାତଗଣ୍ଠି । କେନ୍ଦ୍ରାପଡ଼ାର ଝିଅ ସୁଶ୍ରୀ ସଙ୍ଗୀତାଙ୍କ ହାତ ଧରିଛନ୍ତି ପ୍ରଦୀପ । ଯାହାର ସାକ୍ଷୀ ବନିଥିଲେ ପରିବାର ଓ କିଛି ଅନ୍ତରଙ୍ଗ ବନ୍ଧୁ ।

## ହୋମଗାର୍ଡ ପୋଷ୍ଟ: ବିଟେକ୍-ଏମଟେକ୍ ଓ ଏମସିଏ ଡିଗ୍ରୀଧାରୀ ପକାଇଛନ୍ତି ଫର୍ମ

**ଭୁବନେଶ୍ୱର, ୧୨/୩(ନିପ୍ର):** ହୋମଗାର୍ଡ ଚାକିରି ପାଇଁ ହାଉଜାଉ । ରାଉରକେଲା ପୋଲିସ ଜିଲ୍ଲାରେ ୧୦୭ଟି ହୋମଗାର୍ଡ ପଦବୀରେ ନିଯୁକ୍ତି ବାହାରିଥିବା ବେଳେ ଆବେଦନ ଟପିଲାଣି ୯ ହଜାର । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, ଆବେଦନକାରୀଙ୍କ ମଧ୍ୟରେ ରହିଛନ୍ତି ବହୁ ଉଚ୍ଚଶିକ୍ଷିତ । ଏପରିକି ବିଟେକ୍, ଏମ୍ ଟେକ୍ ଏବଂ ଏମସିଏ କରିଥିବା ପିଲା ବି କରିଛନ୍ତି ଆବେଦନ । ପ୍ରଶ୍ନ ଉଠୁଛି, ହୋମଗାର୍ଡ ଚାକିରି ପାଇଁ ଉଚ୍ଚଶିକ୍ଷିତ ପିଲାଙ୍କ ମଧ୍ୟରେ ଏଭଳି ଦୌଡ଼ କାହିଁକି ? ବେକାରି ସମସ୍ୟା ଏହାର କାରଣ ନୁହେଁ ତ ?

# ରାଜଧାନୀରୁ ଟ୍ରାଫିକ ସମସ୍ୟା ଦୂର ପାଇଁ ସାଂସଦଙ୍କ ଉଦ୍ୟମ

### ପଳାଶୁଣିରେ ଗଙ୍ଗୁଆ ନାଳ ଉପରେ ହେବ ୬ ଲେନ୍ ରାସ୍ତା

### ୫୦ କୋଟି ଟଙ୍କା ମଞ୍ଜୁର କଲେ କେନ୍ଦ୍ରମନ୍ତ୍ରୀ ଗଡକରୀ





**ଭୁବନେଶ୍ୱର, ୧୨/୩(ନିପ୍ର):** ଦୂର ହେବାକୁ ଯାଉଛି ଭୁବନେଶ୍ୱର ପଳାଶୁଣିରେ ଦୀର୍ଘ ବର୍ଷର ଟ୍ରାଫିକ୍ ସମସ୍ୟା । ଗଙ୍ଗୁଆ ନାଳ ଉପରେ ୬ ଲେନ୍ ବିଶିଷ୍ଟ ରାସ୍ତା ନେଇ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁର କରିଛନ୍ତି କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ । ଦିଲ୍ଲୀ ଗସ୍ତରେ ଆଜି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ସାକ୍ଷାତ କରିଥିଲେ । ଏହି ଅବସରରେ ପଳାଶୁଣି ଗଙ୍ଗୁଆ ନାଳ ଉପରେ ଥିବା ବ୍ରିଜର ପ୍ରଶସ୍ତିକରଣ ତଥା ପଳାଶୁଣିରେ ଟ୍ରାଫିକ୍ ସମସ୍ୟାର ଦୂରିକରଣ ନେଇ ୬ ଲେନ୍ ବିଶିଷ୍ଟ ରାସ୍ତା ପ୍ରକଳ୍ପକୁ ମୋହର ବାଜିଥିବା ନେଇ ସୂଚନା ଦେଇଛନ୍ତି ଭୁବନେଶ୍ୱର ସାଂସଦ । ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ପ୍ରମୁଖ ପ୍ରବେଶ ଦ୍ୱାର ହେଉଛି ପଳାଶୁଣି ଓ ରସୁଲଗଡ଼ । କଟକରୁ ଭୁବନେଶ୍ୱରକୁ ସଂଯୋଗର ପ୍ରମୁଖ ପ୍ରବେଶ ମଧ୍ୟ ପଳାଶୁଣି । ପ୍ରତ୍ୟକ ଦିନ ଏହି ରାସ୍ତାରେ ସକାଳେ ଓ ସନ୍ଧ୍ୟାରେ ପ୍ରବଳ ଟ୍ରାଫିକ୍ ସମସ୍ୟାର ସାମ୍ନା କରିଥାନ୍ତି ରାଜଧାନୀବାସୀ । ଏହାର ଦୂର କରିବାକୁ ବିଭିନ୍ନ ସମୟରେ ଶତାଧିକ ଲୋକଙ୍କ ପକ୍ଷରୁ ରାସ୍ତା ପ୍ରଶସ୍ତିକରଣ ତଥା ଗଙ୍ଗୁଆ ନାଳ ଉପର ବ୍ରିଜର ପ୍ରଶସ୍ତିକରଣ ନେଇ ଦାବି ହୋଇ ଆସୁଥିଲା । କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡକରୀ ଏହି ପ୍ରକଳ୍ପ ପାଇଁ ୫୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଭୁବନେଶ୍ୱର ସାଂସଦଙ୍କ ପ୍ରସ୍ତାବ ଅନୁସାରେ ପଳାଶୁଣିରେ ଥିବା ୪ ଥାକିଆ ରାସ୍ତାକୁ ୬ ଥାକିଆ କରାଯିବ । ବର୍ତ୍ତମାନ ଗଙ୍ଗୁଆ ନାଳ ଉପରେ ୪ ଥାକିଆ ପୋଲ ରାସ୍ତା ରହିଛି । ଏହା ଦେଇ ଯାଇଥିବା ଏନଏଚ ୧୬ର ଟ୍ରାଫିକ୍ ସମସ୍ୟାକୁ ଏହା ଦୂର କରିପାରୁନି । ତେଣୁ ଭୁବନେଶ୍ୱର ସାଂସଦଙ୍କ ଅନ୍ୟତମ ଡ୍ରିମ୍ ପ୍ରୋଜେକ୍ଟ ଭାବରେ ଏଠାରେ ଏକ ୬ ଥାକିଆ ଲେନ୍ ବିଶିଷ୍ଟ ରାସ୍ତା କରାଯିବ । ୪ ଥାକିଆ ରାସ୍ତାରେ ଉଭୟ ବାମ ଓ ଦକ୍ଷିଣ ପାର୍ଶ୍ୱରେ ଆଉ ଗୋଟିଏ ଲେଖାଏ ଲେନ୍ ରାସ୍ତା ବାହାର କରାଯିବ । ୨୪୦ ମିଟର ଲମ୍ବ ବିଶିଷ୍ଟ ପୋଲ ଉପରେ ଆଉ ଦୁଇଟି ଅତିରିକ୍ତ ଲେନ୍ ପୋଲ ରାସ୍ତା ନିର୍ମାଣ କରାଯିବା ନେଇ ଭୁବନେଶ୍ୱର ସାଂସଦ ସୂଚନା ଦେଇଛନ୍ତି । ଏହି ପ୍ରକଳ୍ପକୁ ମଞ୍ଜୁରି ଦେଇଥିବାରୁ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀଙ୍କୁ ଗଭୀର କୃତଜ୍ଞତା ଜଣାଇଛନ୍ତି ଭୁବନେଶ୍ୱର ସାଂସଦ । ଏହି ଅବସରରେ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଚର୍ଚ୍ଚା ହୋଇଥିବା ସୂଚନା ଦେଇଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ । ଗତମାସରେ ପଳାଶୁଣିରେ ଭୁବନେଶ୍ୱର ସାଂସଦଙ୍କ ଉଦ୍ୟମରେ ଏକ ଫୁଟ୍ ଓଭର ବ୍ରିଜର ମଧ୍ୟ ଲୋକାର୍ପଣ ହୋଇଥିଲା । ଯାହାକି ସ୍ଥାନୀୟ ଲୋକଙ୍କର ଦୀର୍ଘ ବର୍ଷର ଦାବି ରହିଥିଲା । ଏବେ ପଳାଶୁଣିରେ ୪ ଲେନ୍ ରାସ୍ତାକୁ ୬ ଲେନ୍ ବିଶିଷ୍ଟକୁ ପ୍ରଶସ୍ତିକରଣ କରାଗଲେ, ବାସ୍ତବରେ ପଳାଶୁଣିରେ ବହୁ ମାତ୍ରାରେ ଟ୍ରାଫିକ୍ ଜାମରୁ ନିସ୍ତାର ମିଳିବ ବୋଲି ଆଶା କରାଯାଉଛି ।

## ବିଧାନସଭା ସମାଚାର

### ଓଡ଼ିଶାରେ ୨୦୯୭ ଷ୍ଟାର୍ଟଅପ୍‌କୁ ମିଳିଛି ସ୍ୱୀକୃତି

**ଭୁବନେଶ୍ୱର, ୧୨/୩(ନିପ୍ର):** ଷ୍ଟାର୍ଟଅପ୍ ଇଣ୍ଡିଆ ଗଠନ ପରଠାରୁ ଆଜି ପର୍ଯ୍ୟନ୍ତ ଓଡିଶାରେ ୨୦୯୭ଟି ଷ୍ଟାର୍ଟଅପ୍‌ମାନଙ୍କୁ ଓଡିଶା ଷ୍ଟାର୍ଟଅପ୍ ନୀତି ମାଧ୍ୟମରେ ସ୍ୱୀକୃତି ମିଳିଛି । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ । ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ ଷ୍ଟାର୍ଟଅପ୍‌ମାନଙ୍କୁ ପ୍ରୋତ୍ସାହନ ଦେବାପାଇଁ ୧୧୨ଟି ଷ୍ଟାର୍ଟଅପ୍‌କୁ ସବସିଡ଼ିଯୁକ୍ତ ଅଙ୍କୁରଣର ସୁବିଧା ମିଳିଛି । ୮୮ଟି ଷ୍ଟାର୍ଟଅପ୍‌କୁ ଯାତାୟତ ଭତ୍ତା ପ୍ରଦାନ କରି ବିଭିନ୍ନ ଜାତୀୟ ଓ ଆର୍ନ୍ତଜାତୀୟ ପ୍ରଦର୍ଶନୀରେ ସେମାନଙ୍କ ଉତ୍ପାଦକୁ ପ୍ରଦର୍ଶନ କରିବାପାଇଁ ସରକାର ସୁଯୋଗ ଦେଇଛନ୍ତି । ୪୩୭ଟି ଷ୍ଟାର୍ଟଅପକୁ ବିଭିନ୍ନ ପ୍ରକାର ପ୍ରୋତ୍ସାହନ ଯୋଗାଇ ଦିଆଯାଇଛି । ଏଥି ମଧ୍ୟରେ ଆବଶ୍ୟକତା ଅନୁଯାୟୀ ସହାୟତା, ଉତ୍ପାଦ ବିକାଶ ଏବଂ ବଜାର ପ୍ରବେଶ ସହାୟତା, ମାସିକ ସହାୟତା ଇତ୍ୟାଦି ରହିଛି ।

### ରାଜ୍ୟରେ ଅଣ୍ଡା ଅଭାବ: ମନ୍ତ୍ରୀ

**ଭୁବନେଶ୍ୱର, ୧୨/୩(ନିପ୍ର):** ରାଜ୍ୟରେ ଦୈନିକ ଆବଶ୍ୟକତା ରହିଛି ୩ କୋଟି ଅଣ୍ଡା । ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସୂଚତନା ଦେଇଛନ୍ତି । ୧ କୋଟି ୧୦ ହଜାର ଅଣ୍ଡା ଦୈନିକ ଉତ୍ପାଦନ ହେଉଛି । ଆହୁରି ୧ କୋଟି ୯୦ ଲକ୍ଷ ଆବଶ୍ୟକ ରହୁଛି । ଆଗକୁ ବିଭିନ୍ନ ଯୋଜନାରେ ଅଣ୍ଡା ଉତ୍ପାଦନ କରାଯିବ ।

### ଚାଷୀ ଆତ୍ମହତ୍ୟା: ମାନିଲେ ସରକାର

**ଭୁବନେଶ୍ୱର, ୧୨/୩(ନିପ୍ର):** ଚାଷୀ ଆତ୍ମହତ୍ୟାକୁ ନେଇ ସ୍ୱୀକାର କଲେ ସରକାର । ଚଳିତ ବର୍ଷ ୨ ଜଣ ଚାଷୀ ଆତ୍ମହତ୍ୟା କରିଛନ୍ତି । ଜଣେ ସମ୍ବଲପୁରର ଓ ଅନ୍ୟ ଜଣେ କେନ୍ଦ୍ରାପଡ଼ାର । ବିଧାନସଭାରେ ଏନେଇ କୃଷି ମନ୍ତ୍ରୀ କେଭି ସିଂଦେଓ ଉତ୍ତର ରଖିଛନ୍ତି ।

## ଶ୍ୱେତଗଙ୍ଗାରେ ଉତ୍ତମ ମହାନ୍ତିଙ୍କ ଅସ୍ଥି ବିସର୍ଜନ

**ପୁରୀ,୧୨/୩(ନିପ୍ର):** ଶ୍ରୀକ୍ଷେତ୍ର ଶ୍ୱେତଗଙ୍ଗାରେ ହୋଇଛି ସ୍ୱର୍ଗତ ଉତ୍ତମ ମହାନ୍ତିଙ୍କ ଅସ୍ଥି ବିସର୍ଜନ । ତୀର୍ଥ ପୁଷ୍କରିଣୀ ଶ୍ୱେତଗଙ୍ଗାରେ ରୀତିନୀତି ସହ ବିସର୍ଜନ କର୍ମ ହୋଇଛି । ଅସ୍ଥି ବିସର୍ଜନ ସହ ପିଣ୍ଡଦାନ କରି ବାପାଙ୍କ ଅମର ଆତ୍ମାର ସଦଗତି କାମନା କରିଛନ୍ତି ପୁଅ ବାବୁଶାନ୍ ଓ ବୋହୂ ତୃପ୍ତି । ସେପଟେ ଦଶାହ କର୍ମ ବେଳେ ବାବୁଶାନ ମୁଣ୍ଡନ ନହେବାକୁ ନେଇ ସ୍ପଷ୍ଟିକରଣ ଦେଇଛନ୍ତି ଉତ୍ତମଙ୍କ ସମ୍ପର୍କୀୟ ଅଭିନେତା ରବି ମିଶ୍ର । ରାଜଧର୍ମ ପାଳନ କରିବା ନ୍ୟାୟରେ ସୁଟିଂ ପାଇଁ ମୁଣ୍ଡନ ହୋଇନାହାନ୍ତି ବାବୁଶାନ୍ । ସୁଟିଂ ଶେଷ ହେବାସହ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ପରେ ତ୍ରିବେଣୀରେ ଅସ୍ଥି ବିସର୍ଜନ କରି ମୁଣ୍ଡନ୍ ହେବେ ବାବୁଶାନ୍ । ଅନ୍ୟପଟରେ ମୁଣ୍ଡନ ପାଇଁ କୌଣସି ବାଧ୍ୟବାଧକତା ନାହିଁ । ଶେଷ ଅସ୍ଥି ବିସର୍ଜନ ପରେ ମୁଣ୍ଡନ ହେବାରେ କୌଣସି ଅସୁବିଧା ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ।

## ନାଲ୍‌କୋ ପକ୍ଷରୁ ଅଖିଳ ଭାରତୀୟ ଗ୍ରାହକ ସମ୍ମିଳନୀ



**ଭୁବନେଶ୍ୱର, ୧୨ ।୩(ନିପ୍ର):** ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲକୋ) ପକ୍ଷରୁ ଭୁବନେଶ୍ୱରଠାରେ 'ଟ୍ରାନ୍ସଫର୍ମିଙ୍ଗ ଆଲୁମିନିୟମ ଟୁଗେଦର - ଟୁଡେ, ଟୁମରୋ ଆଣ୍ଡ ବିୟଣ୍ଡ' ବିଷୟବସ୍ତୁ ଆଧାରିତ 'ଅଖିଳ ଭାରତୀୟ ଗ୍ରାହକ ସମ୍ମିଳନୀ ୨୦୨୫' ଆୟୋଜିତ ହୋଇଯାଇଛି । ଏହି ଅବସରରେ ନାଲକୋ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ନିର୍ଦ୍ଦେଶକ (ବାଣିଜ୍ୟିକ) ସଦାଶିବ ସାମନ୍ତରାୟ, ଏବଂ ନିର୍ଦ୍ଦେଶକ (ଉତ୍ପାଦନ) ପଙ୍କଜ କୁମାର ଶର୍ମା ଉପସ୍ଥିତ ରହିଥିଲେ । ପୂର୍ବତଟ ରେଳପଥର ପ୍ରିନ୍ସିପାଲ ମ୍ୟାନେଜର ସଞ୍ଜୟ କୁମାର ମିଶ୍ର (ଆଇଆରଟିଏସ) କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ନିଜ ଅଭିଭାଷଣରେ ନାଲକୋ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ 'ବିକଶିତ ଭାରତ ୨୦୪୭' ସ୍ୱପ୍ନକୁ ସାକାର କରିବା ଦିଗରେ ଆଲୁମିନିୟମ ଧାତୁର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ।

GOVERNMENT OF ODISHA
AGRICULTURE& FARMERS' EMPOWERMENT DEPARTMENT
Of The Superintending Engineer (Agril.),Southern Zone, Brahmapur,
At Rite Campus,Rangeilunda
E-mail- seagrilsz@gmail.com
**INVITATIONS FOR BIDS THROUGH e-Procurement**

L-

Notice No. 451 Date - 11.03.25

**Bid Identification No/e – Procurement Notice No. – S.E (A), S/Z 08 of 2024-25**

The Superintending Engineer (Agril.), Southern Zone, Brahmapur on behalf of the Governor of Odisha invites **Percentage** Rate Bids in **Double Cover** system for the work "Construction of RCC Pre-Cast Boundary wall at Govt. Agril. Farm, Umerkote, Dist – Nabarangpur" for a running length of 6345 Mtr. of an cost around Rs. 3,52,59,165.00 (Excluding GST & CESS) & "Construction of RCC Pre-Cast Boundary Wall at Govt. Agril. Mix Farm, Semiliguda, Dist – Koraput" for a running length of 10300 Mtr. of an cost Rs. 5,72,33,701.00 (Excluding GST & CESS). Only A class contractors of Government of Odisha or of equivalent class of other state Govt./ Railways/ CPWD/ MES having experiences as mentioned in the DTCN after depositing Rs. 10000.00 as bid paper cost can participate in the bidding. Bid documents consisting of detail tender call notice, the schedule of quantities and set of terms and conditions of the contract and other necessary documents will be available on http://tendersorissa.gov.in. website from date. **13.03.2025 at 11:00** AM to Date. **26.03.2025 up to 5:30 P.M** for "ONLINE BIDDING". The original bid documents (Cover-I) will be received in the chamber of Superintending Engineer (Agril.), Southern Zone, Rite Campus, Rangeilunda, Berahmapur from dated. **25.03.2025 at 10:30** AM to date. **27.03.2025 up to 11:30 A.M.** (Except Holidays) through **Government Speed Post/ Registered Post/Personal submission**. Private Courier service is not allowed. Hard copies submitted by the bidders must reach on or before 11:30 AM of 27.03.2025, Which will be opened in the chamber of Superintending Engineer (Agril.), Southern Zone, Ganjam, Berhampur on **27.03.2025 at 02:30 P.M.** in presence of member of the committee & bidders or their authorised representatives.

OIPR- 01504/11/0007/2425 Sd/-Superintenáing Engineer(Agril.), SouthernZone, Brahmapur

C -

ପୌର ପରିଷଦ,କୋରାପୁଟ
KORAPUT MUNICIPALITY

Email: koraputmunicipality2014@gmail.com Mob no : 06852-250629

No – 1112 **EXPRESSION OF INTREST** Dt: 10/03/2025

The Koraput Municipality intends to undertake the preparation of Detailed Project Reports (DPRs) for various development projects like Building, Drain, Culvert and Beautification of Different area under Koraput Municipality as required. Proposals are invited from registered architectural consultants / consultancy firms with relevant experience in preparing DPRs for different Projects for the year 2025-26 upto 2026-27 .

Interested registered architectural firms are requested to submit their sealed quotations to the undersigned on or before 19.03.2025 (5.00 PM) along with a paper cost of Rs. 10,000.00 (Rupees ten thousand only) and a security deposit of Rs. 20,000.00 (Rupees twenty thousand only) in favour of the Executive Officer Koraput Municipality through Demand Draft (DD). The submitted quotation will be opened on dated 20.03.2025 at 4.00 PM in the presence of the member or their authorized representatives.

**Eligibility Criteria :-**
1. The Firm / architectural consultant must be registered with the Council of Architecture and should provide a valid registration number.
2. The bidder must not be disqualified from undertaking any govt. work in odisha.
3. Interested firms/architects may visit the proposed sites as directed by EIC, no travelling, Daily or Halting allowances will be provided by this Municipality.
4. The Project Cost will be decided by the undersigned subject to sanction of fund available, accordingly the DPR will be prepared.

| Sl. No. | Name of the Projects | Rate quoted |
|---|---|---|
| 01 | Building, Park, Culvert , major drains & other beautification work under Koraput Municipality | |

**Quotation Submission:-**
1. The interested architectural firms/consultants must quote their price as a percentage of the total project cost.
2. The quoted percentage shall cover all consultancy charges, including DPR preparation, architectural design, structural design, estimation and Preparation of BOQ.
3. The quotation must be submitted in sealed envelope, clearly mentioning the percentage rate quoted for the project.
4. Incomplete quotations or those received after the deadline shall be rejected.
5. The shortlisting firms will be based on the competitive percentage rate offered.

**Additional Information:-**
1. The Executive officer Koraput Municipality right to accept or reject any or all quotation without assigning any reason thereof.
2. Applicable taxes will be deducted at the time of bill payment.

OIPR-13074/11/0012/2425 Sd/- Executive Officer, koraput Municipality

# ବିଶ୍ୱ ସମୁଦାୟ ନିକଟରେ ୱେଭ୍ସ ସମ୍ମିଳନୀର ବାର୍ତ୍ତା ପହଞ୍ଚାଇବେ ଭାରତ ସରକାର



**ନୂଆଦିଲ୍ଲୀ, ୧୨/୩(ପିଆଇବି):** ଗଣମାଧ୍ୟମ ଏବଂ ମନୋରଞ୍ଜନ କ୍ଷେତ୍ରରେ ଅନ୍ତର୍ଜାତୀୟ ସହଯୋଗକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଭାରତ ସରକାର ବିଶ୍ୱ ସମୁଦାୟ ନିକଟରେ ପ୍ରଥମ ବିଶ୍ୱ ଅଡିଓ ଭିଜୁଆଲ ଏବଂ ମନୋରଞ୍ଜନ ଶିଖର ସମ୍ମିଳନୀ (ୱେଭ୍ସ)ର ବାର୍ତ୍ତା ପହଞ୍ଚାଇବାକୁ ଚାହୁଁଛନ୍ତି । ଏଥିପାଇଁ ଆସନ୍ତାକାଲି ଅର୍ଥାତ୍ ୧୩ ମାର୍ଚ୍ଚ ୨୦୨୫ ଅପରାହ୍ନ ସାଢ଼େ ୪ଟାରେ ନୂଆଦିଲ୍ଲୀର ସୁଷମା ସ୍ୱରାଜ ଭବନ ଠାରେ ଏକ ଲୋକସମ୍ପର୍କ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ହେବାକୁ ଥିବା ଏହି ଲୋକସମ୍ପର୍କ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଆସନ୍ତା ୨ ମଇ ୨୦୨୫ରେ ମୁମ୍ବାଇରେ ପ୍ରଥମ ୱେଭ୍ସ ଘୋଷଣାନାମା ପୂର୍ବରୁ ଗୁରୁତ୍ୱପୂର୍ଣ୍ଣ ବିଶ୍ୱ ଗଣମାଧ୍ୟମ ବିତର୍କରେ ବିଭିନ୍ନ ସରକାରଙ୍କ ଭାଗିଦାରୀ ପାଇଁ ଆମନ୍ତ୍ରଣ କରିବା । କେନ୍ଦ୍ର ବିଦେଶ ମନ୍ତ୍ରୀ ଡକ୍ଟର ଏସ. ଜୟଶଙ୍କର, କେନ୍ଦ୍ର ସୂଚନା ଓ ପ୍ରସାରଣ, ରେଳ ଓ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ସୂଚନା ଓ ପ୍ରସାରଣ ତଥା ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ ମୁରୁଗନଙ୍କ ସମେତ ଆୟୋଜକ ରାଜ୍ୟ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନଭୀସ ଏହି ଲୋକସମ୍ପର୍କ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ । ଦ୍ରୁତ ଗତିରେ ଆଗକୁ ବଢୁଥିବା ଗଣମାଧ୍ୟମ ଏବଂ ମନୋରଞ୍ଜନ କ୍ଷେତ୍ର ପାଇଁ ଏକ ସମନ୍ୱିତ ବିଶ୍ୱସ୍ତରୀୟ ମଞ୍ଚ ଭାବେ ୱେଭ୍ସର ପରିବର୍ତ୍ତନଶୀଳ ସମ୍ଭାବନା ଉପରେ ସେମାନେ ଆଲୋକପାତ କରିବେ । ଏହି କାର୍ଯ୍ୟକ୍ରମରେ ୧୦୦ ରୁ ଅଧିକ ଦେଶର ରାଷ୍ଟ୍ରଦୂତ ଓ ଉଚ୍ଚାୟୁକ୍ତ ଯୋଗଦେବେ ଏବଂ ଏଥିରେ ଗଣମାଧ୍ୟମ ଓ ମନୋରଞ୍ଜନ କ୍ଷେତ୍ରରେ ସମନ୍ୱିତ ଆଭିମୁଖ୍ୟ ପାଇଁ ସୁଯୋଗର ରୂପରେଖ ପ୍ରଦାନ କରାଯିବ । ୨ ମଇ ୨୦୨୫ରେ ମୁମ୍ବାଇଠାରେ ୱେଭ୍ସ ୨୦୨୫ର ଅଂଶବିଶେଷ ଭାବେ ଆୟୋଜିତ ହେବାକୁ ଥିବା ବିଶ୍ୱ ଗଣମାଧ୍ୟମ ବିତର୍କର ଉଦ୍ଦେଶ୍ୟ ହେଉଛି ବିଶ୍ୱସ୍ତରର ନେତା, ନୀତି ନିର୍ମାତା, ଉଦ୍ୟୋଗ ଅଂଶୀଦାର, ମିଡିଆ ପେସାଦାର ଓ କଳାକାରମାନଙ୍କୁ ଗୋଟିଏ ମଞ୍ଚରେ ଏକାଠି କରିବା, ଯାହାଦ୍ୱାରା ସେମାନେ ସୃଜନଶୀଳ ଏବଂ ଗତିଶୀଳ ବିତର୍କରେ ସାମିଲ ହୋଇପାରିବେ । ଏହାର ଉଦ୍ଦେଶ୍ୟ ହେଉଛି ଅନ୍ତର୍ଜାତୀୟ ସହଯୋଗ, ବୈଷୟିକ ନବସୃଜନ ଏବଂ ନୈତିକ ପ୍ରଥା ଉପରେ ଧ୍ୟାନ କେନ୍ଦ୍ରିତ କରି ଅଡିଓ-ଭିଜୁଆଲ ଏବଂ ମନୋରଞ୍ଜନ କ୍ଷେତ୍ରର ଭବିଷ୍ୟତକୁ ଆକାର ଦେବା । ବିତର୍କର ପ୍ରମୁଖ ଉଦ୍ଦେଶ୍ୟ ହେଉଛି ଗଣମାଧ୍ୟମ ଓ ମନୋରଞ୍ଜନ କ୍ଷେତ୍ରରେ ନିରପେକ୍ଷ ଓ ପାରଦର୍ଶୀ ବିକାଶକୁ ସୁନିଶ୍ଚିତ କରିବା ନିମନ୍ତେ ଦେଶଗୁଡ଼ିକ ମଧ୍ୟରେ ଖୋଲା ବିତର୍କ ଏବଂ ସହଯୋଗକୁ ପ୍ରୋତ୍ସାହନ ଦେବା । ବିଶ୍ୱସ୍ତରରେ ସୌହାର୍ଦ୍ଦ୍ୟ ବୃଦ୍ଧି ଉଦ୍ଦେଶ୍ୟରେ, ୱେଭ୍ସ ତତ୍ତ୍ୱାବଧାନରେ ଗଣମାଧ୍ୟମ ଓ ମନୋରଞ୍ଜନ କ୍ଷେତ୍ରରେ ସବୁ ରାଷ୍ଟ୍ରଙ୍କ ପାଇଁ ସମାନ ସୁଯୋଗ ଏବଂ ଚିନ୍ତା ଉପରେ ମଧ୍ୟ ଏହି ବିତର୍କରେ ଆଲୋଚନା କରାଯିବ । ୱେଭସ୍ ହେଉଛି ଏକ ପ୍ରମୁଖ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ ଯାହା ସମଗ୍ର ଗଣମାଧ୍ୟମ ଓ ମନୋରଞ୍ଜନ (ଏମ୍ ଆଣ୍ଡ ଇ) କ୍ଷେତ୍ରକୁ ଏକାଠି କରି ୧ ରୁ ୪ ମଇ ୨୦୨୫ ପର୍ଯ୍ୟନ୍ତ ମହାରାଷ୍ଟ୍ରର ମୁମ୍ବାଇରେ ଆୟୋଜନ କରାଯିବ । ଏହାର ଲକ୍ଷ୍ୟ ହେଉଛି ଭାରତର ଗଣମାଧ୍ୟମ ଓ ମନୋରଞ୍ଜନ ଶିଳ୍ପକୁ ବିଶ୍ୱ ବଜାରରେ ପହଞ୍ଚାଇବା ଏବଂ ବିଶ୍ୱ ଗଣମାଧ୍ୟମ ଓ ମନୋରଞ୍ଜନ ଶିଳ୍ପକୁ ଭାରତୀୟ ବଜାର ସହିତ ଯୋଡ଼ିବା ତଥା ଅଭିବୃଦ୍ଧି, ସହଯୋଗ ଏବଂ ନବସୃଜନକୁ ପ୍ରୋତ୍ସାହିତ କରିବା ।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ